ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୧୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, May 11/2023 Page 20 ₹ 7.00

୪୯ଶ ଭାଗ ୧୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 165 ମୂଲ୍ୟ ₹୭/-

ଚତୁର୍ଥ ଷ୍ଟେଜ୍ ଜିତିଲେ ପେଣ୍ଟ୍ରେ

ଫ୍ରାନ୍ସର ଓରେଲେନ ପରେଟ-ପେଣ୍ଟ୍ରେ ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ ବିଜୟୀ ହୋଇଛନ୍ତି।

୧୨ ୦୯

ବାପାଙ୍କ ସ୍ୱପ୍ନ ପୂରଣ କଲେ ସୋନାକ୍ଷୀ

ୱେବ୍ ସିରିଜ୍‌ରେ ଡେବ୍ୟୁ କରିବାକୁ ଯାଉଥିବା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପୋଲିସ ଭୂମିକାରେ ଅଭିନୟ କରି ତାଙ୍କ ବାପାଙ୍କ ସ୍ୱପ୍ନ ପୂରଣ କରିଥିବା କହିଛନ୍ତି।

୩ ଜଣଙ୍କ ଡିଏନ୍‌ଏରେ ଶିଶୁ ଜନ୍ମ

ଲଣ୍ଡନ,୧୦।୫

ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ୩ ଜଣ ବ୍ୟକ୍ତିଙ୍କ ଡିଏନ୍‌ଏକୁ ମିଶ୍ରଣ କରି ଶିଶୁ ଜନ୍ମ କରାଯାଇଛି। ପିଲାମାନଙ୍କୁ ବିରଳ ଆନୁବଂଶିକ ରୋଗରୁ ମୁକ୍ତ କରିବା ପାଇଁ ଏକ ପ୍ରୟୋଗାତ୍ମକ ଉପାୟରେ ସେମାନଙ୍କୁ ଭୂମିଷ୍ଠ କରାଯାଇଥିବା ବୁଧବାର ଦେଶର ଫର୍ଟିଲିଟି ନିୟନ୍ତ୍ରକ ସ୍ୱଷ୍ଟ କରିଛନ୍ତି। ବ୍ରିଟେନର ହ୍ୟୁମାନ୍ ଫର୍ଟିଲାଇଜେଶନ୍ ଆଣ୍ଡ୍ ଏମ୍ବ୍ରିଲୋଜି ଅଥରିଟି କହିଛନ୍ତି, ଏହି ପ୍ରଣାଳୀ ଜରିଆରେ ୫ରୁ କମ୍ ଶିଶୁ ଜନ୍ମ ହୋଇଛନ୍ତି। କିନ୍ତୁ ସେ ସମ୍ପୃକ୍ତ ପରିବାରଗୁଡ଼ିକର ପରିଚୟ ଗୋପନ ରଖିବାକୁ ଯାଇ ଅଧିକ ତଥ୍ୟ ଦେଇନାହାନ୍ତି। ଏହି ଖବର ପ୍ରଥମେ ଗାର୍ଡିଆନ୍ ଖବରକାଗଜରେ ପ୍ରକାଶ ପାଇଥିଲା। ମାଇଟୋକୋଣ୍ଡ୍ରିଆ ଦୋଷ ଥିବା ମହିଳାଙ୍କ ପ୍ରସବରେ ଅସୁବିଧା ହେଉଥିବାରୁ ସେମାନଙ୍କୁ ଏଥରୁ ନିବୃତ୍ତ କରିବା ପାଇଁ ୨୦୧୫ରେ ବ୍ରିଟେନ୍ ଅଭିନବ ଉପାୟରେ ପିଲା ଜନ୍ମ କରାଇବା ନେଇ ଆଇନ ଆଣିଥିଲା।

କାରଣ ଆନୁବଂଶିକ ଦୋଷ ଥିଲେ ପରବର୍ତ୍ତୀ ସମୟରେ ଶିଶୁର ମାଂସପେଶୀରେ ଦୁର୍ବଳତା, ଅପସ୍ମାର, ହୃତ୍‌ପିଣ୍ଡ ସମସ୍ୟା ଏବଂ ବୌଦ୍ଧିକ ଅକ୍ଷମତା ଦେଖିବାକୁ ମିଳିଥାଏ। ବ୍ରିଟେନ୍‌ରେ ଜନ୍ମିତ ପ୍ରତି ୨୦୦ ଶିଶୁଙ୍କ ମଧ୍ୟରୁ ଜଣେ ମାଇଟୋକୋଣ୍ଡ୍ରିଆ ଡିଜ୍‌ଅର୍ଡର ରୋଗର ଶିକାର ହୋଇଥାଆନ୍ତି। ଅଦ୍ୟାବଧି ୩୨ ରୋଗୀଙ୍କୁ ଏଭଳି ରୋଗର ଚିକିତ୍ସା ପାଇଁ ଅନୁମତି ମିଳିଛି। ବୈଜ୍ଞାନିକମାନେ ମାଇଟୋକୋଣ୍ଡ୍ରିଆ ଦୋଷଯୁକ୍ତ ମହିଳାଙ୍କ ଭ୍ରୂଣରୁ ଆନୁବଂଶିକ ଉପାଦାନ ନେଇ ଡୋନର୍‌ଙ୍କ ଶୁକ୍ରାଣୁକୁ ସ୍ଥାନାନ୍ତର କରିଥାନ୍ତି। ପରେ ସେହି ଶୁକ୍ରାଣୁକୁ ଅନ୍ୟ ☞ପୃଷ୍ଠା–୪

କର୍ନାଟକ: କଂଗ୍ରେସକୁ ମିଳିପାରେ ଅଧିକ ଆସନ

ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ

ବେଙ୍ଗାଲୁରୁ,୧୦।୫

୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭା ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ୍ ଏଥର ମଧ୍ୟ ଝୁଲା ସ୍ଥିତିର ସଙ୍କେତ ଦେଇଛି। ରାଜ୍ୟବାସୀ ଦୀର୍ଘ ୩୮ ବର୍ଷ ମଧ୍ୟରେ କୌଣସି ଶାସକ ଦଳକୁ ଲଗାତର ଦ୍ୱିତୀୟ ଥର କ୍ଷମତାସୀନ କରାଇ ନ ଥିବାରୁ ଭାଜପା ପୁନର୍ବାର ବିଧାନସଭାକୁ ଅକ୍ତିଆର କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲା। ତେବେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ସରକାର ବିରୋଧରେ ହାୱା ବହୁଥିବାରୁ ତାଙ୍କ ଶାସନକୁ ନେଇ ଭୋଟର ସେତେଟା ସନ୍ତୁଷ୍ଟ ଥିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷେ ଭାଜପାକୁ କ୍ଷମତାଚ୍ୟୁତ କରି ସରକାର ଗଠନ ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମ କେତେକାଂଶରେ ସଫଳ ହୋଇଥିବା ଜଣାପଡ଼ିଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାରୁ ଏଭଳି ସ୍ଥିତିରେ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ପୁଣି ଥରେ କିଙ୍ଗ୍‌ମେକର ଭୂମିକାରେ ଅବତୀର୍ଣ୍ଣ ହୋଇପାରେ।

ସର୍ଭେ ସଂସ୍ଥା	ଭାଜପା	କଂଗ୍ରେସ+	ଜେଡିଏସ୍	ଅନ୍ୟ
ଟାଇମ୍ସ ନାଓ–ଇଟିଜି	୮୫	୧୧୩	୨୩	–
ଏବିପି ନ୍ୟୁଜ୍–ସି ଭୋଟର	୮୩–୯୫	୧୦୦–୧୧୨	୨୧–୨୯	–
ଜି ନ୍ୟୁଜ୍–ମାଟ୍ରିଜ୍	୭୯–୯୪	୧୦୩–୧୧୮	୨୫–୩୩	୨–୫
ରିପବ୍ଲିକ୍ ଟିଭି–ପି ମାର୍କ	୮୫–୧୦୦	୯୪–୧୦୮	୨୪–୩୨	୨–୬
ନ୍ୟୁଜ୍ ନେଶନ୍–ସିଜିଏସ୍	୧୧୪	୮୬	୨୧	୩
ସୁବର୍ଣ୍ଣ ନ୍ୟୁଜ୍–ଜନ୍ କୀ ବାତ	୯୪–୧୧୭	୯୧–୧୦୬	୧୪–୨୪	୦–୨
ଟିଭି ୯ ଭାରତବର୍ଷ–ପୋଲଷ୍ଟାର୍ଟ	୮୮–୯୮	୯୯–୧୦୯	୨୧–୨୬	୦–୪

ବୁଧବାର ସନ୍ଧ୍ୟା ୬ଟା ୩୦ରେ ନିର୍ବାଚନ କମିଶନ (ଇସି)ଙ୍କ କଟକଣା ଅବଧି ଶେଷ ହେବା ପରେ ଅନେକ ଜାତୀୟ ସର୍ଭେ ସଂସ୍ଥା ପକ୍ଷରୁ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତକୁ ନେଇ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଛି। ଅଧିକାଂଶ ନିର୍ବାଚନମଣ୍ଡଳୀରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଟାଇମ୍ସ ନାଓ–ଇଟିଜି ମତରେ ଭାଜପା ୮୫ ଆସନ ଦଖଲ କରି ଦ୍ୱିତୀୟ ଦଳ ଭାବେ ଉଭା ହେବ। କଂଗ୍ରେସ ୧୧୩ ଆସନରେ ସଫଳତା ହାସଲ କରି ସରକାର ଗଠନ କରିପାରେ। ଜେଡିଏସ୍‌କୁ ୨୩ ଆସନରେ ସନ୍ତୁଷ୍ଟ ହେବାକୁ ☞ପୃଷ୍ଠା–୪

ଝାରସୁଗୁଡ଼ା ଉପନିର୍ବାଚନ: ୭୫.୬% ମତଦାନ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ବୁଧବାର ଶେଷ ହୋଇଛି। ଇଭିଏମ୍‌ରେ ସିଲ୍ ହୋଇଯାଇଛି ୯ ପ୍ରାର୍ଥୀଙ୍କ ଭାଗ୍ୟ। ଏହି ନିର୍ବାଚନରେ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ ୭୫.୬୦ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ମତଦାନ ମୋଟାମୋଟି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ନିର୍ବାଚନରେ ମୋଟ ୨ ଲକ୍ଷ ୨୧ ହଜାର ୭୦ ଜଣ ଭୋଟର ରହିଥିବା ବେଳେ ୨୫୩ଟି କେନ୍ଦ୍ରରେ ମତଦାନ ହୋଇଥିଲା। ସକଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ☞ପୃଷ୍ଠା–୪

କୋଲାବିରା ବ୍ଲକ୍‌ର ଏକ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡ଼ି।

ଆଜିର ସମ୍ପାଦକୀୟ ମନସ୍ତାତ୍ତ୍ୱିକ ବିବର୍ତ୍ତନର ସିଦ୍ଧାନ୍ତ

ଥାନାରେ ଭାଜପା ନେତ୍ରୀଙ୍କ ସ୍ୱାମୀଙ୍କୁ ପିଟିଲେ ଏସ୍‌ପି ବିଧାୟକ

ଉତ୍ତରପ୍ରଦେଶ ଆମେଠି ଜିଲାର ଗୌରୀଗଞ୍ଜ କୋଟ୍ୱାଲି ଥାନାରେ ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ରାକେଶ ପ୍ରତାପ ସିଂ ଶାସକ ଭାଜପା ନେତ୍ରୀ ରଶ୍ମି ସିଂଙ୍କ ସ୍ୱାମୀ ଦୀପକ ସିଂଙ୍କୁ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହୋଇଛି। ପୌର ନିର୍ବାଚନ ପାଇଁ ରଶ୍ମି ଭାଜପା ପ୍ରାର୍ଥୀ ହୋଇଛନ୍ତି। ଏସ୍‌ପି ବିଧାୟକ ଥାନାରେ ଧାରଣାରେ ବସିଥିବାବେଳେ ଦୀପକ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ତାଙ୍କୁ କ୍ରୋଧିତ କରିଥିଲା ବୋଲି ରାକେଶ କହିଛନ୍ତି।

ସଂକ୍ଷେପରେ

ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ

ଡାହୋଡ୍, ୧୦।୫: ଗୁଜରାଟର ଡାହୋଡ୍ ସହରରେ ଥିବା ଏକ ଅଦାଲତ ବୁଧବାର ଜଣେ ୩୮ ବର୍ଷୀୟ ଅଭିଯୁକ୍ତଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ୩ ବର୍ଷ ପୂର୍ବେ ଅଭିଯୁକ୍ତ ତାଙ୍କର ୬ ବର୍ଷର ଭାଣିଜାଙ୍କୁ ବଳାତ୍କାର ପରେ ହତ୍ୟା କରିଥିଲେ। ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସି.କେ. ଚୌହାନଙ୍କ କୋର୍ଟ ଅଭିଯୁକ୍ତ ମାମୁଙ୍କୁ ଆଇପିସିର ଧାରା ୩୦୨, ୩୭୬ ଏବଂ ପୋକ୍ସୋ ଆଇନର ଧାରା ୬ରେ ଦୋଷୀସାବ୍ୟସ୍ତ କରିଥିଲେ। ପୀଡ଼ିତା ଜଣକ ଦାହୋଡରେ ତାଙ୍କ ମାମୁଘରେ ରହୁଥିବାବେଳେ ତା' ମାଆବାପା ରାଜକୋଟରେ ରହିଥିଲେ। ୨୦୨୦ ଜାନୁୟାରୀ ୩୧ ସନ୍ଧ୍ୟାରେ ଅଭିଯୁକ୍ତ ପୀଡ଼ିତାଙ୍କୁ ମୋଟରସାଇକେଲରେ ନେଇଯାଇଥିଲେ। ପରେ ପୀଡ଼ିତାଙ୍କ ମୃତଦେହ ଜଙ୍ଗଲରୁ ମିଳିଥିଲା।

ଯୁବକଙ୍କୁ ପିଟି ମାରିଦେଲେ ଗର୍ଲଫ୍ରେଣ୍ଡ ପରିବାର

ବରେଲି, ୧୦।୫ : ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲାରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ତାଙ୍କ ଗର୍ଲଫ୍ରେଣ୍ଡ ପରିବାର ପିଟି ପିଟି ମାରିଦେଇଛନ୍ତି। ଗତ ୫ ତାରିଖ ରାତିରେ ପରିବାର ସଦସ୍ୟମାନେ ତାଙ୍କର ୨୦ ବର୍ଷୀୟା ଝିଅ ସହ ଅଭିଜିତ କୁମାର ନାମକ ଉକ୍ତ ଯୁବକଙ୍କୁ ଏକାଠି ଦେଖିବା ପରେ ମାଡ଼ ମାରିଥିଲେ। ସେମାନଙ୍କ ଆକ୍ରମଣରେ ଅଭିଜିତ୍‌ଙ୍କ ଗୁପ୍ତାଙ୍ଗରେ କ୍ଷତ ହେବା ସହ ସେ ଦୃଷ୍ଟିଶକ୍ତି ହରାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଖୁ କ୍ଷେତରୁ ପାଇ ସମ୍ପର୍କୀୟମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଜିତଙ୍କ ସହ ଝିଅଟିର ପ୍ରେମ ସମ୍ପର୍କ ଥିଲା ଓ ଉଭୟ ବିବାହ କରିବାକୁ ଚାହୁଁଥିଲେ ବୋଲି ଜଣାପଡ଼ିଛି।

କୋଭିଡ୍ ଚିହ୍ନଟ ଲାଗି ନୂଆ ପରୀକ୍ଷା ପଦ୍ଧତି

ନୂଆଦିଲ୍ଲୀ, ୧୦।୫: କୋଭିଡ୍ ସଂକ୍ରମଣ ଚିହ୍ନଟ କରିବା ଲାଗି ବୈଜ୍ଞାନିକମାନେ ଏକ ନୂଆ ଲେଜର ଭିତ୍ତିକ ଶ୍ୱାସନଳୀ ପରୀକ୍ଷା ପଦ୍ଧତିର ବିକାଶ କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବଳରେ କରାଯାଉଥିବା ଏହି ପରୀକ୍ଷାରେ କୋଭିଡ୍ ସଂକ୍ରମଣକୁ ଅତ୍ୟନ୍ତ ସଠିକ୍ ଭାବେ ଚିହ୍ନଟ କରାଯାଇପାରିବ। ଆମେରିକାର କଲରାଡୋ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ଏକ ଟିମ୍ ବିକଶିତ କରିଥିବା ପଦ୍ଧତି ଅନୁଯାୟୀ ଶ୍ୱାସକ୍ରିୟାରେ ଯାଉଥିବା ବାୟୁର ଗୋଟିଏ ଅଣୁକୁ ଅନ୍ୟଠାରୁ ଅଲଗା ଚିହ୍ନଟ କରିବା ପାଇଁ ଲେଜର ଆଲୋକ ବ୍ୟବହାର କରାଯିବ। ଡାକ୍ତରୀ ନିଦାନରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି କୁହାଯାଉଛି।

ଇଭିଏମ୍‌ରେ ୨,୬୧୫ ପ୍ରାର୍ଥୀଙ୍କ ଭାଗ୍ୟ

କର୍ନାଟକରେ ୭୨% ମତଦାନ

ମହୀଶୂର ଜିଲାର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରଙ୍କ ଲମ୍ବାଧାଡ଼ି।

ବେଙ୍ଗାଲୁରୁ, ୧୦।୫

କର୍ନାଟକ ବିଧାନସଭା ୨୨୪ ଆସନ ପାଇଁ ବହୁ ପ୍ରତୀକ୍ଷିତ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମତଦାନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଭୋଟଗ୍ରହଣ ଶେଷ ହେବା ପରେ ୭୨% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ରାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୮.୨୨% ମତଦାନ ହୋଇଥିବାବେଳେ ବୃହତ୍ ବେଙ୍ଗାଲୁରୁ ମହାନଗର ପାଲିକେ (ବିବିଏମ୍‌ପି) ସାଉଥ୍‌ରେ ସର୍ବନିମ୍ନ ୪୮.୬୩% ଭୋଟ ଗ୍ରହଣ କରାଯାଇଛି। ରାଜ୍ୟର ଅଧିକାଂଶ ଆସନରେ ମୁଖ୍ୟତଃ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଭାଜପା ପୁନର୍ବାର ସରକାର ଗଢ଼ିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିବାବେଳେ କଂଗ୍ରେସ ଶାସକ ଦଳକୁ କ୍ଷମତାଚ୍ୟୁତ କରିବାକୁ ଅଣ୍ଟା ଭିଡ଼ିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟ କିଙ୍ଗ୍ କିମ୍ବା କିଙ୍ଗ୍‌ମେକର ଭୂମିକା ପାଇଁ ସବୁ ପ୍ରକାର ପ୍ରୟାସ ଚଳାଇଥିଲା। ମୋଟ ୫.୩୧ କୋଟି ଯୋଗ୍ୟ ଭୋଟରଙ୍କ ମତାଦାନ ପାଇଁ ସାରା ରାଜ୍ୟରେ ୫୮,୫୪୫ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଥିଲା। ମଇଦାନରେ ୨,୬୧୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ, ଯାହାଙ୍କ ମଧ୍ୟରୁ ୧୮୪ ଜଣ ହେଉଛନ୍ତି ମହିଳା। ଭୋଟ ଶେଷ ହେବା ସହ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ୨୦୧୮ ବିଧାନସଭା ନିର୍ବାଚନରେ ୭୨.୩୬% ମତଦାନ ହୋଇଥିଲା।

ନିର୍ବାଚନୀ ହିଂସା: ୨୩ ଗିରଫ

ବେଙ୍ଗାଲୁରୁ, ୧୦।୫

କର୍ନାଟକର ବିଜୟପୁରା ଜିଲାରେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଏକ ଗାଡ଼ିରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ନିଆଯାଉଥିବା ଦେଖିବାକୁ ପାଇ ମସାବିନାଲା ଗ୍ରାମର ଲୋକେ ଆପତ୍ତି ଉଠାଇଥିଲେ। ସେମାନେ ଉକ୍ତ ଗାଡ଼ିକୁ ଅଟକାଇ ଜଣେ ଅଧିକାରୀଙ୍କୁ ମାଡ଼ ମାରିବା ସହ ବାଲଟ୍ ୟୁନିଟ୍ ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ଏନେଇ ପୋଲିସ ୨୩ ଜଣଙ୍କୁ ଗିରଫ କରିଛି। ଅଧିକାରୀ ଜଣକ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ବଦଳାଇବାକୁ ଯାଉଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଲୋକେ ତାଙ୍କୁ ଆକ୍ରମଣ କରିଥିବା ପୋଲିସ କହିଛି। ଇତିମଧ୍ୟରେ ବେଙ୍ଗାଲୁରୁର ପଦ୍ମନାଭ ନିର୍ବାଚନମଣ୍ଡଳୀରେ କେତେଜଣ ଯୁବକ ନିଜ ରାଜନୈତିକ ବିରୋଧୀଙ୍କୁ ବାଡ଼ିରେ ପିଟିଥିବା ଅଭିଯୋଗ ହୋଇଛି। ଏଥିରେ କେତେଜଣ ମହିଳା ଭୋଟର ଆହତ ହୋଇଛନ୍ତି। ବଲ୍ଲାରି ଜିଲାର ସଞ୍ଜୀବାରାୟନାକୋଟ୍‌ରେ ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି।

ଜୁନ୍ ୨୨ରେ ଆମେରିକା ଯିବେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୧୦।୫

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡ଼ି ଜିଲ୍ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ସେଠାକୁ ଗସ୍ତ କରିବେ। ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ବାଇଡେନ୍ ଦମ୍ପତି ଏକ ନୈଶଭୋଜିର ଆୟୋଜନ କରିବେ। ମୋଦିଙ୍କ ଏହି ଗସ୍ତ ଭାରତ-ଆମେରିକା ରଣନୀତିକ ସମ୍ପର୍କକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି। ଦୁଇ ଦେଶ ବିଭିନ୍ନ ସେକ୍ଟରରେ ପରସ୍ପରକୁ ସହଯୋଗ କରିଆସୁଛନ୍ତି। ଉକ୍ତ ଗସ୍ତ ଅବସରରେ ଦୁଇ ନେତା ପ୍ରଯୁକ୍ତି, ବାଣିଜ୍ୟ, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ଦୃଢ଼ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିବା ସୁଯୋଗ ପାଇବେ। ଚାଇନା ପଟୁ ବିପଦ ବଢୁଥିବାବେଳେ ଏହାର ମୁକାବିଲା ପାଇଁ ବାଇଡେନ୍ ପ୍ରଶାସନ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି ଉପରେ କାର୍ଯ୍ୟ କରୁଥିବାରୁ ଏହା ଦୁଇ ଦେଶର ସମ୍ପର୍କ ବୃଦ୍ଧିରେ ସହାୟକ ହେବ। ୨୦୨୧ରେ କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ମୋଦି ହ୍ୱାଇଟ୍ ହାଉସ ଯାଇଥିବାବେଳେ ବାଇଡେନ୍‌ଙ୍କୁ ସାକ୍ଷାତ୍ କରିଥିଲେ।

ଅର୍ଥ ନାହିଁ, ତଥାପି କିଙ୍ଗ୍: କୁମାରସ୍ୱାମୀ

ବେଙ୍ଗାଲୁରୁ, ୧୦।୫

ଏଚ୍.ଡି. କୁମାରସ୍ୱାମୀ

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନିର୍ବାଚନ ଶେଷରେ ହାତ ଟେକିଦେଇଛନ୍ତି। ସେ କହିଛନ୍ତି, ଜେଡିଏସ୍‌କୁ ଏଥର ୨୫ ଆସନରେ ଝଟ୍‌କା ଲାଗିପାରେ। ଅର୍ଥାଭାବ ହେତୁ ଏହି ଆସନଗୁଡ଼ିକରେ ବିଜୟ ସମ୍ଭାବନା ମଉଳିଯାଇଛି। ପ୍ରାର୍ଥୀମାନଙ୍କୁ ସେ ଆର୍ଥିକ ସହାୟତା ଦେଇପାରି ନାହାନ୍ତି। ଏହାସତ୍ତ୍ୱେ ତାଙ୍କ ଦଳ କଂଗ୍ରେସ ଏବଂ ଭାଜପାଠାରୁ ଆଗରେ ରହିବ ବୋଲି ସେ ଦାବି କରିଛନ୍ତି। ତେବେ ଏଥର ଜେଡିଏସ୍ କିଙ୍ଗ୍ ମେକର ଭୂମିକାରେ ଆସିବ ନାହିଁ। କିଙ୍ଗ୍ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ କୁମାରସ୍ୱାମୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭୋଟ ନ ଦେଲେ ସମାଲୋଚନା ଅଧିକାର ନାହିଁ: ନାରାୟଣମୂର୍ତ୍ତି

ନାରାୟଣ ମୂର୍ତ୍ତିଙ୍କ ସହ ସ୍ତ୍ରୀ ସୁଧା ମୂର୍ତ୍ତି ।

ଆମେ ଯଦି ଭୋଟ ଦେବା ନାହିଁ ତେବେ କୌଣସି ସରକାରକୁ ସମାଲୋଚନା କରିପାରିବା ନାହିଁ। ପ୍ରଥମେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବା ଏବଂ କେଉଁଟା ଭଲ ଓ କେଉଁଟା ଖରାପ ତାହା ପରେ କହିବା। ଆମେ ସେପରି ନ କଲେ ସମାଲୋଚନା କରିବା ଅଧିକାର ହରାଉଛେ ବୋଲି ଆଇଟି ମେଜର ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣମୂର୍ତ୍ତି କହିଛନ୍ତି। ୭୬ ବର୍ଷୀୟ ନାରାୟଣଙ୍କ ସହ ସ୍ତ୍ରୀ ସୁଧା ମୂର୍ତ୍ତି ମଧ୍ୟ ବେଙ୍ଗାଲୁରୁସ୍ଥିତ ଏକ ବୁଥ୍‌ରେ ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହି ଅବସରରେ ସୁଧା କହିଥିଲେ, ମତଦାନ ଗଣତନ୍ତ୍ର ପାଇଁ ପବିତ୍ର। ଏକ ଗଣତନ୍ତ୍ରରେ ନିଜ ଅଧିକାର ସାବ୍ୟସ୍ତ କରିବା ଆମ ଯୁବପିଢ଼ି ଶିଖନ୍ତୁ।

ମତଦାନ କେନ୍ଦ୍ରରେ ପିଲା ଜନ୍ମ

ବେଙ୍ଗାଲୁରୁ, ୧୦।୫

କର୍ନାଟକ ବିଧାନସଭା ନିର୍ବାଚନ ବେଳେ ବଲ୍ଲାରି ନିର୍ବାଚନମଣ୍ଡଳୀର ଏକ ପୋଲିଂ ବୁଥ୍‌ରେ ବିରଳ ଘଟଣା ଘଟିଛି। ଜଣେ ୨୩ ବର୍ଷୀୟା ଗର୍ଭବତୀ ମହିଳା ଏକ ଶିଶୁକୁ ଜନ୍ମ ଦେଇଛନ୍ତି। ମହିଳା ଜଣକ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ ପାଇଁ କୁର୍ଲାଗିଣ୍ଡି ଗ୍ରାମର ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସେ ପ୍ରସବ ବେଦନା ଅନୁଭବ କରିବାରୁ ମହିଳା ଅଧିକାରୀ ଓ ମହିଳା ଭୋଟରମାନେ ତାଙ୍କୁ ସାହାଯ୍ୟ କରିଥିଲେ।

ଶିଶୁ ପୋଷ୍ୟଗ୍ରହଣ ପାଇଁ ଆଇନ ଅନୁମତି ଦେଇଛି: ସର୍ବୋଚ୍ଚ ଅଦାଲତ

ନୂଆଦିଲ୍ଲୀ, ୧୦।୫

ବୈବାହିକ ମାନ୍ୟତା ନିର୍ବିଶେଷରେ ଯେକୌଣସି ବ୍ୟକ୍ତି ଶିଶୁ ପୋଷ୍ୟଗ୍ରହଣ କରିବା ଲାଗି ଭାରତୀୟ ଆଇନ ଅନୁମତି ଦେଇଥିବା ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ନିଜର ଜୈବିକ ସନ୍ତାନ ଥିବା ଆଦର୍ଶ ପରିବାର ବ୍ୟତୀତ ଅନ୍ୟାନ୍ୟ ସ୍ଥିତି ଥାଇପାରେ, ଯାହାକୁ ଆଇନଗତ ସ୍ୱୀକୃତିକୁ ଜୋର୍ ଦେବାକୁ ଯାଇ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନର ଶୁଣାଣି ଅବସରରେ ଶିଶୁର କଲ୍ୟାଣ ସର୍ବାଗ୍ରେ ବୋଲି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) କହିଥିଲା। ସନ୍ତାନ ପୋଷ୍ୟ ଗ୍ରହଣ ମୌଳିକ ଅଧିକାର ନୁହେଁ ବୋଲି ବିଭିନ୍ନ ରାୟରେ କୁହାଯାଇଥିବା ଏନ୍‌ସିପିସିଆର୍ ଯୁକ୍ତି ଦର୍ଶାଇଥିଲା। ଜଣେ ପୁରୁଷ ଓ ମହିଳାଙ୍କଠାରୁ ପ୍ରାକୃତିକ ଭାବେ ଜନ୍ମିତ ସନ୍ତାନର ସ୍ୱାର୍ଥ ଓ କଲ୍ୟାଣର ସୁରକ୍ଷା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ରାଷ୍ଟ୍ର ବିଷମଲିଙ୍ଗୀ ଏବଂ ସମଲିଙ୍ଗୀଙ୍କୁ ଭିନ୍ନ ଭାବେ ଗ୍ରହଣ କରିବା ଯଥାର୍ଥ ବୋଲି ଏନ୍‌ସିପିସିଆର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ସାମ୍ବିଧାନିକ ଖଣ୍ଡପୀଠଙ୍କୁ କହିଥିଲେ।

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ହିନ୍ଦୁ ବିବାହ ଆଇନର ମୂଳ ଲକ୍ଷ୍ୟକୁ ପରାହତ କରିବା ସହ ଅନ୍ୟ ଧର୍ମ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଉଦାରବାଦୀ ଚିନ୍ତାଧାରା କିପରି ଭାରତକୁ କବଳିତ କରୁଛି ଓ ହିନ୍ଦୁବାଦର ଚରିତ୍ରକୁ ପ୍ରଭାବିତ କରୁଛି, ତାହା ଚିତ୍ରଣ କରିବ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ମହିଳା ସଂଗଠନ ସମର୍ଦ୍ଧିନୀ ନ୍ୟାସ ପକ୍ଷରୁ କୁହାଯାଇଛି। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତିର ଧ୍ୱଂସକାରୀ ପ୍ରଭାବ ସମ୍ପର୍କରେ ଏହା ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଭଳି ନିଷ୍ପତ୍ତି ଭାରତର ସାଂସ୍କୃତିକ ମୂଳ ଏବଂ ଭାରତୀୟ ସମାଜକୁ ଦୋହଲାଇଦେବ ବୋଲି ସମର୍ଦ୍ଧିନୀ ନ୍ୟାସ କହିଛି।

ସମଲିଙ୍ଗୀ ବିବାହକୁ ନେଇ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକର ମତାମତ ଲୋଡ଼ିଥିଲେ। ରାଜସ୍ଥାନ ଏହାକୁ ବିରୋଧ କରିଥିବାବେଳେ ଅନ୍ୟ ୬ଟି ରାଜ୍ୟ ଏହାକୁ ଅନୁଧ୍ୟାନ କରିବା ପାଇଁ ସମୟ ମାଗିଥିବା କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମଣିପୁର, ଆସାମ ଓ ସିକିମ।

ବ୍ରିଟେନରେ ଭାରତୀୟ ଛାତ୍ର ସର୍ବାଧିକ

ସୋନିପତ୍, ୧୦।୫ (ଆଇଏଏନ୍‌ଏସ୍)

ବ୍ରିଟେନରେ ଭାରତୀୟ ଛାତ୍ରୀଛାତ୍ର ସଂଖ୍ୟା ଚାଇନା ସମେତ ସବୁ ଦେଶକୁ ଟପିଯାଇଛି। ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିରେ ଭାରତ-ବ୍ରିଟେନ୍ ସମ୍ପର୍କ ଉପରେ ଉଦ୍‌ବୋଧନ ଦେବା ଅବସରରେ ଭାରତରେ ବ୍ରିଟିଶ ହାଇକମିଶନର ଆଲେକ୍ସ ଏଲିସ୍ ଏହା କହିଛନ୍ତି। ଦୁଇ ଦେଶ ମଧ୍ୟରେ ମାନବୀୟ ସମ୍ପର୍କ ଅସାଧାରଣ। ତଥାପି ଭାରତ-ବ୍ରିଟେନ ସମ୍ପର୍କକୁ ଆହୁରି ଗଭୀର ସ୍ତରକୁ ନେବାକୁ ହେବ ବୋଲି ସେ କହିଛନ୍ତି। ୨୦୩୦ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ନିମନ୍ତେ ବୁଝାମଣା ପାଇଁ ଉଦ୍ୟମ ଚାଲିଛି। ଏହା କେବଳ ଅର୍ଥନୈତିକ ମୂଲ୍ୟ ଦୃଷ୍ଟିରୁ ନୁହେଁ, ବରଂ ରଣନୀତିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଲିସ୍ କହିଛନ୍ତି।

ଦେଶରେ ୫୦ କୋଟି ସାଇବର ଆକ୍ରମଣ ରୋକାଯାଇଛି

ନୂଆଦିଲ୍ଲୀ, ୧୦।୫

୨୦୨୩ ପ୍ରଥମ ତ୍ରୈମାସିକରେ ବିଶ୍ୱରେ ୧୦୦ କୋଟି ସାଇବର ଆକ୍ରମଣ ମଧ୍ୟରୁ ଭାରତରେ ୫୦ କୋଟିରୁ ଊର୍ଦ୍ଧ୍ୱ ଆକ୍ରମଣକୁ ରୋକାଯାଇପାରିଛି। ଗତବର୍ଷ ଚତୁର୍ଥ ତ୍ରୈମାସିକରେ ବିଶ୍ୱରେ ୮୨.୯ କୋଟି ସାଇବର ଆକ୍ରମଣ ହୋଇଥିଲା ବେଳେ ଚଳିତବର୍ଷ ପ୍ରଥମ ତ୍ରୈମାସିକରେ ଏହା ୧ ବିଲିୟନକୁ ବୃଦ୍ଧି ପାଇଥିବା ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି। ଆପ୍ଲିକେଶନ ସିକ୍ୟୁରିଟି ସାସ୍ ଫାର୍ମ ଇଣ୍ଟୁସ୍‌ଫେସ୍ ଅନୁଯାୟୀ ଶିଳ୍ପ ସେକ୍ଟର ତୁଳନାରେ ବ୍ୟାଙ୍କିଙ୍ଗ, ଫାଇନାନ୍ସିଆଲ ସର୍ଭିସ ଏବଂ ବୀମା (ବିଏଫ୍‌ଏସ୍‌ଆଇ) ସେକ୍ଟର ଆପ୍ଲିକେଶନ ପ୍ରତି ୩୮ ପ୍ରତିଶତ ଅଧିକ ଆକ୍ରମଣର ସମ୍ମୁଖୀନ ହୋଇଛି। ଏହି ସମୟରେ ଶିଳ୍ପ ସେକ୍ଟରରେ ୱେବ୍‌ସାଇଟ୍ ପିଛା ୯,୭୩,୦୦୦ ସାଇବର ଆକ୍ରମଣ ହୋଇଛି। ବିଏଫ୍‌ଏସ୍‌ଆଇ ଏବଂ ସ୍ୱାସ୍ଥ୍ୟସେବା ସେକ୍ଟରର ବ୍ୟକ୍ତିଗତ ପରିଚୟଯୋଗ୍ୟ ତଥ୍ୟ (ପିଆଇଆଇ) ଉପରେ ସାଇବର ଆକ୍ରମଣକାରୀ ଅଧିକ ଆଗ୍ରହ ରଖୁଛନ୍ତି। ଶିଳ୍ପ ଓ ଉତ୍ପାଦନ ସେକ୍ଟର ଡିଡିଓଏସ୍ ଆକ୍ରମଣ ଦ୍ୱାରା ଅଧିକ ଟାର୍ଗେଟର ସମ୍ମୁଖୀନ ହେଉଥିବା ଇଣ୍ଟୁସ୍‌ଫେସ୍ ସିଇଓ ଆଶିଷ ଚଣ୍ଡନ କହିଛନ୍ତି।

ଭାରତରେ ମାତୃ, ନବଜାତ ମୃତ୍ୟୁ ସର୍ବାଧିକ

କେପ୍‌ଟାଉନ, ୧୦।୫

ସାରା ବିଶ୍ୱରେ ମୋଟ ମାତୃ, ନବଜାତ ମୃତ୍ୟୁ ଏବଂ ମୃତ ଶିଶୁ ଜନ୍ମର ୬୦ ପ୍ରତିଶତ ଭାରତ ସମେତ ୧୦ଟି ଦେଶରେ ଘଟୁଛି। ଏଥିରେ ଭାରତ ସର୍ବାଗ୍ରେ ରହିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ବିଶ୍ୱରେ ଜୀବନ୍ତ ଶିଶୁ ଜନ୍ମର ୫୧ ପ୍ରତିଶତ ଏହି ୧୦ ଦେଶରେ ହୋଇଥାଏ। ଡବ୍ଲ୍ୟୁଏଚ୍‌ଓ, ୟୁନିସେଫ୍ ଏବଂ ୟୁଏନ୍‌ଏଫ୍‌ପିଏ ପକ୍ଷରୁ କରାଯାଇଥିବା ପ୍ରୋଗ୍ରେସ୍ ଟ୍ରାକିଂ ରିପୋର୍ଟ ମଙ୍ଗଳବାର ଅନ୍ତର୍ଜାତ

ବଜ୍ରପାତରେ କଲେଜ ଛାତ୍ରୀ ମୃତ

ରାୟଗଡା ଅଫିସ,୧୦।୫

ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କଦଳୀଗୁଡା ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତା ଛାତ୍ରୀ ଜଣକ ହେଲେ ଅଦାବଂଶ ସଞ୍ଜୁ। ଗୁରୁତର ଦୁଇ ଜଣକ ପରିଚୟ ମିଳିପାରିନାହିଁ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଜେକେପୁର ସ୍ଥିତ ଉଗ୍ରତାରା ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ସଞ୍ଜୁ ଟିୟୁସନ ଯାଇ ଅପରାହ୍ନ ପ୍ରାୟ ୫ଟାରେ ଘରକୁ ଫେରୁଥିବା ବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଗାଁରେ ପହଞ୍ଚିବାକୁ ଆଉ ଅଳ୍ପ ଦୂର ଥିବାବେଳେ ସେ ବଜ୍ରପାତରେ ଢଳି ପଡ଼ିଥିଲେ।

ଦମ୍ପତିଙ୍କ କଳିରେ ନାବାଳିକାଙ୍କ ଜୀବନ ଗଲା

ଭୋଜିରେ ସ୍ତ୍ରୀଙ୍କୁ ଫିଙ୍ଗିଥିବା ଇଟା ଛାତିରେ ବାଜିଲା

ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୧୦।୫

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କୁରୁମପେଟା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବାହାଘର ଭୋଜିକୁ ଆସିଥିବା ଏକ ଦମ୍ପତିଙ୍କ ମଧ୍ୟରେ କଳି ବେଳେ ସ୍ୱାମୀ ଫିଙ୍ଗିଥିବା ଇଟା ସ୍ତ୍ରୀଙ୍କ ଉପରେ ନ ପଡ଼ି ଜଣେ ନାବାଳିକାଙ୍କ ଛାତିରେ ବାଜିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ କୋଲନରା ବ୍ଲକ ସୁରି ପଞ୍ଚାୟତ କୋମୁଗୁଡ଼ା ଗ୍ରାମର ହରି କାଡ୍ରାକାଙ୍କ ଝିଅ ରୋଜି (୧୨)। ଇଟା ଫିଙ୍ଗିଥିବା କୁରୁମପେଟା ଗ୍ରାମର ଜିଆନା ତାଡିଙ୍ଗିଙ୍କୁ ପୋଲିସ ଅଟକ ରଖିଛି।

ସୂଚନା ଅନୁଯାୟୀ, କୋମୁଗୁଡ଼ା ଗ୍ରାମର ରୋଜି ରୋଡ଼ାଙ୍ଗି ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଛୁଟି ଥିବାରୁ ସେ ତାଙ୍କ ପରିବାର ସଦସ୍ୟଙ୍କ ସହ କୁରୁମପେଟା ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ବାହାଘର ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଉକ୍ତ ଭୋଜିରେ କୁରୁମପେଟାର ଦମ୍ପତି ଜିଆନା ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣାଲୁ ତାଡ଼ିଙ୍ଗିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଜିଆନା ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ପୂର୍ଣ୍ଣାଲୁଙ୍କ ଉପରକୁ ଏକ ଇଟା ଫୋପାଡ଼ିଥିଲେ। ଇଟାଟି ପୂର୍ଣ୍ଣାଲୁଙ୍କ ଉପରେ ନ ପଡି ସେହି ପାଖରେ ଥିବା ରୋଜିଙ୍କ ଛାତିରେ ବାଜିଥିଲା। ଏଥିରେ ରୋଜି ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ରୋଜିଙ୍କ ପରିବାର ପକ୍ଷରୁ ଚାନ୍ଦିଲି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଇଟା ଫିଙ୍ଗିଥିବା ଜିଆନାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଛତୁଆ ନିମ୍ନମାନର, କମୁନି ପୁଷ୍ଟିହୀନତା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୦।୫

ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପୁଷ୍ଟିହୀନତା ଓ ରକ୍ତହୀନତାର ନିରାକରଣ ଲକ୍ଷ୍ୟ ନେଇ ଛତୁଆ ବଣ୍ଟନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଏହି ଛତୁଆରେ ପରିପୂରକ ପୁଷ୍ଟିକର ଖାଦ୍ୟ ଦେବା ବଦଳରେ ଆବଣ୍ଟିତ ଅର୍ଥକୁ କିପରି ବର୍ଷ ବର୍ଷ ଧରି ମିଳିମିଶି ଲୁଟ କରୁଛନ୍ତି ତାହାର ପ୍ରମାଣ ଏବେ ଦେଖିବାକୁ ମିଳିଛି। ସରକାରୀ ଅଧିକାରୀ ଓ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କର୍ମକର୍ତ୍ତାଙ୍କ ଅସାଧୁମେଣ୍ଟ ଯୋଗୁ ବାର୍ଷିକ ବିପୁଳ ଅର୍ଥ ଲୁଟ୍ ହେଉଛି। ଫଳରେ ଏବେ ବି ଯାଜପୁର ଜିଲାରେ ପୁଷ୍ଟିହୀନତା ଓ ରକ୍ତହୀନତା ଆକ୍ରାନ୍ତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇ ପାରି ନ ଥିବା କୁହାଯାଉଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଶନିବାର ନିମ୍ନମାନର ଛତୁଆକୁ ନେଇ ଏକ ଘଟଣା ଦେଖିବାକୁ ମିଳିଛି। ନାଉପାଳ ଗ୍ରାମର ରୋଜି ସାହୁ ନାମ୍ନୀ ଜଣେ ମହିଳା ଏକ ଛତୁଆ ଓ ହାଲୁଆ ପ୍ୟାକେଟ ଧରି ସିଡିପିଓଙ୍କ ନିକଟରେ ନିମ୍ନମାନର ବୋଲି ଲିଖିତ ଅଭିଯୋଗ କରିଛନ୍ତି। ଖାଇବା ଉପଯୋଗୀ ଛତୁଆ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ଏହାପରେ ସେ ସିଡିପିଓଙ୍କ ଅଫିସ ସାମ୍ନାରେ ସାଧାରଣ ଲୋକଙ୍କ ସମ୍ମୁଖରେ ଚାଲୁଣୀ ମାଧ୍ୟମରେ ଛତୁଆ ପ୍ୟାକେଟ ଖୋଲି ଚଲେଇ ଥିଲେ। ସେଥିରୁ ଚୋକଡ଼ ଓ ଖଦଡ଼ ଆଦି ଅଖାଦ୍ୟ ବାହାରିଥିବା ଦେଖାଯାଇଥିଲା। ସେ କହିଥିଲେ ଏଭଳି ଖାଦ୍ୟ ପାଟିକୁ ଯାଉନାହିଁ, ତେଣୁ ଗାଈ ବଳଦକୁ ଦେଇ ଦେଉଛୁ। ଧର୍ମଶାଳା ବ୍ଲକ କାଏମାର ହିତାଧିକାରୀ ପ୍ରତିମା ମିଶ୍ର ଏବଂ ଓତପୁରର ରଞ୍ଜିତା ମଲ୍ଲିକ ଓ ମୋନାଲିସା ମଲ୍ଲିକ କହିଛନ୍ତି, ଅଙ୍ଗନୱାଡି ଜରିଆରେ ଯୋଗାଇ ଦିଆଯାଉଥିବା ଛତୁଆ, ହାଲୁଆକୁ ସ୍ୱାଦ ଅଭାବରୁ ଶିଶୁମାନେ ଖାଉନାହାନ୍ତି। ବୁଟ, ଚିନାବାଦାମ ଏବଂ ଚିନିର ଭାଗ ରହୁନି। ଏଗୁଡ଼ିକ କମା ଯାଇ ଗହମ ଭାଗ ବୃଦ୍ଧି କରାଯାଉଛି। ଫଳରେ ଛତୁଆ ସ୍ୱାଦହୀନ ହୋଇ କେବଳ ଗହମଗୁଣ୍ଡ ଭଳି ଲାଗୁଛି। ଶିଶୁ ସମେତ ପ୍ରସୂତି ଓ ଗର୍ଭବତୀ ମହିଳାମାନେ ଏହି ଛତୁଆକୁ ନ ଖାଇ ପକାଇ ରଖୁଛନ୍ତି।

ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଅତୀତରେ ଯୋଗାଇ ଦିଆଯାଇଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏଭଳି ଅନିୟମିତତା ଏଡ଼ାଇବାକୁ ଯାଇ ରାଜ୍ୟ ସରକାର ୨୦୧୧ରୁ ଟେକ୍ ହୋମ୍ ରାଶନ (ଟିଏଚ୍‌ଆର୍) ଯୋଜନାରେ ପୁଷ୍ଟିକର ଖାଦ୍ୟ ଭାବେ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏହା ଡାଲି ଦୁର୍ନୀତିଠାରୁ ବଳି ପଡ଼ିଥିବା ଅଭିଯୋଗ ହେଉଛି। ଏବେ ଜିଲାର ୧୬

ଛତୁଆକୁ ଚାଲୁଣୀରେ ଚଲାଉଛନ୍ତି ନାଉପାଳ ଗ୍ରାମର ରୋଜି ସାହୁ।

ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଯୋଗାଇ ଆସୁଛନ୍ତି। ଜିଲାରେ ଏବେ ବି ଅତିଶୟ ପୁଷ୍ଟିହୀନ ଏବଂ କମ୍ ଓଜନ ପିଲା ରହିଛନ୍ତି, ଯାହାର ଉଦାହରଣ ନିକଟରେ ଦାନଗଦି ଏବଂ ସୁକିନ୍ଦା ବ୍ଲକ ସମେତ ଧର୍ମଶାଳା ବ୍ଲକ ଅଞ୍ଚିରା ପଞ୍ଚାୟତ ବୁରୁସାହି ଓ ଚକ୍ରଧରପୁର ପଞ୍ଚାୟତର ବଲାଙ୍ଗିଆ ଗ୍ରାମରେ ଦେଖିବାକୁ ମିଳିଛି। ଏଥିପାଇଁ ପୁଷ୍ଟିହୀନ ଶିଶୁଙ୍କ ପାଇଁ ୨୪୦ଗ୍ରାମ, ୩ରୁ ୬ବର୍ଷ ଶିଶୁଙ୍କ ପାଇଁ ୮୦ଗ୍ରାମ ଏବଂ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ୨୫୦ ଗ୍ରାମ ଛତୁଆ ଦୈନିକ ଦିଆଯାଉଛି। ତେବେ ଛତୁଆର ମାନ ନିମ୍ନଧରଣର ଏବଂ ନିର୍ମାଣକାରୀ ସଂସ୍ଥା ବ୍ୟାପକ ଭାବେ ହରିଲୁଟ କରୁଥିବା ଅଭିଯୋଗ ହେଉଛି।

ସେହିପରି ଶିଶୁମାନଙ୍କୁ ହାଲୁଆ ପାଇଁ ଦିଆଯାଉଥିବା ପ୍ୟାକେଟରେ କେବଳ ସୁଜି ଓ ଚିନି ରହୁଛି। ସେଥିରେ ବେସନ କିମ୍ବା ତେଲରେ ସୁଜି ଭଜା ଯାଉନାହିଁ। ୧।୧୧।୨୦୧୯ରେ ଜିଲାର ବଡ଼ଚଣା ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ କୁନ୍ଦଳ ଓ ଦାଣ୍ଡ ହରିପୁର ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ ସମୟରେ ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ) ପରିଦର୍ଶନରେ ଯାଇଥିଲେ। ସେହି ସମୟରେ ସେ ନିମ୍ନମାନର ଛତୁଆ ସମେତ ବିଭିନ୍ନ ତ୍ରୁଟି ହେଉଥିବା ଦେଖିବାକୁ ପାଇଥିଲେ। ଏହିସବୁତ୍ରୁଟିଅନୁଧ୍ୟାନ କରିବା ପରେ ସମ୍ପୃକ୍ତ ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଏସ୍‌ଡବ୍ଲ୍ୟୁଓ ଜବାବ ତଲବ କରିଥିଲେ। ଅନୁରୂପ ଭାବେ ବରୀ, ଦାନଗଦି, ସୁକିନ୍ଦା, ଧର୍ମଶାଳା ଆଦି ବ୍ଲକ ଅଞ୍ଚଳରେ ଏଭଳି ଅନିୟମିତତା ପୂର୍ବରୁ ପଦାକୁ ଆସିଛି। ଏହି ଅନିୟମିତତାରେ ବିଭାଗର କେତେଜଣ ଅଧିକାରୀଙ୍କ ସମ୍ପୃକ୍ତି ଥିବାବେଳେ ମାସିକ ଚାନ୍ଦା ନ ଦେଲେ ବିଲ୍ ହେଉ ନ ଥିବା କେତେକ ଏସ୍‌ଏଚ୍‌ଜିର କର୍ତ୍ତୃପକ୍ଷ କହିଛନ୍ତି। ତେବେ ନିର୍ମାଣକାରୀ ସଂସ୍ଥାଙ୍କ ଉପରେ କେତେଜଣ ପ୍ରଭାବଶାଳୀଙ୍କ ଆଶୀର୍ବାଦ ରହିଥିବାରୁ ଯେତେ ନିମ୍ନମାନର ଛତୁଆ ବଣ୍ଟନ କଲେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାରେ ୧୬ଟି ଗୋଷ୍ଠୀ ଜରିଆରେ ଛତୁଆ ପାଇଁ ବାର୍ଷିକ ପ୍ରାୟ ୧୭ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଡିଏସ୍‌ଡବ୍ଲ୍ୟୁଓ ଅଫିସରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୦-୨୧ ବର୍ଷର ଅଗଷ୍ଟରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୧ କୋଟି ୯୬ ଲକ୍ଷ ୫୭ ହଜାର ୭୩୪ ଟଙ୍କା, ୨୦୨୧-୨୨ ବର୍ଷରେ ୧୭ କୋଟି ୨୯ ଲକ୍ଷ ୯୯ ହଜାର ୭୨ ଟଙ୍କା ଏବଂ ୨୦୨୨-୨୩ ବର୍ଷରେ ୧୬ କୋଟି ୫୦ ଲକ୍ଷ ୫୮ ହଜାର ୨୮୩ ଟଙ୍କା ବିଲ୍ ହୋଇଛି।

ଏ ସଂକ୍ରାନ୍ତରେ ଡିଏସ୍‌ଡବ୍ଲ୍ୟୁଓ ଇନ୍ଦୁରେଖା ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସେ ଯାଜପୁର ଜିଲାରେ ନୂତନ ଭାବେ ଯୋଗ ଦେଇଛନ୍ତି। ତେବେ ନିମ୍ନମାନର ଛତୁଆ ଉପରେ ଯେଉଁସବୁ ଅଭିଯୋଗ ହେଉଛି, ସେଗୁଡ଼ିକର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଉଦ୍ୟମ କରାଯାଉଛି।

ମହୁମାଛି ଆକ୍ରମଣରେ ସିପିଏମ୍ ନେତାଙ୍କ ମୃତ୍ୟୁ

ନୀଳଗିରି, ୧୦।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡି ପଞ୍ଚାୟତ ବାଙ୍କିସାହି ଗ୍ରାମର ବରିଷ୍ଠ ସିପିଏମ୍ ନେତା ରାମଚନ୍ଦ୍ର ସ (୭୨) ବୁଧବାର ମହୁମାଛି ଆକ୍ରମଣରେ ପ୍ରାଣ ହରାଇଛନ୍ତି। ତାଙ୍କ ନାତି ମଧ୍ୟ ଆହତ ହୋଇଛନ୍ତି। ରାମଚନ୍ଦ୍ର ପୂର୍ବାହ୍ନରେ ବାଡ଼ି ସଫା କରୁଥିବା ବେଳେ ଅଳିଆ ସବୁକୁ ଗୋଟିଏ ଜାଗାରେ ଏକାଠି କରି ନିଆଁ ଲଗାଇଦେଇଥିଲେ। ଧୂଆଁ ଉପରକୁ ଉଠିବାରୁ ଗଛ ଉପରେ ଥିବା ବସାରୁ ମହୁମାଛି ଉଡିଆସି ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ତଳେ ପଡି ରାମଚନ୍ଦ୍ର ଛଟପଟ ହୋଇ ଡାକୁଥିବା ବେଳେ ତାଙ୍କ ନାତି ଦୌଡ଼ି ଆସିବାରୁ ତାଙ୍କୁ ମଧ୍ୟ ମହୁମାଛି କାମୁଡ଼ି ପକାଇଥିଲେ। ନାତି ସେଠାରୁ ଦୌଡି ପଳାଇ ଘରେ କହିବାରୁ ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ବରହମପୁର ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ନୀଳଗିରି ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା।

ସିପିଏମ୍ ନେତା ରାମଚନ୍ଦ୍ର ସ।

ରାମଚନ୍ଦ୍ରଙ୍କ ମରଶରୀରକୁ ନୀଳଗିରି ସିପିଏମ କାର୍ଯ୍ୟାଳୟକୁ ନିଆଯାଇ କିଛି ସମୟ ପାଇଁ ସେଠାରେ ରଖି ବହୁ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିପିଏମ ନେତା ବିଜୟ ପାତ୍ର, ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟୀ ରାଉତ ଓ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଶେଷ ଦର୍ଶନ କରି ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଗ୍ରାମରେ ଶେଷକୃତ୍ୟ କରାଯାଇଥିଲା।

ସରକାରୀ ଅର୍ଥ ଆତ୍ମସାତ୍ ମାମଲା

୨ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ

କେନ୍ଦୁଝର,୧୦।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରଶ୍ମିତା ଦଳେଇ ମାମଲାର ବିଚାରକରି ସହକାରୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ଓ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର କରଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୨ ମାସ ଅଧିକ ଦଣ୍ଡ ଆଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨ ଯନ୍ତ୍ରୀ ୨୦୦୪-୦୫ରେ ଆନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ଥିଲେ। ସେହି ସମୟରେ ଏକ ସରକାରୀ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। କାମ ମଦନମୋହନ ମିଶ୍ର ନାମକ ଠିକାଦାରଙ୍କ ଜରିଆରେ କରାଯାଇଥିଲା। ତେବେ କାମ ନ ହୋଇ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ୨ ଯନ୍ତ୍ରୀ ମାପ ଚୁପ କରିବା ସହ ବିଲ୍ ପେଠ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ୧୦ ଏପ୍ରିଲ ୨୦୦୭ରେ ଏକ ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ୩୪ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ କହିଛନ୍ତି।

ଭୁଶୁଡ଼ିଲା ଲେବର କମିଶନରଙ୍କ କାର୍ଯ୍ୟାଳୟ ଛାତ

ବାଲେଶ୍ୱର ଅଫିସ, ୧୦।୫

ସରକାରୀ କାର୍ଯ୍ୟାଳୟର ଏମିତି ଅବସ୍ଥା

ବାଲେଶ୍ୱର ସହର ଏଡିଏମ୍ ଛକ ନିକଟସ୍ଥ ଥିବା ଡିଭିଜିନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟର ଛାତ ବୁଧବାର ମଧ୍ୟାହ୍ନରେ ହଠାତ୍ ଭୁଶୁଡି ପଡିଥିଲା। ଶ୍ରମ କମିଶନର ଚେୟାରରେ ନ ଥିବାରୁ ସୌଭାଗ୍ୟବଶତଃ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସରକାରୀ କାର୍ଯ୍ୟାଳୟରେ ଏଭଳି ଦୁର୍ଘଟଣା ସମସ୍ତଙ୍କୁ ଚକିତ କରିଛି।

ଏହି କାର୍ଯ୍ୟାଳୟ ଦୀର୍ଘଦିନର ହୋଇଥିଲେ ମଧ୍ୟ ଆବଶ୍ୟକ ମରାମତି ହୋଇନାହିଁ। ଫଳରେ କାର୍ଯ୍ୟାଳୟର ଛାତ ଦୁର୍ବଳ ହୋଇପଡ଼ିଛି। ଏନେଇ ଡିଭିଜିନାଲ ଲେବର କମିଶନର ଅଜୟ କୁମାର ପ୍ରଧାନ କହିଛନ୍ତି, ତାଙ୍କ କକ୍ଷ ଛାତରୁ କଂକ୍ରିଟ ଖସି ଟେବୁଲ ଉପରେ ପଡ଼ିଥିଲା। ଫଳରେ ଟେବୁଲ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଗୁଜି ଯାଇଥିବା ବେଳେ ଫାଇଲସବୁ ଏଣେତେଣେ ବିଛାଡି ହୋଇପଡ଼ିଥିଲା। ପାଖାପାଖି ଏକ ମାସ ପୂର୍ବରୁ ପିଡବ୍ଲ୍ୟୁଡିକୁ ଏହାର ମରାମତି କରାଯିବା ପାଇଁ ପତ୍ର କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏହାର ମରାମତି ହୋଇ ନ ପାରିବାରୁ ଏଭଳି ସ୍ଥିତି ଉପୁଜିଲା ବୋଲି ପ୍ରକାଶ କରିଛନ୍ତି।

ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟ ଛାତରୁ ଖସିପଡିଥିବା କଂକ୍ରିଟ।

ଟଙ୍କା ପାଇଁ ମା'ଙ୍କୁ ହତ୍ୟା

ବଡ଼ପୁଅ ଉପରେ ସନ୍ଦେହ, ପୋଲିସର ତନାଘନା ଜାରି

ଯାଜପୁର ଅଫିସ,୧୦।୫

ଟଙ୍କା ପାଇଁ ମା'ଙ୍କୁ ବଡ଼ପୁଅ ହତ୍ୟା କରିଛନ୍ତି। ଏଭଳି ଏକ ଅଭିଯୋଗକୁ ନେଇ ସମ୍ପୃକ୍ତ ମହିଳାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ହେଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଥାନା ଜାଫରପୁର ଗ୍ରାମରେ ଜଗବନ୍ଧୁ ମଲିକଙ୍କ ସ୍ତ୍ରୀ ସଂଯୁକ୍ତା (୫୦)ଙ୍କ ମୃତଦେହ ନିଜ ଘର ପଛରେ ଥିବା ଛୋଟ ଗାଡ଼ିଆରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିଲା। ଜଗବନ୍ଧୁ ବୁଧବାର ଭୋରରୁ ଏହା ଦେଖିବା ପରେ ସାନ ପୁଅ ପ୍ରମୋଦ ଓ ସାହିପଡ଼ିଶାଙ୍କୁ ଖବର ଦେଇଥିଲେ। ସାହିପଡ଼ିଶା ଏ ସଂକ୍ରାନ୍ତରେ ମଙ୍ଗଳପୁର ଥାନାକୁ ଜଣାଇଥିଲେ। ଥାନାଧିକାରୀ ରୀନାରାଣୀ ସାହୁ ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ଉପାଧ୍ୟାୟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜିଲା ପୋଲିସ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଅର୍ଦ୍ଧ ପୋଡ଼ା ବାଉଁଶ, ତାଳ ପତ୍ର ଓ ଛଣର ନମୁନା ସଂଗ୍ରହ କରି ଫେରିଛନ୍ତି।

ସଂଯୁକ୍ତାଙ୍କ ବଡ଼ ପୁଅ ବିପିନ୍ ଆଜକୁ ଦେଢ଼ ବର୍ଷ ପୂର୍ବେ ଅନ୍ୟ ଏକ ଜାତିରେ ବିବାହ କରିଥିଲେ। ବିବାହ ପରେ ବିପିନ୍ ଓ ତାଙ୍କ ସ୍ତ୍ରୀଙ୍କ ବାପଘର ସହ ଭଲ ସମ୍ପର୍କ ନ ଥିଲା, ଯାହାକୁ ନେଇ ଘରେ କଳହ ସୃଷ୍ଟି ହୋଇଥିଲା। ପରେ ବିପିନ୍ ସ୍ତ୍ରୀକୁ ଧରି କେରଳ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଅଧିକାଂଶ ସମୟରେ ବିପିନ ଘରକୁ ଆସି ମା' ବାପାଙ୍କୁ ଟଙ୍କା ଦେବାକୁ ଜୋରଜବରଦସ୍ତ କରୁଥିଲେ। ହେଲେ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରୁଥିଲେ। ଏହି ଘଟଣାକୁ ନେଇ ପୂର୍ବରୁ ବି କଳି ଝଗଡ଼ା ଲାଗିବା ସହ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ପରେ ଥାନାରେ ଆପୋସ ବୁଝାମଣା ହୋଇଥିଲା। ଏହାପରେ ବିପିନ ସ୍ତ୍ରୀ ଓ ଛୁଆଙ୍କୁ ନିଜ ଘରେ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କାଙ୍କଡ଼ ଗଛରେ କଷି
ମାଙ୍କଡ଼ ଯାଇଛି ଯାତରା ଦେଖି
ରଙ୍ଗ ପାଲିଙ୍କିରେ ବସି ।

ଅଯୋଗ୍ୟ ତଥା ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ହୋଇ ନ ଥାଏ । ମାଙ୍କଡ଼ ପାଲିଙ୍କିରେ ବସି ଯାତ୍ରା ଦେଖିବାକୁ ଯିବା ଭଳି ଅଯୋଗ୍ୟ ବ୍ୟକ୍ତିଙ୍କର ଆଡ଼ମ୍ବରପୂର୍ଣ୍ଣ ଯାତ୍ରାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

କଳି ଯେବେ କରି ବସିବୁ
ସଙ୍ଗେ ଥିବ ଭାଇ
ଦୁଧ ଯେବେ ଖାଇ ବସିବୁ
ଘରେ ଥିବ ଗାଈ।

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ । ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୁଧବାର ରାଷ୍ଟ୍ରପତି ଭବନରେ ସାକ୍ଷାତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

୯ରୁ ୨୪କୁ ବଢ଼ିବ ଏସ୍‌ଡିସି ଜିଲା

ଭୁବନେଶ୍ୱର,୧୦।୫(ବ୍ୟୁରୋ

ରାଜ୍ୟ ସରକାର ସ୍ୱତନ୍ତ୍ର ବିକାଶ ପରିଷଦ ବା ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲ(ଏସ୍‌ଡିସି) ଜିଲା ସଂଖ୍ୟା ୯ରୁ ୨୪କୁ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ବସବାସ କରୁଥିବା ଜିଲାରେ 'ଏସ୍‌ଡିସି' ଗଠନ ହୋଇଥିବା ବେଳେ ଏବେ ୫ରୁ ୧୦ ପ୍ରତିଶତ ଆଦିବାସୀ ରହୁଥିବା ଉପକୂଳ ଜିଲାଗୁଡ଼ିକରେ ମଧ୍ୟ ଏସ୍‌ଡିସି ଗଠନ ହେବ ବୋଲି ଜଣାପଡ଼ିଛି । ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ବର୍ଗର ଲୋକ ରହୁଛନ୍ତି। ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭଦ୍ରକ ଓ ଗଞ୍ଜାମ ଜିଲାକୁ ବାଦ୍ ଦେଇ ବାକି ୧୫ ଜିଲାରେ ଏହି ପରିଷଦ ଗଠନ ହେବ । ପୂର୍ବରୁ ୯ ଓ ଏବେ ୧୫ ଜିଲାକୁ ମିଶାଇ ମୋଟ ୨୪ ଜିଲାରେ ଏସ୍‌ଡିସି ଗଠନ ହେବ । ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୧୪ ତାରିଖରେ ସ୍ଥାନୀୟ ଆଦିବାସୀ ପଡ଼ିଆରେ ଏକ ମେଗା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି) ଜିଲା ସଂଖ୍ୟା ୯ରୁ ୨୪କୁ ବୃଦ୍ଧି କରିବେ ବୋଲି ଜଣାପଡ଼ିଛି ।

ଏଠାରେ ସୂଚନାଯୋଗ୍ୟ ଯେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ୯ ଜିଲାର ୧୧୭ ବ୍ଲକ, ୨୦୨୨ ଗ୍ରାମପଞ୍ଚାୟତ ଏବଂ ୧୮,୬୮୭ ଗ୍ରାମର ପ୍ରାୟ ୧୪ ଲକ୍ଷ ଲୋକଙ୍କୁ ଏସ୍‌ଡିସିରେ ଅନ୍ତର୍ଭୁକ୍ତ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେବା ନେଇ ଚର୍ଚ୍ଚା ହେଉଛି।

ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଜେଲ ଗଲେ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗବିହାର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ବିକାଶ ବିଶ୍ୱାଳ। ଏନେଇ ପୋଲିସ ମାମଲା (ନଂ ୧୨୦/୨୩) ରୁଜୁକରି ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ବିକାଶ କଳିଙ୍ଗନଗର କେ-୫ରେ ଥିବା ଉଦ୍ୟାନ ଫ୍ରେସ୍‌ରେ ମ୍ୟାନେଜର ଭାବେ କାମ କରୁଥିଲେ। ପୀଡିତା ନାବାଳିକା ସେଠାକୁ ପ୍ରାୟ ସମୟରେ ବିଭିନ୍ନ ସାମଗ୍ରୀ କିଣିବାକୁ ଯାଆନ୍ତି। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରେ ନାନା ଭୟ ଦେଖାଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ ବିକାଶ। ଏନେଇ ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଏହା ଜାଣିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେ ମାହାଙ୍ଗାରେ ଲୁଚିଥିବା ଖବର ପାଇବା ପରେ ପୋଲିସ ସେଠାରେ ଚଢ଼ାଉ କରି ଗିରଫ କରିଥିଲା।

ମାଓବାଦୀ ନେତା ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ

ଜଙ୍ଗଲରେ ଗୁଳି ବିନିମୟ ମାମଲା

ଗୁଣପୁର,୧୦।୫(ଡି.ଏନ୍.ଏ.

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଚାଲିଥିବା ଏକ ମାମଲାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ଶେଖ୍ ମହମ୍ମଦ କାଇସି ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସବ୍ୟସାଚୀଙ୍କ ବିରୋଧରେ ଅନ୍ୟ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ସେ ଜେଲରୁ ମୁକୁଳି ନାହାନ୍ତି। ପ୍ରକାଶ ଯେ, ୨୦୦୬ରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ଡିମିରିଗୁଡ଼ା ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସେ ସମୟରେ ପୋଲିସ ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ, କିଛି ନଥିପତ୍ର, ଏକେ-୪୭, ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ କରିଥିଲା। ଏହି ମାମଲାର ବିଚାର ଗୁଣପୁର ଏଡିଜେ କୋର୍ଟରେ ଚାଲିଥିଲା।

ରାଜଧାନୀ ଏକ୍ସପ୍ରେସ୍‌ରୁ ଇଞ୍ଜିନିୟରଙ୍କ ସ୍ତ୍ରୀ ନିଖୋଜ

ଅପହରଣ ସନ୍ଦେହ, ପୋଲିସ ସହଯୋଗ କରୁ ନ ଥିବା ଅଭିଯୋଗ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଆଲ୍ଲାହାବାଦରୁ ଟ୍ରେନ୍‌ରେ କଟକ ଆସୁଥିବାବେଳେ ଜଣେ ଇଞ୍ଜିନିୟରଙ୍କ ସ୍ତ୍ରୀ ନିଖୋଜ ହୋଇଯାଇଛନ୍ତି। ୨ଦିନ ହେବ ତାଙ୍କର କୌଣସି ପତ୍ତା ମିଳୁନାହିଁ। ଏନେଇ ତାଙ୍କ ସ୍ୱାମୀ ଚନ୍ଦ୍ରଜିତ ଯାଦବ କଟକ ଜିଆର୍‌ପି ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ନିଖୋଜ ମହିଳା ହେଲେ ଉତ୍ତରପ୍ରଦେଶର ମାଧୁରୀ ଯାଦବ। ସେ କଟକରେ ପରିବାର ସହ ରହୁଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି ସୂଚନା ପାଇ ପାରିନାହିଁ। ତାଙ୍କୁ କେହି ଅପହରଣ କରିନେଇଥିବା ପରିବାର ଓ ସମ୍ପର୍କୀୟମାନେ ସନ୍ଦେହ କରୁଛନ୍ତି। ଏନେଇ କଟକ ଜିଆର୍‌ପି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ନାୟକ କହିଛନ୍ତି, ଯେହେତୁ ଘଟଣା ଭୁବନେଶ୍ୱର ପାଖାପାଖି ଘଟିଛି। ତେଣୁ ଭୁବନେଶ୍ୱର ଜିଆର୍‌ପିରେ ଥାନାରେ ମାମଲା ରୁଜୁ ହେବ। ତେଣୁ ଉକ୍ତ ଥାନାକୁ ସମସ୍ତ ରିପୋର୍ଟ ପଠାଇ ଦିଆଯାଇଛି ବୋଲି ସେ କହିଛନ୍ତି। ସୂଚନାନୁସାରେ, ମାଧୁରୀ କୌଣସି କାମରେ ଆଲ୍ଲାହାବାଦ ଯାଇଥିଲେ। ଗତ ୭ ତାରିଖରେ ରାଜଧାନୀ ଏକ୍ସପ୍ରେସ୍‌ରେ

ମାଧୁରୀ ଯାଦବ

କଟକ ଫେରୁଥିଲେ। ସ୍ୱାମୀ ଚନ୍ଦ୍ରଜିତ୍ ଫୋନ୍‌ରେ ତାଙ୍କ ସହ ଯୋଗାଯୋଗରେ ଥିଲେ। ପରଦିନ ଅର୍ଥାତ୍ ୮ତାରିଖ ସୋମବାର ସେ କଟକରେ ପହଞ୍ଚିଥାନ୍ତେ। ଏପରିକି ଭୁବନେଶ୍ୱରରେ ଟ୍ରେନ୍ ପହଞ୍ଚିଥିବା ନେଇ ମାଧୁରୀ ସ୍ୱାମୀଙ୍କୁ ଜଣାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଫୋନ୍ ବାରମ୍ବାର ସୁଇଚ୍ ଅଫ୍ ହୋଇଥିଲା। ଶେଷରେ ତାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା କି ସେ କଟକ ରେଳ ଷ୍ଟେଶନରେ ଓହ୍ଲାଇ ନ ଥିଲେ। ମହିଳାଙ୍କ ସ୍ୱାମୀ ବ୍ୟସ୍ତ ହେବା ସହ ବନ୍ଧୁ ଖୋଜାଖୋଜା କରିଥିଲେ ମଧ୍ୟ ତାଙ୍କୁ ନ ପାଇବାରୁ ଶେଷରେ କଟକ ଜିଆର୍‌ପିରେ ୯ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ସହଯୋଗ କରୁ ନ ଥିବା ଚନ୍ଦ୍ରଜିତ୍ ଅଭିଯୋଗ କରିଛନ୍ତି। କଟକ ପୋଲିସ ଅସଯୋଗ ପରେ ସେ ଚିହ୍ନା ପରିଚିତ ଥିବା ୟୁପି ପୋଲିସର ସହଯୋଗ ଲୋଡିଥିଲେ। ୟୁପି ପୋଲିସର ସୂଚନାନୁସାରେ, ମାଧୁରୀଙ୍କ ଶେଷ କଲ ଲୋକେଶନ ଢେଙ୍କାନାଳ ଜିଲାରେ ଦେଖାଉଥିବା ତାଙ୍କ ସ୍ୱାମୀ କହିଛନ୍ତି। ତେଣୁ ତାକୁ କେହି ଅପହରଣ କରିନେଇଥିବା ସନ୍ଦେହ ହେଉଛି ବୋଲି ସେ କହିବା ସହ ପୋଲିସ୍‌ର ତୁରନ୍ତ ସହଯୋଗ ଲୋଡ଼ିଛନ୍ତି।

'ଜୁଡିସିଆଲ୍ ରେକର୍ଡ ସାମାଜିକ ଇତିହାସର ଝରକା ସଦୃଶ'

ଜୁଡିସିଆଲ ଏକାଡେମୀଠାରେ ବୁଧବାର ଅନୁଷ୍ଠିତ ସେଣ୍ଟର ଫର୍ ଜୁଡିସିଆଲ୍ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି ଉତ୍ସବରେ ଉପସ୍ଥିତ ବିଚାରପତି।

ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି

କଟକ ଅଫିସ,୧୦।୫

ଓଡ଼ିଶା ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ୍ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି ଉତ୍ସବ ଜୁଡିସିଆଲ ଏକାଡେମୀଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ଡ. ପ୍ରଭୁ ପ୍ରସାଦ ମହାପାତ୍ର ଯୋଗଦେଇ କହିଲେ, ଜୁଡିସିଆଲ ରେକର୍ଡ ଦେଶର ସାମାଜିକ ଇତିହାସର ଝରକା ସଦୃଶ। ଜୁଡିସିଆଲ ରେକର୍ଡଗୁଡ଼ିକର ଅଧ୍ୟୟନ ବ୍ୟବସ୍ଥା ଭାରତରେ ନାହିଁ। ଜୁଡିସିଆଲ ଆର୍କାଇଭସ୍‌ରୁ ଦେଶର ଇତିହାସ ଜାଣିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ମାଧ୍ୟମରେ ଐତିହାସିକ ଓ ବିଚାରପତି ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇପାରୁଛନ୍ତି, ଯେହେତୁ ଉଭୟ ପରୀକ୍ଷାନିରୀକ୍ଷା ମାଧ୍ୟମରେ ସତ୍ୟର ଉନ୍ମୋଚନ କରିବାକୁ ଚାହାନ୍ତି। ସପ୍ତଦଶରୁ ଊନବିଂଶ ଶତାବ୍ଦୀ ଯାଏ ପ୍ରଚଳିତ ଥିବା ମାଷ୍ଟର ଓ ସର୍ଭେଣ୍ଟ ନିୟମ ସମାଜରେ ଏକ ଅସମାନତା ସୃଷ୍ଟି କରୁଥିଲା। ଏହି ନିୟମ ଦ୍ୱାରା ମାଷ୍ଟର ଓ ସର୍ଭେଣ୍ଟଙ୍କୁ ଭିନ୍ନ ଭାବରେ ବ୍ୟବହାର କରାଯାଉଥିଲା ବୋଲି ସେ କହିଥିଲେ।

ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଲେ, ଜୁଡ଼ିସିଆଲ ଆର୍କାଇଭସ୍ ଐତିହାସିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ବିଶେଷକରି ଗବେଷକ ଓ ଛାତ୍ରୀଛାତ୍ରମାନେ ଏହାଦ୍ୱାରା ବହୁଳ ଭାବେ ଉପକୃତ ହୋଇପାରିବେ। ରାଜ୍ୟର କେତେକ ଜିଲାରୁ ପୁରୁଣା ରେକର୍ଡ ଅଣାଯାଇଛି। ୧୯୫୦ ମସିହା ପୂର୍ବର ସମସ୍ତ ରେକର୍ଡ ଜିଲା କୋର୍ଟଗୁଡ଼ିକରୁ ଅଣାଯାଇ ଏଠାରେ ସଂରକ୍ଷିତ କରାଯିବାର ଯୋଜନା ରହିଛି ବୋଲି ମୁଖ୍ୟ ବିଚାରପତି ସୂଚନା ଦେଇଥିଲେ। ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ଅଧ୍ୟକ୍ଷ ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ ମୁଖ୍ୟ ବିଚାରପତିଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ଜୁଡ଼ିସିଆଲ ଆର୍କାଇଭସ୍ ଦେଶରେ ସର୍ବପ୍ରଥମ ବୋଲି କହିଥିଲେ। ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍‌ର ନିର୍ଦ୍ଦେଶକ ତଥା ଓଏସ୍‌ଡି ଡ. ଲଲାଟେନ୍ଦୁ ଦାସ ମହାପାତ୍ର କହିଥିଲେ, ଓଡ଼ିଶାର ୨୦୦ ବର୍ଷର ପୁରୁଣା ରେକର୍ଡ ସମେତ ୬୩,୮୦୭ଟି ରେକର୍ଡକୁ ଡିଜିଟାଲ ରୂପରେ ସଂରକ୍ଷିତ କରାଯିବା ହାଇକୋର୍ଟ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ।

ଏହି ଅବସରରେ ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ୍‌ର ୱେବସାଇଟ୍ ଓ ସେଣ୍ଟର କାର୍ଯ୍ୟକ୍ରମ ସମ୍ପର୍କିତ ବୁକ୍‌ଲେଟ୍ ଉନ୍ମୋଚିତ ହୋଇଥିଲା। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଐତିହାସିକ ଡ. ବସନ୍ତ କୁମାର ମଲ୍ଲିକ, ଆଇନଜ୍ଞ ଡ. ବିଜୟ ଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସମେତ ବହୁ ଐତିହାସିକ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା ସହରର ଏକ ପିଙ୍କ୍ କେନ୍ଦ୍ରରେ ଜଣେ ନୂଆ ଭୋଟରଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଉଛି।

ପ୍ରଥମ ପୃଷ୍ଠାରୁ...

କର୍ନାଟକ: କଂଗ୍ରେସକୁ ...

ପଡ଼ିପାରେ ବୋଲି ଏହି ସର୍ଭେ ସଂସ୍ଥା ଭବିଷ୍ୟବାଣୀ କରିଛି। ଏବିପି ନ୍ୟୁଜ୍-ସି ଭୋଟରର ଆକଳନ ହେଉଛି ଭାଜପା ୮୩-୯୫, କଂଗ୍ରେସ ୧୦୦-୧୧୨ ଏବଂ ଜେଡିଏସ୍ ୨୧-୨୯ ଆସନ ଦଖଲ କରିବ। ସଂଗୃହୀତ ମତାମତକୁ ନେଇ ଜି ନ୍ୟୁଜ୍-ମାଟ୍ରିଜ୍ କହିଛି, ଭାଜପା ୭୯-୯୪ରେ ସୀମିତ ରହିବ। କଂଗ୍ରେସ ୧୦୩-୧୧୮ ଆସନ ଦଖଲ କରି ସରକାର ଗଢ଼ିବ। ଜେଡିଏସ୍ ୨୫-୩୩ ଆସନ ଦଖଲ କରିପାରେ। ତେଣୁ ଆବଶ୍ୟକ ସ୍ଥଳେ କଂଗ୍ରେସକୁ ଜେଡିଏସ୍ କିମ୍ବା ଅନ୍ୟ ୨-୫ ବିଧାୟକଙ୍କ ସମର୍ଥନ ଦରକାର ପଡ଼ିପାରେ। ରିପବ୍ଲିକ୍ ଟିଭି-ପି ମାର୍କ ମଧ୍ୟ ଭାଜପାକୁ ୮୫ରୁ ୧୦୦ ଆସନରେ ସୀମିତ ରଖିଛି। କିନ୍ତୁ କଂଗ୍ରେସକୁ ୯୪-୧୦୮ ଆସନ ଦେଇଛି। ଏହି ସଂସ୍ଥାର ହିସାବ ଅନୁସାରେ ଜେଡିଏସ୍ ୨୪-୩୨ ଏବଂ ଅନ୍ୟ ୨-୬ ଆସନ ପାଇବେ। ନ୍ୟୁଜ୍ ନେଶନ୍-ସିଜିଏସ୍ ଭାଜପାକୁ ସର୍ବାଧିକ ୧୧୪ ଆସନ ଦେଇଥିବାବେଳେ କଂଗ୍ରେସ ୮୬, ଜେଡିଏସ୍ ୨୧ ଓ ଅନ୍ୟ ୩ ଆସନ ଜିତିବା ନେଇ ଆକଳନ କରିଛି। ସେହିପରି ସୁବର୍ଣ୍ଣ ନ୍ୟୁଜ୍-ଜନ୍ କୀ ବାତ୍ ଭାଜପା ୯୪ରୁ ୧୧୭ ଆସନ ଦଖଲ କରିବା ଅନୁମାନ କରିଛି। କଂଗ୍ରେସ ୯୧-୧୦୬, ଜେଡିଏସ୍ ୧୪-୨୪ ଏବଂ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ୨ ଆସନରେ ସୀମିତ ରହିବା ନେଇ ଏହି ସଂସ୍ଥା ପୂର୍ବାନୁମାନ କରିଛି। ଟିଭି୯ ଭାରତବର୍ଷ-ପୋଲଷ୍ଟାର୍‌ର ଆକଳନ ହେଲା ଭାଜପା ୮୮-୯୮, କଂଗ୍ରେସ ୯୯-୧୦୯, ଜେଡିଏସ୍ ୨୧-୨୬ ଓ ଅନ୍ୟ ୦-୪ ଆସନ ପାଇପାରନ୍ତି। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଏକ୍‌ଜିଟ୍ ପୋଲ୍ ଅନୁସାରେ ଭାଜପା ୮୦-୯୦ରେ ସୀମିତ ରହିବ। କଂଗ୍ରେସ ୧୧୦-୧୨୦ ଆସନ ଦଖଲ କରିବ। ଜେଡିଏସ୍‌କୁ ୨୦-୨୪ ଆସନ ମିଳିପାରେ। ଇଣ୍ଡିଆ ଟୁଡେ-ଏକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଭାଜପା ମାତ୍ର ୬୨-୮୦ରେ ସୀମିତ ରହିପାରେ। କଂଗ୍ରେସ ୧୨୨-୧୪୦ ଆସନ ଦଖଲ ସହ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବ। ଜେଡିଏସ୍‌କୁ ୨୦-୨୫ ଓ ଅନ୍ୟମାନଙ୍କୁ ୦-୩ ଆସନ ମିଳିପାରେ। ତେବେ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀ ସବୁବେଳେ ସମ୍ପୂର୍ଣ୍ଣ ସତ ହୋଇ ନ ଥାଏ। ତେଣୁ ଆସନ୍ତା ୧୩ ତାରିଖ (ଶନିବାର) ଭୋଟ ଗଣତି ପରେ ଫଳାଫଳକୁ ଅପେକ୍ଷା।

ଝାରସୁଗୁଡ଼ା ଉପନିର୍ବାଚନ: ...

ପ୍ରଥମ ଥର ପାଇଁ ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯାଇଛି। ସମସ୍ତ ବୁଥ୍‌ରେ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ୨୬ଟି ପିଙ୍କ୍ ଓ ମ୍ୟୁନିସିପାଲିଟି ଅଞ୍ଚଳକୁ ଛାଡ଼ି ବିଭିନ୍ନ ପଞ୍ଚାୟତରେ ୪୦ଟି ମଡେଲ ବୁଥ୍ କରାଯାଇଥିଲା । ଭିନ୍ନକ୍ଷମ ଭୋଟରଙ୍କ ପାଇଁ ହ୍ୱିଲଚେୟାର ଏବଂ ରାମ୍ପ୍ ବ୍ୟବସ୍ଥା କରାଯାଇଥିଲା। ଯୁବ ଭୋଟରଙ୍କୁ ଉତ୍ସାହିତ କରିବାକୁ ସେଲ୍‌ଫି ପଏଣ୍ଟ କରାଯାଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍‌ଗୁଡ଼ିକୁ ରଖାଯାଇଛି। ଆସନ୍ତା ୧୩ ତାରିଖରେ ଭୋଟ ଗଣତି ହେବ।

୩ ଜଣଙ୍କ ଡିଏନ୍‌ଏରେ ...

ଜଣେ ମହିଳାଙ୍କ ଗର୍ଭରେ ଅବସ୍ଥାପନ କରାଯାଏ। ଦାନ କରାଯାଇଥିବା ଶୁକ୍ରାଣୁରୁ ସଂଗୃହୀତ ଆନୁବଂଶିକ ଉପାଦାନ ଜରିଆରେ ୧%ରୁ କମ୍ ଶିଶୁ ଜନ୍ମ ହୋଇଥାଆନ୍ତି ବୋଲି ଫର୍ଟିଲିଟି ରେଗୁଲେଟର ବୁଧବାର ଏକ ବିବୃତିରେ କହିଛନ୍ତି। ଉକ୍ତ ଚିକିତ୍ସାରେ ସାମିଲ ଥିବା ନ୍ୟୁକ୍ୟାଶେଲ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହା ଉପରେ ଖୁବ୍‌ଶୀଘ୍ର ବିସ୍ତୃତ ରିପୋର୍ଟ ପ୍ରକାଶ କରିବେ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଏଭଳି ଉପାୟରେ ଜନ୍ମିତ ଶିଶୁଙ୍କ ଭବିଷ୍ୟତକୁ ନେଇ ଅନୁଧ୍ୟାନ କରିବା ଏକ ଜଟିଳ ବ୍ୟାପାର ବୋଲି ଲଣ୍ଡନସ୍ଥିତ ବାୟୋଡେକାଲ ରିସର୍ଚ୍ଚ ସେଣ୍ଟର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଷ୍ଟେମ୍ ସେଲ୍ ବିଶେଷଜ୍ଞ ରୋବିନ୍ ଲୋଭେଲ୍-ବେଜ୍ ସତର୍କ କରାଇଛନ୍ତି। ଆମେରିକୀୟ ଡାକ୍ତରମାନେ ମାଇଟୋକୋଣ୍ଡ୍ରିଆ ଡୋନେଶନ୍ ଟେକ୍‌ନିକ୍ ଜରିଆରେ ବିଶ୍ୱର ଶିଶୁ ଜନ୍ମ କରାଇଥିବା ନେଇ ୨୦୧୬ରେ ଦାବି କରିଥିଲେ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବି

ଗଜପତି ଜିଲା ଜିରାଙ୍ଗସ୍ଥିତ ବୁଦ୍ଧମନ୍ଦିରରେ ବୌଦ୍ଧଭିକ୍ଷୁ ଓ ବୌଦ୍ଧ ଲାମ୍ପାଙ୍କ ଗହଣରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ଖୁବ୍‌ଶୀଘ୍ର ବାୟୋଟେକ୍ନୋଲୋଜି ନୀତି

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବିଜ୍ଞାନ ଓ ବୈଷୟିକ ବିଭାଗ ଆନୁକୂଲ୍ୟରେ ରାଜ୍ୟର ନୂତନ ବାୟୋଟେକ୍ନୋଲୋଜି ନୀତି ନେଇ ଏକ ପରାମର୍ଶଦାତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଶିକ୍ଷଣ ପ୍ରତିଷ୍ଠାନ, ଶିଳ୍ପାନୁଷ୍ଠାନ ଓ ସରକାରଙ୍କ ତରଫରୁ ୫୦ରୁ ଅଧିକ ପ୍ରତିନିଧି ଯୋଗଦେଇ ସେମାନଙ୍କ ମୂଲ୍ୟବାନ୍ ମତାମତ ରଖିଛନ୍ତି । ଆସନ୍ତା ୨ ମାସ ମଧ୍ୟରେ ବାୟୋଟେକ୍ନୋଲୋଜି ନୀତି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବ ବୋଲି କୁହାଯାଇଛି।

ଭିତ୍ତିଭୂମିର ଉନ୍ନତି, ଗବେଷଣା ତଥା ବିକାଶକୁ ଆଧାରକରି ରାଜ୍ୟରେ ବାୟୋଟେକ୍ନୋଲୋଜି ପରିମଣ୍ଡଳକୁ ସୁଦୃଢ଼ କରିବା ଉପରେ ସମସ୍ତ ଅଂଶୀଦାର ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ ଶିଳ୍ପନୀତି-୨୦୨୨ରେ ଓଡ଼ିଶା ସରକାର ବାୟୋଟେକ୍ନୋଲୋଜିକୁ ଏକ ପ୍ରମୁଖ କ୍ଷେତ୍ର ଭାବେ ଚିହ୍ନିତ କରିଥିଲେ । ସମସ୍ତ ଯୋଗ୍ୟ ବାୟୋଟେକ୍ନୋଲୋଜି ଉଦ୍ୟୋଗୀଙ୍କୁ ପର୍ଯ୍ୟାପ୍ତ ସରକାରୀ ସମର୍ଥନ ଓ ସହାୟତା ଦେବାକୁ ଅଂଶୀଦାରମାନେ ମତବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ନିବେଶ ବୃଦ୍ଧି ନିମନ୍ତେ ଶିଳ୍ପ ବିଶେଷଜ୍ଞମାନେ ସାମୁଦ୍ରିକ ବାୟୋଟେକ୍ନୋଲୋଜି, ବାୟୋମେଡିକାଲ ଇଞ୍ଜିନିୟରିଂ, ଡାଇଗ୍ନୋଷ୍ଟିକ୍, ଜୈବ ଖଣିଜ ପ୍ରକ୍ରିୟାକରଣ, ଜୈବ ବିବିଧତା ପରି ପ୍ରମୁଖ ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ଉଲ୍ଲେଖ କରିଛନ୍ତି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ଓ ଭାରତ ସରକାରଙ୍କ ପ୍ରତିନିଧିମାନେ ଯଥାର୍ଥ ସେବା ପ୍ରଦାନ ଓ ପ୍ରଶାସନିକ ସୁବିଧା ନିମନ୍ତେ ସୁଦୃଢ଼ କାର୍ଯ୍ୟାନ୍ୱୟନ ଢାଞ୍ଚା, ସାଙ୍ଗଠନିକ ବ୍ୟବସ୍ଥା, ତଦାରଖ ଓ ମୂଲ୍ୟାୟନ ବ୍ୟବସ୍ଥା, ଡିଜିଟାଲ ପ୍ଲାଟ୍‌ଫର୍ମ, ତଥ୍ୟ ସଂଗ୍ରହଣ ଓ ଆନ୍ତଃସଂଯୁକ୍ତ ବ୍ୟବସ୍ଥାଗୁଡ଼ିକ ଉପରେ ମତ ଦେଇଛନ୍ତି । ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିନିଧି ତଥା ଅଂଶୀଦାରମାନଙ୍କ ସହିତ ମତ ବିନିମୟ ସମୟରେ ବାୟୋଟେକ୍ନୋଲୋଜି ନୀତିରେ ବାୟୋ- ସାମୁଦ୍ରିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବା ଏବଂ ସେ ଦିଗରେ ରାଷ୍ଟ୍ରୀୟ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନ ସହିତ ସମ୍ପର୍କ ରଖିବା ଉପରେ ପରାମର୍ଶ ଦେଇଛନ୍ତି। ବିଭାଗୀୟ କମିଶନର ଭାସ୍କର ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ କର୍ମଶାଳାରେ ଉପସ୍ଥିତ ଥିଲେ।

ବନ୍ଦେ ଭାରତ ଏକ୍ସପ୍ରେସ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି ପ୍ରଧାନମନ୍ତ୍ରୀ: ଭାଜପା

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିପାରନ୍ତି। ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ଦୀର୍ଘଦିନ ହେବ ଆଲୋଚନା ଚାଲିଛି। କିଛିଦିନ ତଳେ ମୋଦି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କଟକ ଆସିପାରନ୍ତି ବୋଲି ଦଳର କେତେଜଣ ବରିଷ୍ଠ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଥିଲା। ହେଲେ ସେନେଇ କିଛି ସ୍ପଷ୍ଟ ସୂଚନା କେହି ଦେଇପାରିଲେ ନାହିଁ। ତେବେ ପୁରୀରେ ହେବାକୁ ଥିବା 'ବନ୍ଦେ ଭାରତ ଏକ୍ସପ୍ରେସ୍'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଆସିପାରନ୍ତି ବୋଲି ଭାଜପା ନେତା ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବୁଧବାର ପୃଥ୍ୱୀରାଜ କହିଛନ୍ତି, ମୋଦିଙ୍କ ଓଡ଼ିଶା ଗସ୍ତର ସମ୍ଭାବନା ଅଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଯେତେବେଳେ ଆରମ୍ଭ ହେବ ସେତେବେଳେ ସମସ୍ତେ ଆଶା କରିଛନ୍ତି ପ୍ରଧାନମନ୍ତ୍ରୀ ତାକୁ ଓଡ଼ିଶାରେ ଆସି ଲୋକାର୍ପଣ କରନ୍ତୁ। ରାଜ୍ୟରେ ପ୍ରଥମ କରି ବନ୍ଦେ ଏକ୍ସପ୍ରେସ୍ ଚାଲିବାକୁ ଥିବାରୁ ଏହା ଓଡ଼ିଶା ପାଇଁ ଏକ ନୂଆ ମାଇଲଖୁଣ୍ଟ। ଯେହେତୁ ଯେଉଁସବୁ ସ୍ଥାନରେ ଏହି ଏକ୍ସପ୍ରେସ୍ ପ୍ରଧାନମନ୍ତ୍ରୀଙ୍କ ହାତରେ ଲୋକାର୍ପଣ ହେଉଛି ତେଣୁ ଏଠାକୁ ସେ ଆସିବେ ବୋଲି ଆଶା କରାଯାଉଛି। ତେବେ ବନ୍ଦେ ଭାରତ ଏକ୍ସପ୍ରେସ୍ ଲୋକାର୍ପଣ କେବେ କରାଯିବ ତା'ର ତାରିଖ ଆସି ନ ଥିବା ପୃଥ୍ୱୀରାଜ କହିଛନ୍ତି। ରଥଯାତ୍ରା ପୂର୍ବରୁ ଏହା କରାଯିବ ବୋଲି ସେ କହିଛନ୍ତି। ତେବେ ଜଣେ ରେଳ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୫ରୁ ପୁରୀରୁ ହାଓଡାକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ। ତେବେ ଟ୍ରେନ୍ ଯାତ୍ରା ସାରଣୀ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଖୁବ୍‌ଶୀଘ୍ର ଏନେଇ ସୂଚନା ପ୍ରକାଶ ପାଇବ। ପ୍ରଧାନମନ୍ତ୍ରୀ ଭର୍ଚୁଆଲରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି ବୋଲି ସେ କହିଛନ୍ତି।

ଡିସେମ୍ବର ସୁଦ୍ଧା ସମସ୍ତ ହାଇସ୍କୁଲ ରୂପାନ୍ତରିତ ହେବ

- 'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ
- ୫୨୯.୫୬ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ୨୦୨୩ ଡିସେମ୍ବର ସୁଦ୍ଧା ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚତୁର୍ଥ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ପ୍ରସ୍ତାବିତ ସମୟସୀମା ପୂର୍ବରୁ ଶେଷ କରିବା ନେଇ ଆଲୋଚନା ହୋଇଛି। ଏହି ପର୍ଯ୍ୟାୟରେ ୧୫୦୦ରୁ ଊର୍ଦ୍ଧ୍ୱ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହେବ। ଫଳସ୍ୱରୂପ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ କ୍ରୀଡ଼ା ଭିତ୍ତିଭୂମି, ଶିଶୁ ସୁଲଭ ସ୍କୁଲ କ୍ୟାମ୍ପସ୍ ସହ ଶୁଦ୍ଧ ପାନୀୟ ଜଳ ଓ ପୃଥକ୍ ଶୌଚାଳୟର ସୁବିଧା ପାଇପାରିବେ। ଏହା ବ୍ୟତୀତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ କ୍ଲବ୍ ପ୍ରଚଳନର ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ 'ମୋ ସ୍କୁଲ ଅଭିଯାନ' ଏହାର ହିତାଧିକାରୀ ଓ ବିଭିନ୍ନ ଅନୁଷ୍ଠାନ ସହିତ ନିର୍ଦ୍ଧାରିତ ୪ଟି କ୍ଲବ୍ ତଥା କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ କ୍ଲବ୍ ପାଇଁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ଏବଂ ଏହାର ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଅନ୍ୟପକ୍ଷରେ ବୈଠକରେ ଓଡ଼ିଶାର ୩୦ ଜିଲାର ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ଏକମାସ ମଧ୍ୟରେ ୭,୩୫୮ ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୧୬୫ କୋଟି ୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଓ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ଏହା ୨୪୦୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ। ବାଲେଶ୍ୱରରେ ସର୍ବାଧିକ ୨ କୋଟି ୪ ଲକ୍ଷ, ଗଞ୍ଜାମରେ ୬୦ ଲକ୍ଷ, କଟକରେ ୪୮ ଲକ୍ଷ ୧୩ ହଜାର, ବଲାଙ୍ଗୀରରେ ୪୭ ଲକ୍ଷ ୪୩ ହଜାର ଏବଂ ଭଦ୍ରକରେ ୩୮ ଲକ୍ଷ ୮୭ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୯୦ ହଜାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍‌ଗୁଡ଼ିକୁ ଆର୍ଥିକ ସହାୟତା ସହ ଯୋଡ଼ି ହୋଇଛନ୍ତି। ଏହି ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି ଏବଂ ମୋ ସ୍କୁଲ୍ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

କାର୍‌ରେ ଗଞ୍ଜେଇ ଚୋରାଚାଲାଣ, ୫ ଗିରଫ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣବେଳେ ଭରତପୁର ଥାନା ପୋଲିସ ମଙ୍ଗଳବାର ଘାଟିକିଆ ଗାଁ ନିକଟରେ ଚଢ଼ାଉ କରି ୫ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳର ରବୀନ୍ଦ୍ର ବିଶୋଇ, ସନୁଜ କୁମାର ନାୟକ, କେନ୍ଦୁଝରର ଅକ୍ଷୟ କୁମାର ନାଥ, ଗଞ୍ଜାମର ବାପି ନାୟକ ଓ ବୌଦ୍ଧର ଅକ୍ଷାୟୁ କହଁର। ଏମାନଙ୍କଠାରୁ ୩୦ କେଜି ୪୦୦ ଗ୍ରାମ ଗଞ୍ଜେଇ, ୬ ମୋବାଇଲ ଫୋନ୍ ଓ ଚୋରା ଚାଲାଣରେ ବ୍ୟବହୃତ କାର୍‌କୁ ଜବତ କରିଛି ପୋଲିସ। ଏନେଇ ଏକ ମାମଲା (ନଂ.୨୦୦/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ଓ ଏହା ବୌଦ୍ଧରୁ ବାଲେଶ୍ୱର ଚୋରାଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି।

ମେ' ଶେଷ ସୁଦ୍ଧା ସବୁ ଜିଲାକୁ ଧଣିଚା ବିହନ ଯୋଗାଅ: ମନ୍ତ୍ରୀ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଚଳିତ ଖରିଫ ଚାଷ ନିମନ୍ତେ ଚାଷୀଙ୍କୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ବିହନ ଓ ସାର ଅନ୍ୟ କୃଷି ସାମଗ୍ରୀ ଯୋଗାଇବା ସହିତ ସବୁଜ ସାର ଭାବେ ରାଜ୍ୟରେ ଧଣିଚା ଚାଷକୁ ବ୍ୟାପକ କରାଯାଇ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମେ ମାସ ଶେଷ ସୁଦ୍ଧା ସମସ୍ତ ଜିଲାକୁ ଧଣିଚା ବିହନ ଯୋଗାଇଦେବାକୁ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଭବନଠାରେ ବୁଧବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ କୃଷି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାରେ ଚଳିତ ବର୍ଷ ରେକର୍ଡ ୧୩ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ଚାଷୀଙ୍କୁ ବିହନ, ସାର, କୀଟନାଶକ ଯୋଗାଇ କ୍ଷେତ୍ରରେ କୌଣସି ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ। ଅସାଧୁ ଡିଲର ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ କ୍ଷେତ୍ରସ୍ତରରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ବିହନକୁ ଠିକ୍ ସମୟରେ ଉପଲବ୍ଧ କରାଇବା ଦିଗରେ ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ ଆଗୁଆ ବୁକିଂର ବ୍ୟବସ୍ଥା ରହିଛି। ଏହାସହ ଡ୍ରୋନ୍ ମାଧ୍ୟମରେ କୀଟନାଶକ ଓ ତରଳ ସାର ପ୍ରୟୋଗକୁ ଅଗ୍ରାଧିକାର ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ସମ୍ପ୍ରତି କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ରୂପେ ପରିଗଣିତ ହୋଇଛି। ନାନୋ ୟୁରିଆର ବ୍ୟବହାରିତାକୁ ଦେଖି ଚାଷ କ୍ଷେତ୍ରରେ ତାହାର ପ୍ରୟୋଗକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଆରମ୍ଭ ହେଲା ପୁଷ୍ପା-୨ ଶୁଟିଂ

ମାଲକାନଗିରି, ୧୦।୫ (ଡି.ଏନ.ଏ.)

ବୁଧବାର ବହୁଚର୍ଚ୍ଚିତ ଚଳଚ୍ଚିତ୍ର ପୁଷ୍ପା-୨ ମାଲକାନଗିରି ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପଲୁରୁ ଅଞ୍ଚଳରେ ଶୁଟିଂ ଆରମ୍ଭ ହୋଇଛି। ଏଥିପାଇଁ ଟିମ୍ ପକ୍ଷରୁ ନକଲି ଚନ୍ଦନକାଠ, ଗଛ, ଷ୍ଟେଜ୍ ଆଦି ବିଭିନ୍ନ ସାମଗ୍ରୀ ଆସିଥିବା ଜଣାପଡିଛି। ଶୁଟିଂ ସମୟରେ ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନି, ଏସ୍‌ଡିପିଓ ସଚିନ ପଟେଲ, ଉପ ଜିଲାପାଳ ଅକ୍ଷୟ ଖେମୁଡୁ ଓ କାଲିମେଳା ତହସିଲଦାର ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମାଲକାନଗିରି ଜିଲାରେ ଏହି ଚଳଚ୍ଚିତ୍ର ଶୁଟିଂ ପାଇଁ ଏହାର ନିର୍ଦ୍ଦେଶକ ସୁକୁମାର ଓ ଟିମ୍ ସ୍ଥାନ ନିରୂପଣ କରିଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ଅନୁମତି ଲୋଡ଼ିଥିଲେ। ଶୁଟିଂ ଦେଖିବା ପାଇଁ ଅନେକ ଦର୍ଶକ ସେଠାରେ ଭିଡ ଜମାଇଥିଲେ। ସୂଚନାଯୋଗ୍ୟ, ପୁଷ୍ପା-୨ ଚଳଚ୍ଚିତ୍ର ଲାଗି ପ୍ରାୟ ୫୦୦ କୋଟି ଟଙ୍କାର ବଜେଟ ହୋଇଛି। ଏଥିରେ ସାଉଥ୍ ସୁପରଷ୍ଟାର ଆଲୁ ଅର୍ଜୁନ ଏବଂ ନାୟିକା ରଶ୍ମିକାଙ୍କ ସହ ସାଇ ପଲ୍ଲବୀ, ସୁନୀଲ, ଅନସୂୟା, ସାହାଦ୍ ଅସିମ, ଜଗଦିଶ ପ୍ରସାଦ, ଅଜୟ ଘୋଷଙ୍କ ଭଳି କଳାକାର ଅଭିନୟ କରିବେ।

ଟିମ୍ ପକ୍ଷରୁ ଶୁଟିଂ ପାଇଁ ବ୍ୟବସ୍ଥା କରାଯାଉଛି।

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Alum
- Castic Soda
- Acetic Acid
- HCL Acid
- Dolomite Powder
- Sulphuric Acid
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ଝାରଖଣ୍ଡ ସ୍ଟେଟ ଫରେସ୍ଟ ଡେଭଲପମେଣ୍ଟ କର୍ପୋରେଶନ ଲିମିଟେଡ
(ଝାରଖଣ୍ଡ ସରକାର କା ଉପକ୍ରମ)
କା0: ଅପର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ସହ-ପ୍ରବନ୍ଧ ନିଦେଶକ,
ଝାରଖଣ୍ଡ ରାଜ୍ୟ ବନ ବିକାସ ନିଗମ ଲି0, 455/A, ରୋଡ ନଂ0-5, ଅଶୋକ ନଗର, ରାଁଚୀ।
E-mail – md_jsfdc@yahoo.co.in/mdjsfdc@gmail.com Mob. No. – 7033594477/9304727852

ई-निविदा सूचना संख्या ल0 व0 प0 प0 (के0 प0)-05 / 2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई-निविदा
अतिअल्पकालीन ई-निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई-निविदायें आमंत्रित की जाती हैं। निविदायें वेब पोर्टल www.jharkhand tenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

निविदा चक्र (निविदा रेफरेन्स सं0)	समय	निविदा अभिलेख डाउनलोड एवं समर्पण की तिथि	निविदा खोलने की तिथि
पन्द्रहवाँ चक्र (KL/15/2023)	प्रारम्भ 11.00 बजे पूर्वा0 अन्त 5.00 बजे अप0	19.05.2023 26.05.2023	29.05.2023

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत ट्।छ की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, ळैज निबंधन संख्या के प्रमाण-पत्र की अभिप्रमाणित प्रति, विगत् लेखा वर्ष के ळैज रिटर्न की प्रति तथा अपलोड किये गये अन्य दस्तावेजों की एक-एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :-
(1) उप निदेशक (मुख्यालय), राँची, 8789362839 (3) श्री ब्रायन माईल्स, राँची, 9153989368
(2) श्री प्रसून कुमार, FPI, राँची, 7909091131

ह0/-
अपर प्रधान मुख्य वन संरक्षक-सह-प्रबन्ध निदेशक,
झारखण्ड राज्य वन विकास निगम लि0,राँची

PR 297005 Jharkhand State Forest Development Corp Ltd(23-24).D

कार्यपालक अभियंता का कार्यालय, ग्रामीण विकास विशेष प्रम

ସମାଜର ପ୍ରଧାନ ଆବଶ୍ୟକତା ହେଉଛି– ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। –ଶ୍ରୀମା

ମନସ୍ତାତ୍ତ୍ୱିକ ବିବର୍ତ୍ତନର ସିଦ୍ଧାନ୍ତ

ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ, ଜୈନଧର୍ମ ସେମାନଙ୍କ ଧର୍ମର ଏକ ଶାଖା। ହିନ୍ଦୁମାନେ ବହୁ ସମୟରେ ଏହି ଦୁଇ ଧର୍ମକୁ ଏକାଠି କରିବାକୁ ସନାତନ ଧର୍ମ ଭଳି ଖଣ୍ଡବାକ୍ୟ ବି ବ୍ୟବହାର କରିଥାନ୍ତି। ଏହା ନିଃସନ୍ଦେହ ଯେ, ଜୈନ ଓ ହିନ୍ଦୁଧର୍ମ ମଧ୍ୟରେ ଅନେକ ବିଷୟରେ ସମାନତା ଅଛି। କିନ୍ତୁ ଏହି ଦୁଇ ଧର୍ମ ମଧ୍ୟରେ ବି ଅନେକ ବିଷୟରେ ପ୍ରଭେଦ ରହିଛି, ଯାହା ସେମାନଙ୍କୁ ପୃଥକ୍ କରିଛି। ହିନ୍ଦୁଧର୍ମ ଶାସ୍ତ୍ରଗୁଡ଼ିକରେ ଉଲ୍ଲିଖିତ ଧର୍ମୀୟ ବିଚାରକୁ ଯେଭଳି ବୁଝାଯାଇଛି ତାହାକୁ ଜୈନମାନେ ଗ୍ରହଣ କରନ୍ତି ନାହିଁ। ଜୈନ ବିଚାରରେ ଧର୍ମ ହେଉଛି ବିଭିନ୍ନ ବିଷୟର ଏକ ସମାୟୋଜିତ ପଦ୍ଧତି, ଯାହା ଏକ ଅଭିଯାନକୁ ସୂଚିତ କରେ ଓ ତାହାକୁ ଦ୍ରବ୍ୟ କୁହାଯାଏ। ଦ୍ରବ୍ୟ ହେଉଛି ବ୍ରହ୍ମାଣ୍ଡର ପ୍ରମୁଖ ମୌଳିକ ସଞ୍ଚାଳନକାରୀ ସିଦ୍ଧାନ୍ତ। କିନ୍ତୁ ଅପରପକ୍ଷରେ ହିନ୍ଦୁଧର୍ମରେ ଥିବା ବ୍ୟବସ୍ଥିତ ସିଦ୍ଧାନ୍ତ ଅନୁଯାୟୀ, ଧର୍ମ ହେଉଛି ଏକ ସଂସ୍କୃତିଗତ ମୂଲ୍ୟବୋଧ। ଏହା ବର୍ଣ୍ଣ(ବଂଶାନୁଗତ ବୃତ୍ତି) ଓ ଆଶ୍ରମ(ଜୀବନର ଅବସ୍ଥା) ଧାରଣ କରି ସମାଜରେ କେବଳ ନିଜେ ବଞ୍ଚି ରହିବା ଭଳି ସ୍ୱାର୍ଥବାଦୀ ମନୋଭାବକୁ ଆୟତ୍ତ କରିବା ପାଇଁ ମଣିଷର ଦକ୍ଷତାକୁ ସୂଚିତ କରେ। ଉଭୟ ଜୈନ ଓ ହିନ୍ଦୁମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି। ଉଭୟ ଧର୍ମର ଲୋକେ ମଧ୍ୟ ବିଶ୍ୱାସ କରନ୍ତି ଯେ, ବ୍ରହ୍ମାଣ୍ଡର ପ୍ରତ୍ୟେକ ଜୀବଙ୍କ ମଧ୍ୟରେ ଆତ୍ମା ଅଛି। ତେବେ ଜୈନମାନେ ଭଗବାନ ଶିବ କିମ୍ବା ବିଷ୍ଣୁଙ୍କ ଭଳି ପରମାତ୍ମା ବିଚାରଧାରାରେ ବିଶ୍ୱାସ କରନ୍ତି ନାହିଁ। ସେମାନେ ପବିତ୍ର ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଭାବେ ତୀର୍ଥଙ୍କରଙ୍କୁ ବିଶ୍ୱାସ କରନ୍ତି, ଯିଏ ସମୟକ୍ରମେ ଆବିର୍ଭାବ ହୋଇ ଦିବ୍ୟ ବା ସନାତନ ଜୈନ ସିଦ୍ଧାନ୍ତର ସନ୍ଧାନ କରନ୍ତି ଓ ଏହାକୁ ପ୍ରଚାର କରିଥାନ୍ତି।

ଏହି ଯୁଗର ପ୍ରଥମ ତୀର୍ଥଙ୍କର ହେଉଛନ୍ତି ଋଷଭନାଥ। ଅନେକ ହିନ୍ଦୁ ଶିବଙ୍କ ସହ ଋଷଭନାଥଙ୍କୁ ସମାନ ବୋଲି ବିଚାର କରିଥାନ୍ତି, କାରଣ ଋଷଭଙ୍କ ପ୍ରତୀକ ହେଉଛି ଷଣ୍ଢ। ବହୁ ଜୈନଧର୍ମାବଲମ୍ବୀ ବିଶ୍ୱାସ କରନ୍ତି , ହରପ୍ପା ସଭ୍ୟତାରେ ଥିବା ଷଣ୍ଢର ମୋହର ସେ ସମୟରେ ସେଠାରେ ଜୈନମାନେ ଥିବା ପ୍ରମାଣ ଦିଏ। କିନ୍ତୁ ଋଷଭନାଥ ଓ ଶିବଙ୍କ ମଧ୍ୟରେ ଏକ ପାର୍ଥକ୍ୟ ରହିଛି। ତପସ୍ୱୀ ଶିବ ଗୃହସ୍ଥ ଜୀବନ ପାଇଁ ପାର୍ବତୀଙ୍କୁ ବିବାହ କରିଥିଲେ। କିନ୍ତୁ ଋଷଭନାଥ ଜଣେ ସନ୍ନ୍ୟାସୀ ହେବା ଲାଗି ବିବାହ ଓ ବିଷୟାସକ୍ତ ଜୀବନକୁ ତ୍ୟାଗ କରିଥିଲେ। ଅନେକ ବର୍ଷଧରି ଜଣେ ରାଜା ଭାବେ ସେ ଶାସନ କରିଛନ୍ତି। କିନ୍ତୁ ପରେ ଋଷଭନାଥ ଇନ୍ଦ୍ରଲୋକରେ ଜଣେ ଅପ୍‌ସରାଙ୍କ ମୃତ୍ୟୁ ହେବା ଏବଂ ଇନ୍ଦ୍ର ତାଙ୍କ ମାୟା ଶକ୍ତି ବଳରେ ପୁନର୍ବାର ତାଙ୍କୁ ନଚାଇବା ଦେଖି ଜଣେ ସନ୍ନ୍ୟାସୀ ହେବାକୁ ଚାହିଁଥିଲେ ଓ ତାହା ହୋଇ ଶେଷରେ ଜଣେ ତୀର୍ଥଙ୍କର ପାଲଟିଯାଇଥିଲେ। ତାଙ୍କ ପୁତ୍ର ଏବଂ ଉତ୍ତରାଧିକାରୀ ଥିଲେ ଭରତ, ଯିଏ କି ଜଣେ ବିଶ୍ୱ ବିଜୟୀ ସମ୍ରାଟ ହୋଇଥିଲେ। ଏହି ସମ୍ରାଟ ଭରତଙ୍କ ନାମାନୁସାରେ ଦେଶର ନାମ ଭାରତ ହୋଇଛି। କିନ୍ତୁ ହିନ୍ଦୁମାନେ କହନ୍ତି ଯେ, ଦେଶର ନାମକରଣ ଶକୁନ୍ତଳାଙ୍କ ପୁତ୍ର ଭରତଙ୍କ ନାମାନୁସାରେ ହୋଇଛି। ଋଷଭ ତାଙ୍କ ଝିଅ ସୁନ୍ଦରୀକୁ ଗଣିତ ପଢ଼ାଇଥିଲେ ଏବଂ ଅନ୍ୟ ଜଣେ ଝିଅ ବ୍ରାହ୍ମୀଙ୍କୁ ଲେଖା ଶିଖାଇଥିଲେ। ସେଥିପାଇଁ ଭାରତର ପୁରାତନ ଲିପି ନାମ ବ୍ରାହ୍ମୀ।

ହିନ୍ଦୁମାନଙ୍କ ଭଳି ଜୈନମାନଙ୍କର ରାମାୟଣ ଓ ମହାଭାରତ ଅଛି। କିନ୍ତୁ ଏଥିରେ ବିରାଟ ପ୍ରଭେଦ ରହିଛି। ଜୈନ ରାମାୟଣରେ ଶ୍ରୀରାମଙ୍କୁ ଭିନ୍ନ ଭାବେ ଉପସ୍ଥାପନ କରାଯାଇଛି। ରାମ ସେଥିରେ ପୌମା ବା ପଦ୍ମ ଭାବେ ଜଣାଶୁଣା। ସେହି ରାମାୟଣରେ ରାବଣଙ୍କୁ ଲକ୍ଷ୍ମଣ ବଧ କରିଥିବା ଉଲ୍ଲେଖ କରାଯାଇଛି। ଏଥିରେ ରାମଙ୍କୁ ଜଣେ ଅହିଂସକ ଚରିତ୍ର ଭାବେ ଦର୍ଶାଯାଇଛି, ଯାହା ଜୈନଧର୍ମର ଉଚ୍ଚତମ ମୂଲ୍ୟବୋଧକୁ ବଜାୟ ରଖିଛି। ଏଣୁ ରାମ ମୋକ୍ଷ (ଜନ୍ମ–ମୃତ୍ୟୁ ଚକ୍ରରୁ ମୁକ୍ତି) ଏବଂ କେବଳଜ୍ଞ (ସର୍ବଜ୍ଞ) ପ୍ରାପ୍ତି କରିଥିବାବେଳେ ଲକ୍ଷ୍ମଣ ଓ ରାବଣ ନର୍କ ପଥର ଯାତ୍ରୀ ହୋଇ ସେଠାରେ କିଛି ଦିନ ଜୀବନ ବିତାଇବା ପରେ ମୋକ୍ଷ ଲାଭ କରିଛନ୍ତି।

ଜୈନ ମହାଭାରତ ହରିବଂଶ ଭାବେ ଖ୍ୟାତ। ଏଥିରେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ନୁହେଁ, ବରଂ କୃଷ୍ଣ –ଜରାସନ୍ଧ ମଧ୍ୟରେ ଯୁଦ୍ଧ କଥା ଉଲ୍ଲେଖ କରାଯାଇଛି। ସେଥିରେ ଉଗ୍ର ସ୍ୱଭାବୀ ଲକ୍ଷ୍ମଣଙ୍କ ଭଳି କୃଷ୍ଣଙ୍କୁ ଦର୍ଶାଯାଇଛି। ଏଣୁ କୃଷ୍ଣ ତତ୍‌କ୍ଷଣାତ ମୋକ୍ଷ ଲାଭ ନ କରି ପରବର୍ତ୍ତୀ ଜୀବନରେ ଏହା ପାଇଛନ୍ତି। ଆମକୁ କୁହାଯାଇଛି ଯେ, କୃଷ୍ଣଙ୍କ ସମ୍ପର୍କୀୟ ଭାଇ ନେମୀ ମାଂସ ପାଇଁ ଅଣାଯାଉଥିବା ପ୍ରାଣୀଙ୍କ କ୍ରନ୍ଦନ ଶୁଣି ବିବାହ କରିବାକୁ ମନା କରିଦେଇଥିଲେ। ହେଲେ ସେ ଏହି ଯୁଗରେ ଆଉ ଜଣେ ତୀର୍ଥଙ୍କର ହୋଇପାରିଛନ୍ତି। ଜୈନଶାସ୍ତ୍ର ଅନୁଯାୟୀ, ୯ ଜଣ ବାସୁଦେବଙ୍କ ମଧ୍ୟରୁ ଦୁଇଜଣ ହେଉଛନ୍ତି ଲକ୍ଷ୍ମଣ ଓ କୃଷ୍ଣ। ସେମାନେ ପ୍ରତି ଯୁଗରେ ସେମାନଙ୍କ ଭାଇ ରାମ ଓ ବଳରାମ (ବଳଦେବ ବା ବଳଭଦ୍ର)ଙ୍କ ସହ ରହି ରାବଣ ଓ ଜରାସନ୍ଧଙ୍କ ସହ ଯୁଦ୍ଧ କରିଛନ୍ତି।

ଜୈନମାନେ ବିଶ୍ୱାସ କରନ୍ତି , କୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ ନାକକୁ କଂସ କାଟି ବିକୃତ କରିଥିଲେ। ଏଣୁ ସେ ବିବାହ କରିପାରି ନ ଥିଲେ ଓ ଜଣେ ଜୈନ ସନ୍ନ୍ୟାସିନୀ ପାଲଟିଯାଇଥିଲେ। ଜଙ୍ଗଲରେ ଥିବା ଜନଜାତିର ଲୋକେ ଭାବନ୍ତି ଯେ, ସେ ହେଉଛନ୍ତି ଦେବୀ। ଉପବାସ ବ୍ରତର ଶପଥ ନେଇଥିବାରୁ ଦେବୀ ଫଳମୂଳ ଓ ପରିବା ନ ଖାଇ ସେସବୁ ସେମାନଙ୍କୁ ଦେଇଦିଅନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। କୁହାଯାଇଛି ଯେ, ଆଦିବାସୀମାନେ ଫେରିବାବେଳେ ଦେବୀ ରହିଥିବା ସ୍ଥାନରେ ରକ୍ତ ଦେଖି ତାଙ୍କୁ ବାଘ ଖାଇଦେଇଥିବା ମନେକରିଛନ୍ତି। ଏହାସହ ଦେବୀ ଫଳ ଖାଉ ନ ଥିବାରୁ ସେ ରକ୍ତ ଚାହାନ୍ତି ବୋଲି ସେମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଜୈନ ବିଶ୍ୱାସ ଅନୁଯାୟୀ ଏହା ହିଁ ହେଉଛି ଗ୍ରାମଦେବୀଙ୍କୁ ରକ୍ତ ସମର୍ପଣ କରିବାର ମୂଳ ଉତ୍ସ।

ଅନେକ ପୁରୁଣା ତାମିଲ ମହାକାବ୍ୟଗୁଡ଼ିକରେ ଜୈନ ଧର୍ମର ସ୍ରଷ୍ଟା ଓ ଚରିତ୍ର ବିଷୟ ଉଲ୍ଲେଖ କରାଯାଇଛି। ଏହା ଅନୁମାନ କରାଯାଏ ଯେ, ତାମିଲ ପରମ୍ପରାରେ ଦେଖିବାକୁ ମିଳୁଥିବା ୬୩ ନାୟାନାର ବା ଶିବ ଉପାସକମାନେ ଜୈନଶାସ୍ତ୍ରରେ ରହିଥିବା ୬୩ ମହାପୁରୁଷଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଜୈନ ମହାପୁରୁଷଙ୍କ ମଧ୍ୟରେ ଅଛନ୍ତି ୨୪ ତୀର୍ଥଙ୍କର, ୧୨ ଚକ୍ରବର୍ତ୍ତୀ ଏବଂ ୯ ବାସୁଦେବ, ୯ ବଳଦେବ ଏବଂ ୯ ପ୍ରତିବାସୁଦେବ।

ହିନ୍ଦୁ ଧର୍ମ ରୂପୀ ବୃକ୍ଷର ଜୈନଧର୍ମ ଏକ ଶାଖା କି ନାହିଁ କିମ୍ବା ସନାତନ ଧର୍ମ ରୂପକ ଜଙ୍ଗଲରେ ଏକ ବୃକ୍ଷ ଭାବେ ରହିବାର ଏହାର ନିଜସ୍ୱ ଅଧିକାର ରହିଛି କି ନାହିଁ ତାହା ଉପରେ ସବୁଦିନ ପାଇଁ ଯୁକ୍ତି ଉଠିପାରେ। କିନ୍ତୁ ଜୈନମାନେ ସରଳରେ ଗୋଟିଏ ଧାଡ଼ିରେ ଅନେକାନ୍ତବାଦ ଦର୍ଶନ ଉପସ୍ଥାପନ କରନ୍ତି। ଏହି ଦର୍ଶନ କହେ, ବିଭିନ୍ନ ଲୋକଙ୍କ ମନସ୍ତାତ୍ତ୍ୱିକ ବିବର୍ତ୍ତନର ସ୍ତର ଅନୁଯାୟୀ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ବିଭିନ୍ନ ସିଦ୍ଧାନ୍ତ ରହିଆସିଛି, ଯାହା ଶାସ୍ତ୍ରଗୁଡ଼ିକରେ ପ୍ରକାଶ ପାଇଛି।

–devduttofficial@gmail.com

ଗୋଇନ୍ଦା ପାରା

ଅଭିମନ୍ୟୁ ଧଳ

"ମନପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି "ଆହାକି ସୁନ୍ଦର ତୋର ଘୁମୁରାରେ" "ମୁଁ ତ ବଡ଼ ଦେଉଳର ପାରାରେ"; ଭଜନ ସମ୍ରାଟ ସ୍ୱର୍ଗତ ଭିକାରୀ ଚରଣ ବଳଙ୍କ ସୁମଧୁର କଣ୍ଠସ୍ୱର ଚିରଦିନପାଇଁ ଲକ୍ଷଲକ୍ଷ ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଭକ୍ତିର ଅମୃତ ପରଶ ଆଣୁଥିବ। ଶ୍ରୀମନ୍ଦିର କାହିଁକି ପ୍ରତ୍ୟେକ ମନ୍ଦିରରେ ପାରାମାନଙ୍କର ରହଣି। ଏମାନେ ମନ୍ଦିର ପାରା ହୋଇଥିବାରୁ ମନ୍ଦିର ଛାଡ଼ି ଯାଆନ୍ତି ନାହିଁ। ପରନ୍ତୁ ଏହି ପାରା ମଣିଷଙ୍କ ଏତେ ନିକଟତର ଯେ ଏହା କଥା କହି ପାରୁ ନ ଥିଲେ ମଧ୍ୟ ଚିଠି ମାଧ୍ୟମରେ ବିଭିନ୍ନ ବାର୍ତ୍ତା ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ଧୁରନ୍ଧର। ପୁରାଣରେ ରାଧାକୃଷ୍ଣଙ୍କ ପ୍ରେମର ବାର୍ତ୍ତାବହ ଥିଲା ପାରା। ରାଜା, ମହାରାଜାମାନେ ଏହି ପାରାକୁ ଖବର ପ୍ରେରଣ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏସବୁ ପାରା ତାଲିମପ୍ରାପ୍ତ। ବର୍ତ୍ତମାନ ମଣିଷ ଏହି ପାରାକୁ ଗୋଇନ୍ଦାଗିରି କାର୍ଯ୍ୟରେ ବ୍ୟବହାର କରୁଛି। ଚାନ୍ଦିପୁର କ୍ଷପଣାସ୍ତ୍ରଘାଟି ଓ ପାରାଦୀପ ବନ୍ଦରର ତଥ୍ୟ ନେବାପାଇଁ ବିଦେଶର ପାରାମାନେ ସନ୍ଦିଗ୍ଧ ଅବସ୍ଥାରେ ପାଞ୍ଚଥର ଧରାପଡ଼ିଲେଣି। ନିକଟରେ ପାରାଦୀପ ଓ ପୁରୀଠାରେ ଏହି ପାରା ଧରାପଡ଼ିଛନ୍ତି। ଏବେ ଅସ୍ତରଙ୍ଗ ବ୍ଲକ ନାନପୁର ମୌଜାରୁ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି। ଉକ୍ତ ପାରାର ଦୁଇଗୋଡ଼ରେ ଦୁଇଟି ନଳୀ ଲାଗିଥିବା ବେଳେ ଡେଣାରେ ଅଜଣା ଭାଷାରେ କିଛି ଲେଖାଯାଇଥିବା ଦେଖିବାକୁ ମିଳିଛି। ଏହା ଏକ ଗୁପ୍ତ କ୍ୟାମେରା କିମ୍ବା ମେମୋରି ଚିପ୍ ବୋଲି ଅନୁମାନ କରାଯାଉଛି। ପୋଷାପାରାଙ୍କ ଗହଣରେ ବସିଥିବା ଏହି ପାରାକୁ ଜାଲ ପକାଇ ଧରାଯାଇଥିଲା। ପୋଷାପାରାଙ୍କୁ ଗୋଇନ୍ଦା କାମରେ ବ୍ୟବହାର କରିବା ଆରମ୍ଭ ହୋଇଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ। ଏକ ଗୋଇନ୍ଦା ପାରା 'ଚେର୍‌ଆମୀ'' ହିରୋ ଭୂମିକା ନିର୍ବାହ କରି ଚର୍ଚ୍ଚିତ ଥିଲା। ଏହି ସମୟରେ ସେ ୧୨ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ପାରାର ଗୁପ୍ତଚରଗିରି ବେଶ୍ ପ୍ରଶଂସନୀୟ ଥିଲା। ଏହି ଗୋଇନ୍ଦା ପାରାଙ୍କୁ ''ହୋମିଙ୍ଗ ପିଜନ'' କୁହାଯାଏ। ଏମାନେ ଘଣ୍ଟାକୁ ୧୬୦ କି.ମି. ଉଡୁଥିବା ବେଳେ ଏକାଥରେ ୧୮୦୦ କି.ମି. ଉଡ଼ନ୍ତି। ପୃଥିବୀରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପାରା ଥିଲେ ମଧ୍ୟ ''ହୋମିଙ୍ଗ ପିଜନ'' ଗୋଇନ୍ଦାଗିରି କରିବାକୁ ସମର୍ଥ। ଗୋଇନ୍ଦାଗିରି ପାଇଁ କଲମ୍ବିଆ, ବେଲଜିୟମ ପାରା ବଛାଯାଏ।

ସାଧାରଣତଃ ପାରାମାନେ ପରିବ୍ରାଜକ ପକ୍ଷୀ ନୁହନ୍ତି କିମ୍ବା ଏହା ପରିବ୍ରାଜନରେ ଏ ଦେଶରୁ ସେ ଦେଶକୁ ଉଡ଼ନ୍ତି ନାହିଁ। ଏମାନେ ନିଜ ବାସସ୍ଥାନ ବାହାରକୁ ଯାଆନ୍ତି ନାହିଁ। ତେଣୁ ଯେଉଁ ସ୍ଥାନର ଗୁପ୍ତ ରିପୋର୍ଟ ଦରକାର ସେହି ସ୍ଥାନରେ ପାରାକୁ ଛାଡ଼ି ଦିଆଯାଏ। କେତେ ଦିନ ତଳେ ଏକ ଆମେରିକାନ ପାରା କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଛି। ପାରାଟି ଆମେରିକାରୁ ଉଡ଼ି ପହଞ୍ଚିଛି ଅଷ୍ଟ୍ରେଲିଆରେ। ମେଲବୋର୍ନର ବାସିନ୍ଦା କେଭିନ ସୋଲ–ବାର୍ ପକ୍ଷୀଟିକୁ ନିଜ ଉଦ୍ୟାନରେ ଠାବ କରିଥିଲେ। ପାରାଟି ମଣିଷ ସହ ଚଳିବାରେ ଅଭ୍ୟସ୍ତ ଥିବାରୁ ଆପେ ଧରା ଦେଇଥିଲା। ତା'ପାଦରେ ବନ୍ଧାଯାଇଥିବା ଟ୍ୟାଗ୍‌ରୁ କେଭିନ ଜାଣିଲେ ଏହା ଆମେରିକା ଅନ୍ତର୍ଗତ ଆଲାବାମାର ଜଣେ ବ୍ୟକ୍ତି ତାହାର ମାଲିକ। ୧୩୦୦୦ କି.ମି. ଅତିକ୍ରମ କରି ଅଷ୍ଟ୍ରେଲିଆରେ ପହଞ୍ଚିବା ଏକ ରେକର୍ଡ। ଅଷ୍ଟ୍ରେଲିଆର ଆଇନ ଅନୁସାରେ ଅନ୍ୟ ଦେଶର ପଶୁପକ୍ଷୀ ବିନା ଅନୁମତିରେ ଅଷ୍ଟ୍ରେଲିଆ ଆଣିବା ମନା। ତେଣୁ ଉକ୍ତ ପାରାଟିକୁ ଏକ ପଞ୍ଜୁରିରେ ବନ୍ଦୀଭାବେ ରଖାଯାଇଛି। ଏହା କେବେ ମୁକ୍ତିପାଇ ମାଲିକଙ୍କ ପାଖକୁ ଫେରିବ ତାହା ବୃତ୍ତାନ୍ତ ହୋଇନାହିଁ।

ଆମ ପ୍ରତିରକ୍ଷା ବାହିନୀ ମଧ୍ୟ ତାଲିମପ୍ରାପ୍ତ ପାରା ଖବର ସଂଗ୍ରହ ପାଇଁ ରଖିଛି ଓ ସୀମାନ୍ତରେ ସନ୍ଦିଗ୍ଧ ଡ୍ରୋନ୍‌କୁ ଅକାମୀ କରିଦେବା ପାଇଁ ବାଜପକ୍ଷୀଙ୍କୁ ତାଲିମ ଦିଆଯାଇ ରଖାଯାଇଛି। 'ହୋମିଙ୍ଗ ପିଜନ'ର ଗୁପ୍ତଚର କାମପ୍ରତି ପୋଲିସ ସତର୍କ ରହିବା ଦରକାର। ଏଭଳି ସନ୍ଦିଗ୍ଧ ପାରା ସାମ୍ନାକୁ ଆସିଲେ ପୋଲିସକୁ ଖବର ଦେବା ଉଚିତ। ଏବେ ପୋଲିସ ପାରାଙ୍କୁ ତାଲିମ ଦେଇ ଏହି ଜାତୀୟ ଗୋଇନ୍ଦା ପାରାଙ୍କୁ ଧରାପକାଇବା ପାଇଁ ଯୋଜନା ହୋଇଛି।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୪୮୦୫୨

ଏଇ ଭାରତରେ

୨୦ ବର୍ଷ ଧରି ଜଣେ ଛାତ୍ର ଏମ୍‌ବିବିଏସ୍ ପଢୁଛନ୍ତି, ହେଲେ ପାସ୍ କରିପାରିନାହାନ୍ତି। ନା ଡାକ୍ତର ହେଉଛନ୍ତି ଅବା ସିଟ୍ ଖାଲି ହେଉଛି। ବାସ୍ତବରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ କାନପୁରରେ। ଶାହାଜାହାନପୁରର ବାସିନ୍ଦା ଜିତେନ୍ଦ୍ର ସିଂ ୨୦୦୩ରେ କାନପୁରର ଜିଏସ୍‌ଭିଏମ୍ ମେଡିକାଲ କଲେଜରେ ନାମ ଲେଖାଇଥିଲେ। ବେଳେବେଳେ ସେ ପରୀକ୍ଷା ଦେଉଛନ୍ତି ତ ପୁଣି ତିନି–ଚାରି ବର୍ଷ ପାଇଁ ନିଖୋଜ ହୋଇଯାଉଛନ୍ତି। ସେଥିପାଇଁ ମେଡିକାଲ କଲେଜର ଗୋଟିଏ ସିଟ୍ ତାଙ୍କ ଯୋଗୁ ଗତ ୨୦ ବର୍ଷ ଧରି ଖାଲି ହୋଇପାରୁନାହିଁ। ଜିତେନ୍ଦ୍ରଙ୍କ ଏହି ଅଜବ ମାମଲାର ବୃତ୍ତାନ୍ତ ନିଷ୍ପତ୍ତି ପାଇଁ ଡିଜିଏମ୍‌ଇ(ଡାଇରେକ୍ଟର ଜେନେରାଲ ମେଡିକାଲ ଏଜୁକେଶନ)କୁ ପଠାଯାଇଛି। ଜିତେନ୍ଦ୍ର ୨୦୦୩ରେ ନାମ ଲେଖାଇବାର କିଛିଦିନ ପରେ କାହାକୁ କିଛି ନ ଜଣାଇ କେଉଁଆଡ଼େ ଚାଲିଗଲେ। ଚାରିବର୍ଷ ପରେ ସେ ୨୦୦୭ରେ ଫେରି ନୂତନ ବ୍ୟାଚ୍ ଛାତ୍ରମାନଙ୍କ ସହ ମିଶି ଅଧ୍ୟୟନ କଲେ। ଦୁଇ ବର୍ଷ ଅଧ୍ୟୟନ କରିବା ପରେ ପୁଣି ହଠାତ୍ ୨୦୦୯ରେ କୁଆଡ଼େ ଚାଲିଗଲେ। ଫେରିଲେ ୨୦୧୪ରେ ଏବଂ ଦୁଇଟି ଇଣ୍ଟରନାଲ ଟର୍ମ ପରୀକ୍ଷା ଦେବା ପରେ ପୁଣି ନିଖୋଜ ହୋଇଗଲେ। ପୁନର୍ବାର ୨୦୧୭ରେ ଫେରି ଜିତେନ୍ଦ୍ର ତୃତୀୟ ଟର୍ମ ପରୀକ୍ଷା ଦେଲେ ଓ ପାସ୍ କଲେ। ୨୦୧୮ରେ ଏମ୍‌ବିବିଏସ୍‌ର ଚତୁର୍ଥ ବର୍ଷରେ ଦୁଇଟି ଟର୍ମ ପରୀକ୍ଷା ଦେଇଥିଲେ ବି ଜିତେନ୍ଦ୍ର ଏଯାବତ୍ ପାସ୍ କରିପାରି ନାହାନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୯୮

- ଚିଟାଗଙ୍ଗ ଅଭିମୁଖେ ଯାତ୍ରା କରୁଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ ଲାକ୍ଷମଠାରେ ଏକ ମାଲଗାଡ଼ି ପଛପଟରୁ ଧକ୍କା ଦେବାରୁ ୧୭ ଜଣଙ୍କ ମୃତ୍ୟୁ।
- ଚାଇନାର ଉତ୍ତର–ପଶ୍ଚିମରେ ଥିବା ବାଦନଜିଲିନ ମରୁଭୂମି ଅଞ୍ଚଳରେ ଏକ ନୂଆ ଧରଣର ଆକାଶରୁ ଆକାଶକୁ ନିକ୍ଷେପଣଯୋଗ୍ୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।
- ଉତ୍ତର ପ୍ରଦେଶର ପ୍ରସିଦ୍ଧ କେଦାରନାଥ ମନ୍ଦିରରୁ କେତେକ ତୀର୍ଥଯାତ୍ରୀଙ୍କୁ ଧରି ଫେରୁଥିବା ଏକ ବସ୍ ରାସ୍ତାକଡ଼ର ଗଭୀର ଖାତ ମଧ୍ୟକୁ ଖସିପଡ଼ିବା ଫଳରେ ୨୫ ତୀର୍ଥଯାତ୍ରୀ ମୃତ।

su|do|ku
Puzzles by Srikant Ghosh

ସୁ–ଡୋ–କୁ

			7		8			
	6							
4		8	1					
		5	4					8
	4	9						
				9	2	1		5
		7					8	
	3					2	6	
8	1		3		7		9	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

8	1	9	4	6	7	5	2	3
7	6	5	3	1	2	8	4	9
2	4	3	5	8	9	1	6	7
9	7	4	2	5	1	3	8	6
6	8	2	7	4	3	9	5	1
3	5	1	6	9	8	2	7	4
5	9	7	1	2	6	4	3	8
1	2	6	8	3	4	7	9	5
4	3	8	9	7	5	6	1	2

ଗତକାଲିର ଉତ୍ତର

ଭୋଜନ ଟେବୁଲରେ ଜଳବାୟୁ ଚିନ୍ତା

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ବିଶ୍ୱ ସମ୍ମୁଖରେ ପରିବେଶ ପ୍ରଦୂଷଣର ସବୁଠାରୁ ବିପଜ୍ଜନକ ତଥା ଘାତକ ପରିଣାମ ରୂପେ ଉଭା ହୋଇଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ୍ ଅକ୍‌ସାଇଡ୍ ଏବଂ

ସଂକ୍ଷେପରେ

ଗୋରୁ ଚାଲାଣ କରି ହଟହଟା ବ୍ୟବସାୟୀ

ପ୍ରୀତିପୁର,୧୦।୫(ଡି.ଏନ.ଏ.): ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଓ ତାଙ୍କର ଜଣେ ସହଯୋଗୀ ବୁଧବାର ସିଂହପୁର ଅଞ୍ଚଳରୁ ଅଳକୁଣ୍ଡ ଅଭିମୁଖେ ୫ ବାଛୁରି ଓ ଏକ ଗାଈକୁ ବେଆଇନଭାବେ ଚାଲାଣ କରୁଥିବାବେଳେ ହଟହଟା ହୋଇଛନ୍ତି। ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ସମ୍ମୁଖରେ ବଜରଙ୍ଗ ଦଳ କର୍ମୀ ସେମାନଙ୍କୁ ଅଟକ ରଖିଥିଲେ। ପରେ ବଜରଙ୍ଗ ଦଳର କର୍ମୀମାନେ ଖର୍ଦ୍ଦବିକ୍ରିର ରସିଦ ମାଗିବାରୁ ସେମାନେ ତାହା ଦେଖାଇ ପାରି ନ ଥିଲେ। ଫଳରେ କର୍ମୀମାନେ ଗାଈ ଓ ବାଛୁରାଗୁଡିକୁ ପଘାରୁ ଖୋଲିଦେଇ ଗୋଡ଼ାଇ ଦେଇଥିଲେ। ସମ୍ପୃକ୍ତ ଯୁବକ ହୃୟ ହେଲେ ସେକ୍ ଅର୍ସାଦ ଓ ତାଙ୍କ ସହଯୋଗୀ ବିଶ୍ୱମ୍ଭର ଜେନା। ଉଭୟଙ୍କ ଘର ଅଳକୁଣ୍ଡ ବୋଲି ଜଣାଯାଇଛି। ସେମାନଙ୍କୁ ଏଭଳି ବେଆଇନ କାର୍ଯ୍ୟରୁ ନିବୃତ ରହିବାକୁ ବଜରଙ୍ଗ ଦଳ କର୍ମୀ ପରାମର୍ଶ ଦେଇ ଛାଡ଼ିଛନ୍ତି।

ଦୁର୍ଘଟଣାରେ ଆହତ ଶ୍ରମିକଙ୍କ ମୃତ୍ୟୁ
କ୍ଷତିପୂରଣ ଦାବିରେ ମୃତଦେହ ରଖି ଲୋକଙ୍କ ଧାରଣା

ପାରାଦୀପ,୧୦।୫(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ବାଉରିଆପାଳନ୍ଦା ପାଖ ରେଲୱେ ଷ୍ଟେଶନ ପାଖରେ ବୁଧବାର ରାତିରେ ଆନ୍ଦୋଳନ ହୋଇଛି। ଦୁର୍ଘଟଣାରେ ଆହତ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଏପରି ହୋଇଛି। ମୃତକ ହେଲେ ବାଲିଝରା ବସ୍ତିର କୁଳମଣି ବେହେରା(୫୨)। ସେ ସାର ବସ୍ତା ବୋଝେଇ ଖଲାସ ଶ୍ରମିକ ଭାବେ କାମ କରୁଥିଲେ। ୫ ତାରିଖ ଅପରାହ୍ନ ୩ଟାରେ ସେ ସାଇକେଲ ନେଇ ପିପିଏଲ ରାସ୍ତାର ଷଣ୍ଢ ଛକ ନିକଟରେ ଯିବାବେଳେ ସାର ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ୧୦ ଲକ୍ଷ ଟଙ୍କା ଦେବା ଦାବିରେ ବାଲିଝରା ଲୋକେ ମୃତଦେହ ରଖି ଧାରଣା ଦେଇଛନ୍ତି। ଯେଉଁ କମ୍ପାନୀର ଶ୍ରମିକ ଭାବେ କାମ କରୁଥିଲେ ସେହି କମ୍ପାନୀ ଗାଡ଼ି ଧକ୍କା ଦେଇଥିଲା ବୋଲି ଜଣାପଡିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଧାରଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣୀ ମିଶ୍ର ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ।

ନଦୀରେ ବୁଡି ଜଣେ ନିଖୋଜ

ଆଳି,୧୦।୫(ଡି.ଏନ.ଏ.) :ଆଳି ଥାନା ଆନ୍ତର୍ଗତ ସାନଗିରି ଗ୍ରାମର ଅରୁଣ ପ୍ରିୟଦର୍ଶନ ସେଠୀ(୪୧) ବୁଧବାର ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀରେ ଶୌଚ ହେଉଥିବା ସମୟରେ ବୁଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ପାଇ ନ ଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ରାଜକନିକା ଦମକଳ କର୍ମଚାରୀ ନଦୀ ମଧ୍ୟରେ ବୋଟ ନେଇ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ କର୍ମଚାରୀମାନେ ଫେରିଯାଇଛନ୍ତି। ଏ ନେଇ ଅରୁଣଙ୍କ ପରିବାର କାନ୍ଦ ବୋବାଳିରେ ଫାଟି ପଡୁଛି।

ଦାଦନ ଖଟି ଯାଇଥିବା ନାବାଳିକାଙ୍କ ମୃତ୍ୟୁ

- ପ୍ରେମ ପ୍ରତାରଣାର ଶିକାର
- ଖଣି, ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା

ଯାଜପୁର ଅଫିସ,୧୦।୫ :

ରାଜ୍ୟରେ ଦ୍ରୁତ ଶିଳ୍ପାୟନକୁ ସରକାର ପ୍ରୋତ୍ସାହନ ଯୋଗାଇ ଚାଲିଛନ୍ତି । ଏହାଦ୍ୱାରା ରାଜ୍ୟର ଖଣିଜ ସମ୍ପଦ ଓ ପ୍ରାକୃତିକ ସମ୍ବଳର ବିନିଯୋଗ ହୋଇ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟିବ । ବେକାରୀ ସମସ୍ୟା ବି ହଟିବ । ଏହି ଆଶାରେ ଦେଶୀ ବିଦେଶୀ କମ୍ପାନୀଗୁଡ଼ିକୁ ପୁଞ୍ଜିନିବେଶର ସୁଯୋଗ ଦିଆଯାଉଛି । ହେଲେ ଫଳ ଓଲଟା । ରାଜ୍ୟର ବେକାରୀ ସମସ୍ୟା ଦୂର ତ ଦୂରର କଥା ଖଣି ଅଞ୍ଚଳରେ କାମ ନ ପାଇ ଦାଦନ ଖଟିଯିବା କାରଣରୁ ଜଣେ ନାବାଳିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର କୁହିକା ପଞ୍ଚାୟତର ଏକ ଗ୍ରାମରେ ଏଭଳି ସମ୍ବେଦନଶୀଳ ଘଟଣା ଘଟିଛି।

ଯାଜପୁର ଜିଲାର ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ପ୍ରଚୁର ପରିମାଣର ଖଣିଜ ସମ୍ପଦ ଭରି ରହିଥିବାରୁ ଏହାକୁ ଓଡ଼ିଶାର ରତ୍ନଗର୍ଭା ବୋଲି କୁହାଯାଉଛି। ସମଗ୍ର ଭାରତବର୍ଷରେ ଥିବା କ୍ରୋମାଇଟର ୯୮ ଭାଗ ଓଡ଼ିଶାରେ ଗଚ୍ଛିତ ଅଛି । ତନ୍ମଧ୍ୟରୁ ଯାଜପୁର ଜିଲାର କେବଳ ସୁକିନ୍ଦା ଅଞ୍ଚଳରେ ସର୍ବାଧିକ ୧୭୩ ନିୟୁତ ଟନ କ୍ରୋମାଇଟ ଅଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି । ସୁକିନ୍ଦା ଖଣି ଅଞ୍ଚଳର ମହାଗିରୀ ପର୍ବତମାଳା ଚତୁଃପାର୍ଶ୍ୱରେ ଓଡ଼ିଶା ଖଣିନିଗମ, ଟାଟାଷ୍ଟିଲ, ଜିନ୍ଦଲ ଇସ୍ପାତ, ଫେକର, ମିଶ୍ରିଲାଲ, ଆଇଡ଼ିସି, ବିସି ମହାନ୍ତି ଏଣ୍ଡ ସନ, ଇମ୍ପା ଆଦି ଦେଶର ବହୁ ନାମୀ କମ୍ପାନୀ ନିଜର ବେପାର ମେଲାଇଛନ୍ତି। ଖଣି କମ୍ପାନୀମାନଙ୍କୁ କ୍ୟାପଟିଭ ଓ ନନକ୍ୟାପଟିଭରେ ବଣ୍ଟନ କରି ୧୫ ବର୍ଷ ଓ ୫ ବର୍ଷ ଉତ୍ତୋଳନ କରିବାକୁ ମଞ୍ଜୁର ହୋଇଛି । ତେବେ ପୂର୍ବରୁ ଏଠାରେ ଖଣି ଖୋଳିବାକୁ ହଜାର ହଜାର ଲୋକ ନିଯୁକ୍ତି ପାଇଥିବା ବେଳେ ଧିରେ ଧିରେ ଖଣି କାର୍ଯ୍ୟରେ ମେଶିନ ଲଗାଇ ସ୍ଥାନୀୟ ଶ୍ରମିକଙ୍କୁ ଛଟେଇ କରି ଚାଲିଛନ୍ତି। ଏହାବାଦ ଅଣଓଡିଆ ଠିକାସଂସ୍ଥା ଜରିଆରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ବାହାର ଶ୍ରମିକମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ କାମ ନ ପାଇ ଏଠାକାର ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ଗତ ଡିସେମ୍ବରରେ ବହୁ ଚର୍ଚ୍ଚିତ ନଗଡ଼ା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଲୋକ ବସ୍ ଯୋଗେ କାମ ଅନ୍ୱେଷଣରେ ବାହାରକୁ ଯାଇଥିବାର ଜଣାପଡିଥିଲା। ମୂଲ୍ୟବାନ ଭୂ-ସମ୍ପଦ, ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଏଭଳି ସ୍ଥିତି ଦେଖଣାହାରୀଙ୍କୁ ବିଚଳିତ କରିଥିଲା। ଏବେ ପୁଣି ଜଣେ ନାବାଳିକା ଶ୍ରମିକ ଦାଦନ ଖଟିବାକୁ ଯାଇ ଜଣେ ଅଜଣା ଯୁବକଙ୍କ ପ୍ରେମରେ ପଡି ମୃତ୍ୟୁ ମୁଖରେ ପଡିଥିବା ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଶିହରଣ ସୃଷ୍ଟି କରିଛି। ସୂଚନା ଅନୁସାରେ ଉକ୍ତ ନାବାଳିକାଙ୍କ କିଛି ବର୍ଷ ତଳେ ବାପାଙ୍କ ମୃତ୍ୟୁ ହୋଇଥିଲା। ଠିକା ଖଣି ଶ୍ରମିକ ଭାବେ କାର୍ଯ୍ୟକରୁଥିବା ବାପାଙ୍କ ଦେହାନ୍ତର ଏକବର୍ଷ ପରେ ସ୍ୱଳ୍ପସଞ୍ଚିତ ଅର୍ଥ ଓ ଧାରକରଜ କରି ବଡ଼ ଦୁଇ ଭଉଣୀଙ୍କ ବିବାହ ଦେଇଥିଲେ ବିଧବା ମାଆ । ପରିବାରର ଆର୍ଥିକ ସମସ୍ୟା ଓ ଅଭାବ ଅନାଟନକୁ ଅନୁଭବ କରି ଦୁଇ ପଇସା ରୋଜଗାର କରିବାକୁ ବର୍ଷେ ତଳେ ଅନ୍ୟ ଶ୍ରମିକମାନଙ୍କ ସହ ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ । ୧୭ ବର୍ଷ ବୟସ୍କା ସାନଝିଅ ମଧ୍ୟ ମା'ଙ୍କ ସହ ଯାଇଥିଲେ। ସେଠାରେ ନାବାଳିକା ଝିଅ ଜଣକ ଜଣେ ଯୁବକଙ୍କ ପ୍ରେମଜାଲରେ ଫସିଯାଇଥିଲେ । ଉକ୍ତ ଯୁବକଙ୍କ ସହ ନାବାଳିକା ଝିଅ କିଛି ମାସ ଏକାଠି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ କୌଣସି ମନୋମାଳିନ୍ୟ ଘଟିବାରୁ ଯୁବକ ଜଣକ ନାବାଳିକାଙ୍କୁ ଛାଡି କୁଆଡେ ଚାଲିଗଲେ । ହେଲେ ସେତେବେଳକୁ ନାବାଳିକା ଝିଅ ଗର୍ଭବତୀ ହୋଇଯାଇଥିଲେ। କିଛି ଅର୍ଥ ରୋଜଗାର କରି ଖୁସି ସାଉଣ୍ଟିବା ଆଶାରେ ଯାଇଥିବା ନାବାଳିକା ଓ ତାଙ୍କ ମାଆ ଦୁଃଖର ପାହାଡ଼ ନେଇ ଘରକୁ ଫେରିଥିଲେ। ଲୋକଲଜ୍ୟାରେ ମାଆ ଏକଥା କାହାକୁ ନ ଜଣାଇ କୌଣସି ଡାକ୍ତରୀ ପରାମର୍ଶ କିମ୍ବା ଚିକିତ୍ସା କରି ପାରି ନ ଥିଲେ। ଗତ ୪ ତାରିଖରେ ସେ ଅସୁସ୍ଥ ଅନୁଭବ କରିବାରୁ ମାଆ ତାଙ୍କୁ ଢେଙ୍କାନାଳ ଜିଲା ଅଁଳାବେଣୀ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ସେ ଏକ ମୃତ ଶିଶୁକୁ ଜନ୍ମ ଦେବାପରେ ଭୀଷଣ ଜ୍ୱର ସହ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗଡି ଯାଇଥିଲା । ତାଙ୍କୁ ନିକଟସ୍ଥ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ତେବେ ଖଣିରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେଇ ମୃତ୍ୟୁ ଶ୍ରମିକଙ୍କ ପରିବାରବର୍ଗଙ୍କୁ ନିଯୁକ୍ତି ମିଳିଥିଲେ ହୁଏତ ନାବାଳିକା ଦାଦନ ଖଟିବାକୁ ଯାଇ ନ ଥାନ୍ତେ ଓ ତାଙ୍କର ଏଭଳି ଭାବେ ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଘଟଣାକୁ ଜିଲା ପ୍ରଶାସନ ଅତି ଗୁରୁତର ଭାବେ ନେଇ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେଲେ ଆଗକୁ ଆଉ କୌଣସି ନାବାଳିକା ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ନାହିଁ ବୋଲି ମତ ପ୍ରକାଶ ପାଇଛି।

ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ପ୍ରଶିକ୍ଷକ ।

କଳିଙ୍ଗନଗର,୧୦।୫(ଡି.ଏନ.ଏ.): ଦାନଗଦି ଭବନଠାରେ ଦାନଗଦି ଓ ସୁକିନ୍ଦା ବ୍ଲକ୍‌କୁ ନେଇ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସୌଜନ୍ୟରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷକମାନେ ଉନ୍ନତ କୃଷି ଓ ଅଧିକ ଅମଳ ପାଇଁ ପ୍ରତ୍ୟେକ ବର୍ଷ ମୃତ୍ତିକା ପରୀକ୍ଷା କରାଇବା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ମତ୍ସ୍ୟ ପୋଖରୀ ଯୋଜନାରେ ହିତାଧିକାରୀ କ'ଣ ସରକାରୀ ସାହାଯ୍ୟ ପାଇବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡ଼ା ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ, ଛତୁଚାଷ, ମହୁ ଉତ୍ପାଦନ ଏବଂ ସମନ୍ୱିତ କୃଷି ସମ୍ପର୍କରେ କୃଷକଙ୍କୁ ପରାମର୍ଶ ଦିଆଯାଇଥିଲା।

ଦାନଗଦି ବ୍ଲକ ଓ ସୁକିନ୍ଦା ବ୍ଲକରେ ଓମବାଡସି ଅନୁଦାନରେ ପୋଖରୀ ଖନନ ଓ ବାୟୋଫ୍ଲକ ମତ୍ସ୍ୟ ଚାଷ ନିମନ୍ତେ ଅନୁଦାନ ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଥିଲା। କର୍ମଶାଳାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର, ଦାନଗଦି ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରାଧାଶ୍ୟାମ ବେହେରା, ସୁକିନ୍ଦା ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ କୁମାର ପାତ୍ର, ଦାନଗଦି ବିପିସି ମାନସ ରଞ୍ଜନ ସ୍ୱାଇଁ, ଦାନଗଦି ବ୍ଲକ ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଅଚ୍ୟୁତାନନ୍ଦ ବେହେରା, ସୁକିନ୍ଦା ବ୍ଲକ କୃଷି ଅଧିକାରୀ ଭଦ୍ରନାରାୟଣ ଦାସ, ଦାନଗଦି ମତ୍ସ୍ୟ ଅଧିକାରୀ ସଞ୍ଜୟ କୁମାର ଦାସ ଓ ସୁକିନ୍ଦା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରାମରାୟ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ବୈରୀ ରେଳ ଷ୍ଟେଶନର ହେବ ଉନ୍ନତୀକରଣ

କର୍ମୀଙ୍କ ସହ ଏମ୍‌ପି ଓ ବିଧାୟକ କ୍ଷେତ୍ର ପରିଦର୍ଶନ କରିବାକୁ ଯାଉଛନ୍ତି ।

ସମୀକ୍ଷା କଲେ ଏମ୍‌ପି, ବିଧାୟକ

ଚଣ୍ଡିଖୋଲ,୧୦।୫(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀସ୍ଥିତ ରେଳ ଷ୍ଟେଶନ ଉନ୍ନତିକରଣ ଓ ଏଠାରେ ନିର୍ମାଣ ହେବାକୁ ଥିବା ଓଭର ବ୍ରିଜ୍ କାର୍ଯ୍ୟର ବୁଧବାର ସମୀକ୍ଷା କରାଯାଇଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପହଞ୍ଚି ଏହାର ସମୀକ୍ଷା କରିଛନ୍ତି।

ଛତିଆ-କଳକଳା ରାସ୍ତାର ମଧ୍ୟ ଭାଗରେ ଅବସ୍ଥିତ ବୈରୀ ଷ୍ଟେଶନ ଉପରେ ହଜାରହଜାର ସଂଖ୍ୟାରେ ଜନସାଧାରଣ ନିର୍ଭର କରନ୍ତି। ଏହି ରାସ୍ତାଟି ଢେଙ୍କାନାଳ ଜିଲାକୁ ସଂଯୋଗ କରୁଥିବା ହେତୁ ଏଠାରେ ରେଳ ଫାଟକରେ ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ସେଥିପାଇଁ ଏଠାରେ ଏକ ଓଭର ବ୍ରିଜର ଆବଶ୍ୟକତା ରହିଛି। ସେହିପରି ୧୯୩୪ ମେ' ୨୧ରେ ମହାତ୍ମା ଗାନ୍ଧୀ ଏହି ଷ୍ଟେଶନରେ ଓହ୍ଲାଇ ପଦଯାତ୍ରା କରିଥିବାରୁ ଏଠାରେ ଗାନ୍ଧୀ ଓ କସ୍ତୁରବାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏନେଇ ରେଳ ଷ୍ଟେଶନ ମାଷ୍ଟରଙ୍କ ସହିତ ଆଲୋଚନା କରାଯିବ ସହ ରେଳ ମନ୍ତ୍ରଣାଳୟକୁ ଅବଗତ କରାଯିବ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ଏଥିସହିତ ବୈରୀଠାରେ ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ପାଛଶାଳାଟି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ଏହାର ଉନ୍ନତିକରଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହିତ ଉଭୟ ଜନ ପ୍ରତିନିଧି ଆଲୋଚନା କରିଛନ୍ତି। ବିଧାୟକ ଓ ଏମ୍‌ପିଙ୍କ ପରିଦର୍ଶନ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ମିହିର କୁମାର ସ୍ୱାଇଁ ଓ ପ୍ରକାଶ ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ବୈରୀ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ପୁଣି ଜଳାଶୟରେ ମାଛ ମଲେ

ପାରାଦୀପ,୧୦।୫(ସ୍ୱ.ପ୍ର.) ପାରାଦୀପ ବନ୍ଦର ଜଳାଶୟରେ ପୁଣି ବୁଧବାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ରୋହି, ଭାକୁର, ଭେଙ୍କ୍ଟି ଭଳି ବଡ଼ ବଡ଼ ମାଛ ମରି ଯାଇଛନ୍ତି। ଏପରି ମାଛକୁ ସ୍ଥାନୀୟ ବାଲିଝରା ଓ ବାଉରିଆପାଳନ୍ଦା ବସ୍ତି ଲୋକମାନେ ଧରି ନେଇଛନ୍ତି। ସୂଚନାଯୋଗ୍ୟ ଏପ୍ରିଲ ୨୬ରେ ମଧ୍ୟ ଏପରି କିଛି ମାତ୍ରାରେ ମାଛ ମରି ଯାଇଥିଲେ। ମାଛ ମରିବା ଖବରପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଏହା ପ୍ରଦୂଷଣ ଯୋଗୁ ମାଛ ମରିନାହାଁନ୍ତି ବୋଲି ସେ କହିଛନ୍ତି। ଅମ୍ଳଜାନ ହ୍ରାସ ଯୋଗୁ ଏପରି ଘଟିଛି। କାରଣ ୧୭୫ ଏକର ବିଶିଷ୍ଟ ଜଳାଶୟରେ ଏବେ ଅଳ୍ପ ପାଣି ଅଛି। ସେଥିରେ ବିଭିନ୍ନ ପ୍ରକାର ଦଳ ଭର୍ତ୍ତି ହୋଇଯାଇଛି। ସମ୍ପତି ଅଧିକ ଗରମ ଓ ହଠାତ ବର୍ଷା ଯୋଗୁ ଏପରି ଅମ୍ଳ ମାତ୍ରା ହ୍ରାସ ପାଉଛି। ସେଥିପାଇଁ ମାଛ ମରୁଛନ୍ତି ବୋଲି ସେ କୁହଛନ୍ତି।

ଅସହ୍ୟ ଗୁଳୁଗୁଳିକୁ ଅଘୋଷିତ ବିଜୁଳି କାଟ

ସହରବାସୀ ଅସ୍ତବ୍ୟସ୍ତ

ଯାଜପୁର ଟାଉନ,୧୦।୫(ଡି.ଏନ.ଏ.): ୪ ଦିନ ଧରି ଅସହ୍ୟ ଗୁଳୁଗଳି ହେଉଥିବାବେଳେ ଅଘୋଷିତ ବିଜୁଳି କାଟ୍ ଲାଗିରହିଛି। ଏଥିଯୋଗୁ ଯାଜପୁର ସହରବାସୀ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଟାଟା ପାୱାର୍ ଦାୟିତ୍ୱ ନେବାପରେ ବିଜୁଳି କାଟ ହେବନାହିଁ ବୋଲି ଲୋକଙ୍କର ଯେଉଁ ଧାରଣା ଥିଲା ତାହା ଏବେ ସ୍ୱପ୍ନରେ ପରିଣତ ହୋଇଛି। ଉପଭୋକ୍ତା ଆଶାପୋଷଣ କରିଥିଲେ ବିଦ୍ୟୁତ୍ କାଟ୍ କିମ୍ବା ଲୋ ଭୋଲ୍‌ଟେଜ୍‌ର ସମସ୍ୟା ରହିବ ନାହିଁ। ମାତ୍ର ଖରାଦିନେ ଅଘୋଷିତ ବିଦ୍ୟୁତ୍ କାଟ୍ ହେବା ଯୋଗୁ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଦିନକୁ ପ୍ରାୟ ୪ରୁ ୫ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଥିବାରୁ ସହରବାସୀ ନାନାଦି ହଇରାଣ ହେଉଥିବାବେଳେ ଗ୍ରାମାଞ୍ଚଳରେ ଦୈନିକ ୭/୮ ଘଣ୍ଟା ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ଏତଦ୍‌ବ୍ୟତୀତ ମେଘ ଆସିଲେ ସାଙ୍ଗେସାଙ୍ଗେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯାଉଛି। ଲୋକେ ବିଦ୍ୟୁତ୍ କାଟ୍ ଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ କମ୍ପାନୀ ବିଭିନ୍ନ ଆଳ ଦେଖାଇ ଉପଭୋକ୍ତଙ୍କଠାରୁ ଜରିମାନା ଅର୍ଥ ଆଦାୟ କରୁଛି। ସହରବ୍ୟତୀତ ଗ୍ରାମାଞ୍ଚଳର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବେଳେବେଳେ ରାତି ସାରା ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାବେଳେ ବର୍ଷା ପବନ ଆସିଲେ ୨/୩ ଦିନ ଗ୍ରାମାଞ୍ଚଳ ଅନ୍ଧାର ହୋଇଯାଉଛି। ବିଦ୍ୟୁତ କାଟ୍ ନେଇ ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ଉତ୍ତର ପାଇପାରୁନାହାନ୍ତି। ଅନେକ ସମୟରେ ମରାମତି କାର୍ଯ୍ୟ ଚାଲୁଥିବା ଆଳ ଦେଖାଇ ବିଦ୍ୟୁତ୍ କାଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଟାଟା କମ୍ପାନୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ବେଳେବେଳେ ପାୱାର୍ ଟ୍ରିପ୍ ହେଉଛି ବୋଲି କହି ପ୍ରଶ୍ନକୁ ଏଡାଇ ଯାଇଥିଲେ।

କଂକ୍ରିଟ ରାସ୍ତା ଉପରେ ପିଚ

ବନ୍ଦର ଚିକିତ୍ସାଳୟର ଲଣ୍ଡ୍ରି ଘରେ ଅଗ୍ନିକାଣ୍ଡ

ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ବନ୍ଦର ଚିକିତ୍ସାଳୟରେ ବୁଧବାର ଅଗ୍ନିକାଣ୍ଡ ଘଟିଥିଲା। ଚିକିତ୍ସାଳୟର ଲଣ୍ଡ୍ରି ଘରେ ଏପରି ଘଟିବା ସୂଚନା ପାଇ ସିଆଇଏସ୍‌ଏଫ୍ ଅଗ୍ନିଶମ ୟୁନିଟ୍ ତତ୍କାଳ ଆସି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ କାରଣ ସ୍ପଷ୍ଟ ହୋଇନାହିଁ। ଏଥିରେ କିଛି ହସ୍ପିଟାଲ କପଡ଼ା ପୋଡି ଯାଇଛି।

ସଂକ୍ଷେପରେ

ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ, ଜଣେ ଗିରଫ

ପାରାଦୀପ,୧୦।୫(ସ୍ୱ.ପ୍ର.): ପାରାଦୀପ ଅଭୟଚାନ୍ଦପୁର ଥାନା ପୋଲିସ ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିବା ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସତ୍ୟବାନ ପ୍ରଧାନ (କୁନା)। ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ରେଲୱେ ଷ୍ଟେଶନ ରେ କୁନା ଅଟୋରେ ବସି ବଳପୂର୍ବକ ଯାତ୍ରୀଙ୍କୁ ପାରାଦୀପ ନ ନେଇ ମୃଷ୍ଟାଡିଆ ନେଇଥିଲେ। ସେଠାରେ ଲୁଟ୍ କରିବା ଉଦ୍ୟମରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଯାତ୍ରୀ ରଞ୍ଜନ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୨୩ ରେ ମାମଲା ରୁଜୁ କରି କୁନାଙ୍କୁ ଗିରଫ କରିଛି। କୁନା ନାଁରେ କେବଳ ପାରାଦୀପ ଆଦର୍ଶ ଥାନାରେ ୧୯ ଟି ଆପରାଧିକ ମାମଲା ରହିଛି ବୋଲି ପୋଲିସ ସୂଚନା ମିଳିଛି।

ପଞ୍ଚାୟତ ସମିତି ଅଧ୍ୟକ୍ଷା, ସରପଞ୍ଚଙ୍କୁ ଡାକି ନ ଥିବାରୁ ହଙ୍ଗାମା
ମିଶନ ଶକ୍ତି ଭବନ ଉଦ୍‌ଘାଟିତ

କୁଜଙ୍ଗ,୧୦।୫ (ଡି.ଏନ.ଏ.): କୁଜଙ୍ଗଠାରେ ନବନିର୍ମିତ ମିଶନ ଶକ୍ତି ଭବନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଫଳକରେ ବିଧାୟକ, ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ କୁଜଙ୍ଗ ସରପଞ୍ଚଙ୍କ ନାମ ରହିଛି। ହେଲେ ଅଧ୍ୟକ୍ଷା ଓ ସରପଞ୍ଚଙ୍କୁ ଡକାଯାଇ ନ ଥିଲା। ଫଳରେ ଅଧ୍ୟକ୍ଷା ନାନାରାଣୀ ସାହୁ ଓ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣାରେ ବିଜେଡିର ନେତୃ ମଣ୍ଡଳୀ ପ୍ରତିକ୍ରିୟାଶୀଳ ହେବା ସାଙ୍ଗକୁ ବିଡିଓଙ୍କୁ ପଚାରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଫଳକରେ ନାମ ରଖିବାକୁ କିଏ ଅନୁମତି ଦେଇଥିଲା ଓ କାହିଁକି ଡକାଗଲା ନାହିଁ। ଅଭିଯୋଗର ଉତ୍ତରରେ ବିଡିଓ କହିଥିଲେ, ଏହା ମିଶନ ଶକ୍ତି ବିଭାଗର ଦାୟିତ୍ୱ କହି ଏଡାଇ ଯାଇଥିଲେ। ସେ କାହିଁକି ଡାକିନାହାନ୍ତି ତାଙ୍କୁ ପଚାରିଲେ ଜଣାପଡ଼ିବ। ପୁନର୍ବାର ଏମାନେ ପ୍ରଶ୍ନ କରିଥିଲେ, ନାମଫଳକରେ ଯେଉଁମାନଙ୍କର ନାମ ରହିଛି ତାହା ଆପଣ ସ୍ଥିର କରିଥିଲେ। ହେଲେ କାହିଁକି ଡାକିଲେନି। ଆଗକୁ ଯଦି କିଛି ଦଳୀୟ କ୍ଷତି ହୁଏ ତାହା ପାଇଁ ଆପଣ ଦାୟୀ ରହିବେ ବୋଲି ଚେତେଇ ଦେଇଥିଲେ। ଏ ସମ୍ପର୍କରେ ମିଶନ ଶକ୍ତି ବ୍ଲକ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ମନ୍ତ୍ରୀଙ୍କୁ ପଚାରିବାରେ ଫଳକରେ ଯେଉଁମାନଙ୍କ ନାମ ରହିବ ତାହା ବିଡିଓ ଦେଇଥିଲେ ଏବଂ କହିଥିଲେ ମୁଁ ସମସ୍ତଙ୍କୁ ଡାକିବି ବୋଲି କହିଥିଲେ। ଏ ନେଇ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ସେ ଯାହା କିଛି ହୋଇଥିଲା ତାହାର ସମାଧାନ ହୋଇଯାଇଛି ବୋଲି ସେ କହିଛନ୍ତି।

୨ ପଞ୍ଚାୟତର ୨ ପ୍ରକଳ୍ପରେ ଗୋଟିଏ ଫଟୋ

ନାଉଗାଁ,୧୦।୫(ସ୍ୱ.ପ୍ର.)

ଗୋଟିଏ ଫଟୋକୁ ୨ଟି ପଞ୍ଚାୟତର ଅମୃତ ସରୋବର ପୋଖରୀ ଖନନରେ ଦର୍ଶାଯାଇଛି।

- **ଏନ୍‌ଏମ୍‌ଏମ୍‌ଏସ୍ ଆପ୍ କାର୍ଯ୍ୟକାରିତା ନେଇ ଉଠିଲା ପ୍ରଶ୍ନ**
- **ନାଉଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସଫଳ ରୂପାୟନ ସହ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ରାଜ୍ୟର କମିଶନରଙ୍କ ନିକଟକୁ ନ୍ୟାଶନାଲ ମୋବାଇଲ ମନିଟରିଂ ସିଷ୍ଟମ (ଏନ୍‌ଏମ୍‌ଏମ୍‌ଏସ୍) ଆପ୍‌କୁ ବାଧ୍ୟତାମୂଳକ କରାଯାଇଛି। ଉକ୍ତ ଆପ୍ ମାଧ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ରୂପାୟନ ହେବା ସହ ଗ୍ରାମାଞ୍ଚଳର ଲୋକେ ଠିକ୍ ଭାବେ ଶ୍ରମ ପାଇପାରିବେ। କିନ୍ତୁ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଉକ୍ତ ଆପ୍‌କୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଜଣାଯାଇଛି। ୨ଟି ପଞ୍ଚାୟତର ୨ଟି ପ୍ରକଳ୍ପରେ ଗୋଟିଏ ଫଟୋକୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଅପ୍‌ଲୋଡ୍ କରାଯାଇଛି। ଯାହାକି ସାମାଜିକ କର୍ମୀ କ୍ରାନ୍ତିଶିଖା ପରିଡ଼ା ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି।

ବ୍ଲକର ଗଜରାଜପୁର ପଞ୍ଚାୟତର ଖଇରାହୋଲିସ୍ଥିତ ଅମୃତ ସରୋବର ପୋଖରୀର ପୁନରୁଦ୍ଧାର ଓ ଓଷକଣା ପଞ୍ଚାୟତ ଅମୃତ ସରୋବର ନୂଆ ପୋଖରୀ ଖନନରେ କାର୍ଯ୍ୟ ଚାଲିଛି। ହେଲେ ଏହି କାର୍ଯ୍ୟ କରୁଥିବା ଜବ୍‌କାର୍ଡଧାରୀ ଶ୍ରମିକଙ୍କ ଗୋଟିଏ ଫଟୋକୁ ୨ଟି ପୋଖରୀ ଖନନ କାର୍ଯ୍ୟ କରାଯାଉଥିବା ନେଇ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କରାଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୋର୍ଟାଲରୁ ଜଣାଯାଇଛି। ପୋର୍ଟାଲ ତଥ୍ୟ ଅନୁସାରେ, ୧୮ ଏପ୍ରିଲ ୨୦୨୩ରେ ଗଜରାଜପୁର ପଞ୍ଚାୟତର ମଷ୍ଟରରୋଲ ନଂ.୧୯୯ରେ ଏହି ଫଟୋ ଅପ୍‌ଲୋଡ୍ କରାଯାଇଥିବା ବେଳେ ଓଷକଣା ପଞ୍ଚାୟତର ମଷ୍ଟରରୋଲ ନଂ.୨୨୨ରେ ସମାନ ଜବ୍‌କାର୍ଡଧାରୀ ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନର ଫଟୋ ଅପ୍‌ଲୋଡ୍ ହୋଇଛି। ଗୋଟିଏ ଫଟୋ କିପରି ୨ଟି ପଞ୍ଚାୟତର ୨ଟି ପ୍ରକଳ୍ପରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଅପ୍‌ଲୋଡ୍ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏହି ୨ ପ୍ରକଳ୍ପ ନୁହେଁ, ପ୍ରତ୍ୟହ ପୁରୁଣା ଫଟୋକୁ ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କରି ଜବ୍‌କାର୍ଡଧାରୀ ଶ୍ରମିକମାନଙ୍କ ଉପସ୍ଥାନ ପକାଇ ଟଙ୍କା ଉଠାଣ କରାଯାଉଥିବା ଅଭିଯୋଗ ହେଉଛି। ଏତାଦୃଶ କାର୍ଯ୍ୟକୁ ଦେଖିଲେ ଉକ୍ତ ବ୍ଲକରେ କାର୍ଯ୍ୟକାରୀ କରାଯାଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ ବୋଲି କ୍ରାନ୍ତିଶିଖା ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଭାରାପ୍ରାପ୍ତ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଗୌରବ ନନ୍ଦଙ୍କୁ ପଚାରିବାରେ ଏହା ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଦୁର୍ଘଟଣାରେ ଆହତ ଶ୍ରମିକଙ୍କ ମୃତ୍ୟୁ

ପାରାଦୀପ,୧୦।୫(ସ୍ୱ.ପ୍ର.)

କ୍ଷତିପୂରଣ ଦାବିରେ ମୃତଦେହ ରଖି ଲୋକଙ୍କ ଧାରଣା

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବାଉରିଆପାଳନ୍ଦା ପାଖ ରେଲୱେ ଷ୍ଟେଶନ ପାଖରେ ବୁଧବାର ରାତିରେ ଆନ୍ଦୋଳନ ହୋଇଛି। ଦୁର୍ଘଟଣାରେ ଆହତ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଏପରି ହୋଇଛି। ମୃତକ ହେଲେ ବାଲିଝରା ବସ୍ତିର କୁଳମଣି ବେହେରା(୫୨)। ସେ ସାର ବସ୍ତା ବୋଝେଇ ଖଲାସ ଶ୍ରମିକ ଭାବେ କାମ କରୁଥିଲେ। ୫ ତାରିଖ ଅପରାହ୍ନ ୩ଟାରେ ସେ ସାଇକେଲ ନେଇ ପିପିଏଲ ରାସ୍ତାର ଷଣ୍ଢ ଛକ ନିକଟରେ ଯିବାବେଳେ ସାର ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ୧୦ ଲକ୍ଷ ଟଙ୍କା ଦେବା ଦାବିରେ ବାଲିଝରା ଲୋକେ ମୃତଦେହ ରଖି ଧାରଣା ଦେଇଛନ୍ତି। ଯେଉଁ କମ୍ପାନୀର ଶ୍ରମିକ ଭାବେ କାମ କରୁଥିଲେ ସେହି କମ୍ପାନୀ ଗାଡ଼ି ଧକ୍କା ଦେଇଥିଲା ବୋଲି ଜଣାପଡିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଧାରଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଭାବେ କୁଜଙ୍ଗ ତହସିଲଦାର ପ୍ରତିପର୍ଣ୍ଣା ମିଶ୍ର ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ।

ସାନମଙ୍ଗ ସରପଞ୍ଚ ପାଇଲେ ପଞ୍ଚାୟତ ଗୌରବ ସମ୍ମାନ

ସରପଞ୍ଚ ହେମଲତା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଳି,୧୦।୫(ଡି.ଏନ.ଏ.)

ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତର ସରପଞ୍ଚଙ୍କୁ ଓଡ଼ିଶା ପ୍ରତିଭା ପୂଜା ସାଂସଦ ପକ୍ଷରୁ 'ପଞ୍ଚାୟତ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। କଟକର ଶତାବ୍ଦୀ ଭବନରେ ଆୟୋଜିତ ୨୩ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ସାନମଙ୍ଗ ସରପଞ୍ଚ ହେମଲତା ସେଠୀଙ୍କୁ ମୁଖ୍ୟଅତିଥି ଭାବେ ଅମର ପଟ୍ଟନାୟକ ଯୋଗଦେଇ ସମ୍ମାନିତ କରିଛନ୍ତି। ନିର୍ବାଚନରେ ସରପଞ୍ଚ ଭାବେ ସେଠୀ ନିର୍ବାଚିତ ହେବା ପରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ସମେତ ସାଧାରଣ ଲୋକଙ୍କ ସୁବିଧା ଅସୁବିଧାକୁ ବୁଝୁ ଥିଲେ। ପଞ୍ଚାୟତର ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଉଥିବା ବେଳେ ପଞ୍ଚାୟତବାସୀଙ୍କ ନିକଟରେ କିପରି ସମସ୍ତ ସରକାରୀ ଯୋଜନା ପହଞ୍ଚିବ ସେଥି ନିମନ୍ତେ ଦୃଢ଼ ସଂକଳ୍ପ ବଦ୍ଧ ହୋଇଥିଲେ। ତେଣୁ ସରପଞ୍ଚ ସେଠୀ ଅଭିରାମ ଭକ୍ତ ସମିତି, ଠାକୁରସାହିର ମୁଖ୍ୟ ଉପଦେଷ୍ଟା, ଶ୍ରୀଜଗନ୍ନାଥ ଭାଗବତ ପରାୟଣ କମିଟିର ସକ୍ରିୟ ସଦସ୍ୟ ସହିତ ଅନେକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମାଜିକ ଅନୁଷ୍ଠାନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ସମାଧାନ ହେଲା ଦୀର୍ଘ ବର୍ଷର ବିବାଦ, ମରାମତି ହେଲା ରାସ୍ତା

ଆଳି,୧୦।୫(ଡି.ଏନ୍.ଏ.)

ଦଧିବାମନ ମନ୍ଦିର ନିକଟ ରାସ୍ତା ମରାମତି କାର୍ଯ୍ୟ ଚାଲିଛି।

କେନ୍ଦ୍ରପଡ଼ା ଜିଲା ଆଳି ବ୍ଲକ ମହୁ ପଞ୍ଚାୟତର ଦୁଇ ପକ୍ଷ ମଧ୍ୟରେ ଦୀର୍ଘ ୨୦ ବର୍ଷ ହେବ ବିବାଦ ଲାଗି ରହିଥିଲା। ଏଥିପାଇଁ ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତାର ଦଧିବାମନ ମନ୍ଦିର ନିକଟରେ ପ୍ରାୟ ୧୦୦ ମିଟର ରାସ୍ତା ନିର୍ମାଣ ହୋଇ ପାରୁ ନ ଥିଲା । ଏହି ବିବାଦର ସମାଧାନ କରି ରାସ୍ତା ନିର୍ମାଣର ବାଟ ଫିଟାଇଛନ୍ତି ସରପଞ୍ଚ ମହେଶ୍ୱର ତ୍ରିପାଠୀ।

ସୂଚନାଯୋଗ୍ୟ, ଆଳି ବ୍ଲକ ମହୁ ପଞ୍ଚାୟତରେ ଦୁଇପକ୍ଷଙ୍କ ଭିତରେ ଗତ ୨୦ବର୍ଷ ହେବ ରାସ୍ତା ନିର୍ମାଣକୁ ନେଇ ବିବାଦ ଲାଗି ରହିଥିଲା । ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ମହୁ ପଞ୍ଚାୟତ ସମେତ କୋଳିଡିହ ପଞ୍ଚାୟତର ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଲୋକମାନେ ହଇରାଣ ହେଉଥିଲେ । ଏଥିସହିତ ଏକମାଣିଆ ପଞ୍ଚାୟତର ଲୋକମାନେ ବି ଉକ୍ତ ରାସ୍ତାରେ ଯାତାୟତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମହୁ ସରପଞ୍ଚ ତ୍ରିପାଠୀଙ୍କ ଉଭୟ ପକ୍ଷ ଲୋକଙ୍କୁ ବୁଝାଶୁଝା କରି ମନ୍ତ୍ରୀ ପ୍ରତାପ ଦେବଙ୍କ ସହିତ ଆଲୋଚନା କରିଥିଲେ । ମନ୍ତ୍ରୀ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଯାଇଛି । ଯାହା ଫଳରେ ସ୍ଥାନୀୟ ଲୋକେ ସରପଞ୍ଚ ଆଉ ସମିତି ସଭ୍ୟଙ୍କୁ ଧନ୍ୟବାଦ ଜଣାଇବା ସହିତ ମନ୍ତ୍ରୀ ପ୍ରତାପ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଶୌଚ ସମୟରେ ନଦୀରେ ବୁଡ଼ି ଜଣେ ନିଖୋଜ

ଆଳି,୧୦।୫(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ସାନଗିରି ଗ୍ରାମର ଅରୁଣ ପ୍ରିୟଦର୍ଶନ ସେଠୀ(୪୧) ବୁଧବାର ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀରେ ଶୌଚ ହେଉଥିବା ସମୟରେ ବୁଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ବହୁ ଖୋଜାଖୋଜିକରିବା ପରେ ପାଇ ନ ଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ରାଜକନିକା ଦମକଳ କର୍ମଚାରୀ ନଦୀ ମଧ୍ୟରେ ବୋଟ ନେଇ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ କର୍ମଚାରୀମାନେ ଫେରିଯାଇଛନ୍ତି। ଅରୁଣଙ୍କ ପରିବାର କାନ୍ଦ ବୋବାଳିରେ ଫାଟି ପଡୁଛି।

ଏସ୍‌ବିଆଇର ଏଟିଏମ୍ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା ଅଫିସ, ୧୦।୫

କେନ୍ଦ୍ରାପଡ଼ା ସହର ଶାମସୁନ୍ଦରଗଡ଼ାସ୍ଥିତ ଚଣ୍ଡିଆ ପାଲେସ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦ୍ରାପଡ଼ା ଜିଲାର ୮୧ ତମ ଏଟିଏମ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏହାକୁ ଏସ୍‌ପି ମଡକର ସମ୍ବିତ ସମ୍ପଦ ଉଦ୍‌ଘାଟନ କରିଛନ୍ତି । ଏସମ୍ପର୍କରେ ଏସ୍‌ପି ସମ୍ପଦ କହିଛନ୍ତି, ଏହାଦ୍ୱାରା ସହରର ଖାତାଧାରୀ ଉପକୃତ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟ, ସଦର ଥାନାଧିକାରୀ ସରୋଜ କୁମାର ସାହୁ, ଡିବିଏମ୍ ସୁରେଶ କୁମାର ପୃଷ୍ଟି, ସ୍ଥାନୀୟ ସାମାଜିକ କର୍ମୀ ବଳରାମ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

ପୁଣି ଜଳାଶୟରେ ମାଛ ମଲେ

ପାରାଦୀପ,୧୦।୫ (ସ୍ୱ.ପ୍ର.)

ପାରାଦୀପ ବନ୍ଦର ଜଳାଶୟରେ ପୁଣି ବୁଧବାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ରୋହି, ଭାକୁର, ଭେକ୍ଟି ଭଳି ବଡ଼ ବଡ଼ ମାଛ ମରି ଯାଇଛନ୍ତି। ଏପରି ମାଛକୁ ସ୍ଥାନୀୟ ବାଲିଝରା ଓ ବାଉରିଆପାଳନ୍ଦା ବସ୍ତି ଲୋକମାନେ ଧରି ନେଇଛନ୍ତି। ସୂଚନାଯୋଗ୍ୟ ଏପ୍ରିଲ ୨୬ରେ ମଧ୍ୟ ଏପରି କିଛି ମାତ୍ରାରେ ମାଛ ମରି ଯାଇଥିଲେ। ମାଛ ମରିବା ଖବରପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଏହା ପ୍ରଦୂଷଣ ଯୋଗୁ ମାଛ ମରିନାହାଁନ୍ତି ବୋଲି ସେ କହିଛନ୍ତି। ଅମ୍ଳଜାନ ହ୍ରାସ ଯୋଗୁ ଏପରି ଘଟିଛି। କାରଣ ୧୭୫ ଏକର ବିଶିଷ୍ଟ ଜଳାଶୟରେ ଏବେ ଅଳ୍ପ ପାଣି ଅଛି। ସେଥିରେ ବିଭିନ୍ନ ପ୍ରକାର ଦଳ ଭର୍ତ୍ତି ହୋଇଯାଇଛି। ସମ୍ପତି ଅଧିକ ଗରମ ଓ ହଠାତ ବର୍ଷା ଯୋଗୁ ଏପରି ଅମ୍ଳ ମାତ୍ରା ହ୍ରାସ ପାଉଛି। ସେଥିପାଇଁ ମାଛ ମରୁଛନ୍ତି ବୋଲି ସେ କୁହଛନ୍ତି।

ଦେଉଳିରେ ୩୦ ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୦।୫

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିଠାରେ ୩୦ ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ତୁରନ୍ତ ସ୍ଥାପନ ପାଇଁ ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଦାବି ହୋଇଛି । ଏନେଇ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସଂଘ ପକ୍ଷରୁ ଦାବିପ୍ରତ୍ର ପ୍ରଦାନ କରାଯାଇଛି। ଏସମ୍ପର୍କରେ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଗତ ମାର୍ଚ୍ଚ ୧୭ରେ ଦେଉଳି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ ସହ ଆବଶ୍ୟକ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସିଡିଏମଓଙ୍କୁ ଚିଠି (ନଂ– ୧୭୮) ହୋଇଛି । ପୂର୍ବରୁ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ଦେଉଳି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ଆଉ ୮ କିଲୋମିଟର ଦୂରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡିବ ନାହିଁ । ସେହିପରି ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ତ ସଚେତନତା ଓ ସେବା କାର୍ଯ୍ୟ ହୋଇପାରିବ । ଏହାଦ୍ୱାରା ସ୍ଥାନୀୟ ଲୋକ ୧୦ ପ୍ରକାରର ସୁବିଧା ପାଇପାରିବେ ବୋଲି ସଭାପତି ବେହେରା ମତ ରଖିଛନ୍ତି ।

ମତ୍ସ୍ୟ ବିଭାଗ କର୍ମଚାରୀଙ୍କୁ ଦୁର୍ବ୍ୟବହାର

ଡେରାବିଶ, ୧୦।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ମତ୍ସ୍ୟ ବିଭାଗ କର୍ମଚାରୀ ପ୍ରିୟସୀ ସାମଲଙ୍କୁ ଜଣେ ବ୍ୟକ୍ତିଙ୍କ ଦୁର୍ବ୍ୟବହାର ନେଇ ବୁଧବାର କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ପଲେଇ ପଞ୍ଚାୟତ ସବଳ

ସଂକ୍ଷେପରେ

ଭାପୁର ବ୍ଲକରେ ହାତୀ ଆତଙ୍କ

ଭାପୁର,୧୦।୫(ଡି.ଏନ.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକ ଅଞ୍ଚଳରେ ପୁଣି ହାତୀ ଆତଙ୍କ ସୃଷ୍ଟି କରିଛି । ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମ ନିକଟରେ ଥିବା ମାଙ୍କଡଖିଆ ପାହଡ଼ ତଳେ ଥିବା ଜଙ୍ଗଲରେ ୪ଟି ହାତୀ ସହିତ ଛୁଆ ହାତୀ ଆସିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ବନବିଭାଗ କିମ୍ବା ଗ୍ରାମବାସୀ କେହି ହାତୀ ଦେଖି ନ ଥିବା ବେଳେ ସେମାନଙ୍କ ମଳ ଓ ପାଦ ଚିହ୍ନରୁ ଅନୁମାନ କରାଯାଉଛି। ଗ୍ରାମବାସୀମାନଙ୍କ ବାଡ଼ିରେ ପଣସ, କଦଳୀ, ଆମ୍ବ ଡାଳ ଫଳିଛି । ସେହି ଗଛଗୁଡ଼ିକୁ ହାତୀପଲ ଭଙ୍ଗାରୁଜା କରିବା ସହିତ ମଳତ୍ୟାଗ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଭାପୁର ବନବିଭାଗ ଅଧିକାରୀ ବନମାଳୀ ରାଉତ କର୍ମଚାରୀମାନଙ୍କୁ ନେଇ ସେମାନଙ୍କ ପାଦ ଚିହ୍ନ ଓ ମଳ ଦେଖି ଗତିବିଧି ଉପରେ ନଜର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଜଙ୍ଗଲକୁ ଜାଳକାଠ, ଲଙ୍କା ଆମ୍ବ ମଞ୍ଜି ପାଇଁ ଯାଉଥିବା ଲୋକମାନଙ୍କୁ ନ ଯିବା ପାଇଁ ବାରଣ କରାଯାଇଛି । ଗତ ଫେବୃୟାରୀରେ ପଦ୍ମାବତୀଠାରେ ମା'ଓ ଛୁଆ ହାତୀ ଆସି ଗାଁରେ ଆତଙ୍କ ସୃଷ୍ଟି କରିଥିଲେ । ଏବେ ପୁଣି ହାତୀ ଆତଙ୍କ ସୃଷ୍ଟି ହୋଇଛି । ହାତୀ ମହାନଦୀ ପାର ହୋଇ ଆଠଗଡ଼ ଜଙ୍ଗଲରୁ ଆସିଥିବା ସନ୍ଦେହ କରାଯାଉଛି।

ଗାଁରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ପୋଖରୀରୁ ମିଳିଲା

ଓଡ଼ଗାଁ,୧୦।୫(ସ୍ୱ.ପ୍ର.): କିଛି ଦିନ ପୂର୍ବେ ନିଖୋଜ ହୋଇଥିବା ଜଣେ ମାନସିକ ଅନଗ୍ରସର ବୃଦ୍ଧଙ୍କ ମୃତ ଦେହ ସ୍ଥାନୀୟ ଏକ ପୋଖରୀରୁ ଉଦ୍ଧାର ହୋଇଛି । ସୂଚନା ଅନୁସାରେ ବୁଧବାର ପୂର୍ବାହ୍ନ ୧୧ ଟାରେ ଓଡ଼ଗାଁ ଆଦର୍ଶ ଥାନା ଅ'ର୍ଗତ ବୁଦ୍ଧାବୁଢ଼ିଆଣି ଡ୍ରାମ ନିକଟସ୍ଥ କୁରାଦ୍ଦିଘଷା ଗ୍ରାମ ପୋଖରୀରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ ଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଏବଂ ସେମାନେ ୧୧୨କୁ ଜଣାଇବାପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ବୃଦ୍ଧଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିବା ପରେ ସ୍ଥାନୀୟ ପୋଲିସକୁ ଜଣାଇଥିଲେ । ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ନେଇ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲା । ତାଙ୍କ ମୃତଦେହ ଜବତ ହେବା ପରେ ବିଭିନ୍ନ ଗ୍ରୁପକୁ ସେହି ଫଟୋ ପଠାଯାଇଥିଲା । ଏହାପରେ ମୃତକଙ୍କ ପରିଚୟ ମିଳିଥିଲା । ସେ ନିକଟସ୍ଥ ଜଗନାଥପ୍ରସାଦ ଥାନା ଅନ୍ତର୍ଗତ କାଦୁଆ ଗୁଣ୍ଡୁରିବାରିର ଚିନା ନାୟକ(୬୫) ।ସେ ବିବାହ କରି ନ ଥିଲେ । ସାମାନ୍ୟ ମାନସିକ ଅନଗ୍ରସର ହୋଇ ଗାଁ ଛାଡି ଚାଲିଆସିଥିବା ତାଙ୍କ ମୃତଦେହ ନେବାକୁ ଆସିଥିବା ବଡଭାଇ କୁସୁନୁ ନାୟକ(୬୭) ଓ ପୁତୁରା ରଞ୍ଜିତ ନାୟକ ପ୍ରକାଶ କରିଛନ୍ତି । ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ଫଡ଼ି ଖୋଲିଛି, ଆସୁନାହିଁ କେନ୍ଦୁପତ୍ର

- ବର୍ଷା କାରଣରୁ କେନ୍ଦୁପତ୍ର ସଂଗ୍ରହ କମିଛି
- ପତ୍ର ଶୁଖାଇବାରେ ସମସ୍ୟା
- ରୋଜଗାର ବନ୍ଦ, ଚିନ୍ତାରେ ଆଦିବାସୀ

ନୟାଗଡ଼ ଅଫିସ,୧୦।୫

କେନ୍ଦୁପତ୍ର ସଂଗ୍ରହ ପାଇଁ ଖୋଲା ଯାଇଥିବା ଫଡ଼ି ଘର ।

ଚଳିତ ବର୍ଷ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକରେ କେନ୍ଦୁପତ୍ର ଫଡି ଖୋଲିଥିଲେ ହେଁ ଫଡିକୁ କେନ୍ଦୁପତ୍ର ଆସୁନାହିଁ । ବର୍ଷା ଯୋଗୁ କେନ୍ଦୁପତ୍ର ସଂଗ୍ରହ ଓ ଶୁଖାଇବାରେ ଅସୁବିଧା ହେତୁ ସମସ୍ୟା ସୃଷ୍ଟି ହୋଇଛି। ଫଡି ଖୋଲିଥିଲେ ହେଁ ତାହା କାମରେ ଲାଗୁନାହିଁ । ଏଣୁ ଆଦିବାସୀଙ୍କ ରୋଜଗାର ବନ୍ଦ ହୋଇଯାଇଛି ବୋଲି ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଦଶପଲ୍ଲା ବ୍ଲକ ହେଉଛି ଆଦିବାସୀ ଦଳିତ ଅଧ୍ୟଷିତ ଅଞ୍ଚଳ। ଏଠାରେ କେନ୍ଦୁପତ୍ର ସଂଗ୍ରହ ଅଧିକ ହୋଇଥାଏ । ମାର୍ଚ୍ଚ ଶେଷରୁ ଜୁନ୍ ମାସ ଅଧା ପର୍ଯ୍ୟନ୍ତ କେନ୍ଦୁ ଗଛର ଗୋଛିକଟା ସହ ପତ୍ର ସଂଗ୍ରହ ହୁଏ। ଗଛ ଯେପରି ଭଲ ବଢ଼ିବ ଓ ପତ୍ର ଦେବ ତାକୁ ଗୁରୁତ୍ୱ ଦିଆଯାଏ । ସମତଳ ପଡ଼ିଆରେ ଉଠିଥିବା କେନ୍ଦୁଗଛଗୁଡିକରୁ ଭଲ ପତ୍ର ସଂଗ୍ରହ ହୋଇଥାଏ । ଝାଞ୍ଜି ପବନ ଓ ଗ୍ରୀଷ୍ମ ପ୍ରବାହ ଯେତେ ଅଧିକ ହେବ ସେତେ ଭଲ କେନ୍ଦୁପତ୍ର ହୋଇଥାଏ। ଆଦିବାସୀ ମହିଳାମାନେ ଘରେ ରହି ନ ରହି ଏହି ସମୟରେ ରୋଜଗାରକୁ ହାତଛଡା କରି ନ ଥାନ୍ତି । ସକାଳ ୫ଟାରୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥାନ୍ତି। ଦିନ ୧୦ରୁ ୧୧ ଟାକୁ ଘରକୁ ଫେରନ୍ତି । ଭଲ ପତ୍ରକୁ ବାଛନ୍ତି । ୨୧ଟି ପତ୍ରକୁ ମିଶାଇ ଗୋଟିଏ କେରି କରନ୍ତି । ଫଡିରେ ଯାଇ କେନ୍ଦୁପତ୍ର କେରିଗୁଡ଼ିକ ବିକ୍ରି କରନ୍ତି । ଚଳିତ ବର୍ଷ କେନ୍ଦୁପତ୍ର ଫଡି ଆଦିବାସୀଙ୍କ କାମରେ ଲାଗୁନାହିଁ, ଯାହାକି ଆଦିବାସୀଙ୍କ ଚିନ୍ତା ବଢ଼ାଇଛି । ଏନେଇ ଉପରଡିକରି ଗାଁର ହୁଲାସ ଜାନି କୁହନ୍ତି, ଚଳିତ ବର୍ଷ କେନ୍ଦୁପତ୍ର ପାଇଁ ଭଲ ପାଗ ଦେଇଛି । ତେବେ ମଝିରେ ମଝିରେ ବର୍ଷା ସବୁ କିଛି ବିଗାଡି ଦେଉଛି । କେନ୍ଦୁପତ୍ର ସଂଗ୍ରହ ହେଉଥିଲେ ମଧ୍ୟ ତାକୁ ଶୁଖାଇ ହେଉନାହିଁ। ଫଡିରେ କେନ୍ଦୁପତ୍ର ଦେଲେ ନେଉ ନାହାନ୍ତି । ପାଗ ଭଲ ହେଲେ କେନ୍ଦୁପତ୍ର ସଂଗ୍ରହ କରନ୍ତୁ ବୋଲି ଫଡିରେ କହୁଛନ୍ତି । ଟାଙ୍ଗନାଡ଼ି ଗାଁର ନିରୁପମା ମଳିକ କୁହନ୍ତି, ମେ ମାସ ମଧ୍ୟ ଭାଗ ହେବାକୁ ବସିଲାଣି । ହେଲେ କେନ୍ଦୁପତ୍ର ତୋଳି ହେଉନାହିଁ । ତୋଳିଲେ ଫଡିରେ ଦେଇ ହେଉନାହାନ୍ତି। ଚଳିତ ବର୍ଷ ବର୍ଷା ଯୋଗୁ ଆଦିବାସୀଙ୍କ ରୋଜଗାର ବନ୍ଦ ହୋଇଗଲା । ବର୍ଷା କମିଲେ କେନ୍ଦୁପତ୍ର ସଂଗ୍ରହରେ ଅସୁବିଧା ଦୂର ହେବ । ଗୁଣ୍ଡୁରୀବାରୀ ଗାଁର ସବିତା ମଳିକ କୁହନ୍ତି, ୨୧ ପତ୍ର ଥିବା ଏକ କେରିକୁ ୧ ଟଙ୍କା ୪୦ ପଇସାରେ ଫଡିରେ ବିକ୍ରି କରାଯାଏ। ଚଳିତ ବର୍ଷ କେରି କରି ହେଉନି । କେରି କଲେ ମଧ୍ୟ ଫଡିରେ ରଖିବାକୁ କୁନ୍ଥକୁନ୍ଥ ହେଉଛନ୍ତି। ବର୍ଷ ନ କମିଲେ ସବୁ କିଛି ଅସୁବିଧା ହୋଇଯିବ। ନିଜର ଅନୁଭୂତିରୁ କହିଥିଲେ ଦଶପଲ୍ଲା ଅଞ୍ଚଳରେ ୮ ଓ ୯ ଦିନ ଭଲ ପାଗ ଦେଇଥିଲା । ଆମ୍ଭେମାନେ କେନ୍ଦୁପତ୍ର ସଂଗ୍ରହ କରିଥିଲୁ।ହେଲେ ୧୦ ତାରିଖରେ ବର୍ଷା ଯୋଗୁ ପୁଣି ସମସ୍ୟା ଦେଖା ଦେଲା । କେନ୍ଦୁପତ୍ର ନଷ୍ଟ ହୋଇଗଲା । ଏଣୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଭୟ ଲାଗିଲାଣି ।

ମାଣିତ୍ରୀ ଗ୍ରାମରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ

ଜବର ଦଖଲରେ ଥିବା ଏହି ଘର ଉଚ୍ଛେଦ ହେବ ।

ଭାପୁର,୧୦।୫(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ତହସିଲ ଅଧୀନ କରବର ପଞ୍ଚାୟତ ମାଣିତ୍ରୀ ଗ୍ରାମର ୧୮ପରିବାର ଘର ଉଚ୍ଛେଦ ପାଇଁ ତହସିଲଦାର ଲଗ୍ନଜିତ୍ ବେହେରା ନୋଟିସ ଜାରି କରିଛନ୍ତି। ସୂଚନା ଅନୁଯାୟୀ ଫତେଗଡ଼ ଗୋପୀନାଥ ମନ୍ଦିର ଜମିରେ ଜବରଦଖଲ ଭାବେ ଘର କରି ରହିଥିବାରୁ ଏନେଇ ଫତେଗଡ଼ ପୂଜାରୀମାନଙ୍କ ତରଫରୁ ମାମଲା ରୁଜୁ କରାଯାଇଥିଲା। ଦେବୋତ୍ତର କମିଶନର ଭାପୁର ତହସିଲଦାର ବେହେରାଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଣିତ୍ରୀ ଗ୍ରାମର ୧୮ ପରିବାରଙ୍କ ଘର ଉଚ୍ଛେଦ ପାଇଁ ନୋଟିସ ହୋଇଥିଲେ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩ ଜଣଙ୍କ ଘର ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏନେଇ ଉଚ୍ଛେଦ ପାଇଁ ନୋଟିସ ପାଇଥିବା ବ୍ୟକ୍ତିମାନେ ମଙ୍ଗଳବାର ନୟାଗଡ଼ ଜିଲାପାଳଙ୍କୁଭେଟିଉଚ୍ଛେଦବନ୍ଦ କରିବା ପାଇଁ ଗୁହାରୀ କରିଛନ୍ତି। ସେମାନେ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ସଜବାଜ ହେଉଥିବା କହିଛନ୍ତି। ଏନେଇ ତହସିଲଦାର ଲଗ୍ନଜିତ୍ ବେହେରାଙ୍କୁ ପଚାରିଲେ କୁହନ୍ତି, ଉଚ୍ଛେଦ ପାଇଁ ଦେବୋତ୍ତର କମିଶନର ଅର୍ଡର କରିଛନ୍ତି। ତେଣୁ ସେ ଗୋପୀନାଥ ମନ୍ଦିର ଜମିରେ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କୁ ନିଶ୍ଚିତ ଭାବେ ଉଚ୍ଛେଦ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ।

ଶେଷରେ ସୌମ୍ୟଙ୍କ ହାତ ଧରିଲେ ଶୁଭଶ୍ରୀ

ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.)

ବିବାହ ବେଦିରେ ସୌମ୍ୟ ଓ ଶୁଭଶ୍ରୀ ।

ବାହାଘର ଖେଳଘର ନୁହେଁ। ଦୁଇଟି ଆତ୍ମାର ମିଳନ ସହ ଉତ୍ତମ ବୁଝାମଣା, ବିଶ୍ୱାସ ଓ ପରସ୍ପର ପ୍ରତି ଭଲ ପାଇବାକୁ ନେଇ ସଂସାର ବୈତରଣୀ ପାର ହେବା ହେଉଛି ସୁଖମୟ ଦମ୍ପତ୍ୟ ଜୀବନର ଲକ୍ଷଣ । ଯାହାକି ଆଜିର ସମାଜରେ ଦେଖିବାକୁ ମିଳୁନାହିଁ। ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଦୁଇ ଦିବ୍ୟାଙ୍ଗଙ୍କ ବିବାହ ଅନ୍ୟମାନଙ୍କୁ ପ୍ରେରଣା ଦେଇଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଗ୍ରାମର ସୌମ୍ୟ ରଞ୍ଜନ ଦାଶ (୨୭) ଓ ବାଲେଶ୍ୱର ଜିଲା ସୋର ମଣିପୁର ଅଞ୍ଚଳର ଶୁଭଶ୍ରୀ(୨୩) ଜନ୍ମରୁ ମୁକ,ବଧିର। ଉଭୟ କଥା କହିପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ସେମାନଙ୍କ ପରିବାର ଲୋକେ ଏଥିପାଇଁ ଚିନ୍ତିତ ଥିଲେ । ସମାଜରେ ସେମାନଙ୍କୁ କିଏ ବିବାହ କରିବ ସେହି ଚିନ୍ତା ମା'ବାପାଙ୍କୁ ଘାରିଥିଲା । ହେଲେ ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନର ସୌମ୍ୟଙ୍କ ସହିତ ଶୁଭଶ୍ରୀଙ୍କ ଅଚାନକ ଭେଟ ହୋଇଥିଲା। ଉଭୟ ଭୁବନେଶ୍ୱର କାନନ ବିହାରସ୍ଥିତ ଶ୍ରୀହର୍ଷ ମିଶ୍ର ମୁକ ଓ ବଧିର ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ପ୍ରଥମ ଦେଖାରୁ ହିଁ ଦୁହେଁ ପରସ୍ପରକୁ ଆପଣାର କରିବାରେ ଲାଗିଥିଲେ। ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିଲା। ପରସ୍ପରଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସେମାନଙ୍କୁ ଅତି ନିକଟରୁ ନିକଟତର କରିଥିଲା। ଏ ସମ୍ପର୍କରେ ସୌମ୍ୟଙ୍କ କକେଇ ଶ୍ରୀନିବାସ ଦାଶ ଜାଣିବା ପରେ ସେ ଉଭୟଙ୍କ ପରିବାରଙ୍କ ସହ ଯୋଗାଯୋଗ କରିଥିଲେ । ଶେଷରେ ଦୁଇ ପରିବାର ଲୋକଙ୍କ ସହମତିରେ ଗତ ସୋମବାର ସେମାନଙ୍କ ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଛି। ବୁଧବାର ରାମଚନ୍ଦ୍ରପୁର ଗ୍ରାମରେ ସେମାନଙ୍କ ବିବାହ ଭୋଜିର ଆୟୋଜନ କରାଯାଇଥିଲା। ଏହି ଭୋଜିରେ ଯୋଗଦେଇଥିବା ଶୁଭେଚ୍ଛୁମାନେ ଉଭୟଙ୍କୁ ଆଶିର୍ବାଦ କରିବା ସହ ସେମାନଙ୍କ ସୁଖମୟ ଦାମ୍ପତ୍ୟ ଜୀବନ କାମନା କରିଥିଲେ ।

ନାବାଳିକାଙ୍କୁ ବଳାତ୍କାର ମାମଲା
ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ନାବାଳିକା ବଳାତ୍କାରୀ ସିଦ୍ଧେଶ୍ୱର ଗ୍ରାମର ଶଙ୍କର ରଣାଙ୍କୁ ବୁଧବାର ଥାନା ମାମଲା ନଂ.୧୭୬/୨୩ ଅନୁଯାୟୀ ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଅଭିଯୁକ୍ତ ଜଣକ ଜଣେ ନାବାଳିକାଙ୍କୁ ଅପହରଣ କରିବା ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା' ଘଟଣା ସମ୍ପର୍କରେ ମଙ୍ଗଳବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଆଇଆଇସି ଦିପ୍ତିରଞ୍ଜନ ବେହେରା ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ଗତ ୨୦୨୧ ଜାନୁୟାରୀ ୧୫ ତାରିଖରେ ନାବାଳିକାଙ୍କ ଘରେ କେହି ନଥିବା ସୁଯୋଗ ନେଇ ନାବାଳିକାକୁ ବିବାହ କରିବି କହି ମିଥ୍ୟା ପ୍ରତିଶ୍ରୁତି ଦେଇ କୌଶଳକ୍ରମେ ଅପହରଣ କରି ନେଇଥିଲେ। ପରେ ନାବାଳିକାଙ୍କୁ କିଛିଦିନ ଦିଗପହଣ୍ଡିର ଏକ ଭଡ଼ା ଘରେ ରଖିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ନେଇ ଆନ୍ଧ୍ରପ୍ରଦେଶର ବିଜୟୱାଡା ଚାଲିଯାଇଥିଲେ।

ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ

ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଉଛି ।

ନୟାଗଡ଼ ଅଫିସ,୧୦।୫

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳନାକୁ ନେଇ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମକରନ୍ଦ ବେଉରା ସଭାପତିତ୍ୱ କରିଥିଲେ। ଗତ ଆର୍ଥିକ ବର୍ଷରେ ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଠିକ ଭାବେ ଆୟୋଜନ କରିଥିବାରୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ନୂଆଗାଁ ଓ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅନୁରୂପ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆବଣ୍ଟିତ ଅର୍ଥର ସଫଳ ବିନିଯୋଗ ପାଇଁ ମଧ୍ୟଖଣ୍ଡ, ବଡପଣ୍ଡୁସର ଓ ଗଣିଆ ଗୋଷ୍ଠୀ ସାସ୍ଥାକେନ୍ଦ୍ରକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସମୀକ୍ଷା ବୈଠକରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବିପିଏମ୍, ଆକାଉଣ୍ଟାଣ୍ଟ ଓ ଜିଲା କାର୍ଯ୍ୟକ୍ରମ ପରିଚାଳନା ୟୁନିଟର କର୍ମଚାରୀ ଉପସ୍ଥିତ ଥିଲେ ।

ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବଦଳିବ ରୂପରେଖ

ଭାପୁର,୧୦।୫(ଡି.ଏନ୍.ଏ.)

ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କ୍ୱାର୍ଟର୍ସକୁ ଭଙ୍ଗାଯାଉଛି ।

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ବଜାର ସଦରମହକୁମାରେ ଥିବା ସର୍ବପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ସରକାର ୧୦କୋଟି ୯୦ଲକ୍ଷ ୯୧ହଜାର ବ୍ୟୟବରାଦ ପାଇଁ ମଞ୍ଜୁର କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ୧୨ମାସ ଭିତରେ ସାରିବା ପାଇଁ ନିର୍ଦ୍ଦେଶ ରହିଛି। ଦୁଇ ମହଲା କୋଠାଘରେ ରୋଗୀଙ୍କୁ ସମସ୍ତ ପ୍ରକାରର ସେବା ମିଳିବ । ଏହାର ନିର୍ମାଣ ପାଇଁ ୧ଶହ ଫୁଟ ଲମ୍ବ ୬୦ ଓସାରର ୬ ହଜାର ବର୍ଗଫୁଟ ଜମି ଆବଶ୍ୟକ ଥିବାରୁ ପୂର୍ବରୁ ନିର୍ମିତ ହୋଇଥିବା ଦଦରା ପୁରୁଣା କ୍ୱାର୍ଟର୍ସଗୁଡିକ ଭଙ୍ଗା ଯାଇ ସେହି ସ୍ଥାନରେ ଏହି ନୂତନ ଦୁଇ ମହଲା ଘର ନିର୍ମାଣ ହେବ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ନିର୍ମାଣ ହେଉଥିବା ଏହି ନୂତନ ଅଙ୍ଗାଳିକାର ନିର୍ମାଣ ଦାୟିତ୍ୱ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନ ନେଇଛି। ଏହି ଦୁଇ ମହଲା ଅଙ୍ଗାଳିକାରେ ଡାକ୍ତର ରୋଗୀ ଦେଖିବା ପାଇଁ ଆଉଟଡୋର ଓ ଇନଡୋର ସୁବିଧା, ନିଦାନ ଗୃହ, ନିରାମୟ ଔଷଧ ବିତରଣ କେନ୍ଦ୍ର ସମସ୍ତ ସେବା ଏଠାରେ ଉପଲବ୍ଧ ହେବ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାପୁର ବ୍ଲକର ପ୍ରାୟ ୨ଲକ୍ଷ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି କରଣ କରାଯାଉଛି। ସେଥିପାଇଁ ଜୋରଦାର କାମ ଆରମ୍ଭ ହେଲାଣି । ପୁରୁଣା ଘର ଭଙ୍ଗା ଚାଲିଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବ ବ୍ୟବଚ୍ଛେଦ ଗୃହ ପାଇଁ କ୍ରିୟାନୁଷ୍ଠାନ କମିଟି ଓ ଅଞ୍ଚଳବାସୀ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି ।

କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ଦଶପଲ୍ଲା,୧୦।୫(ଡି.ଏନ.ଏ.)

ବୁଧବାର ଅପରାହ୍ନରେ ଦଶପଲ୍ଲା ଅଞ୍ଚଳରେ କାଳବୈଶାଖୀ ସହିତ ବର୍ଷା ହେବା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ବହୁ ଗଛ ଭାଙ୍ଗିଥିବା ବେଳେ ହାଟଛକଠାରେ ଏକ ବିରାଟ ଆମଗଛ ଭାଙ୍ଗି ପଡିଛି। ଘରର ଅପରପାର୍ଶ୍ୱରେ ଗଛଟି ପଡିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଏକ ପରିବାର। ଝଡ଼ ତୋଫାନ ଯୋଗୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା। ସନ୍ଧ୍ୟାରୁ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇପଡିଥିଲା ।

କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ୍ ବଧ ନାଟକ ମଞ୍ଚସ୍ଥ

କଣ୍ଟିଲୋ ରାମଲୀଳାର ଏକ ଦୃଶ୍ୟ

କଣ୍ଟିଲୋ ରାମଲୀଳାର ପଞ୍ଚମ ରଜନୀ

ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.)

କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ମଙ୍ଗଳବାର ୫ମ ରଜନୀରେ କୁମ୍ଭକର୍ଣ୍ଣ ବଧ ଓ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ଅଷ୍ଟସେନା ସହ ଲଙ୍କାଗଡ଼କୁ ଯାତ୍ରା କରି

ବିଦ୍ୟୁତ୍ ସମସ୍ୟା ସମାଧାନ ଦାବି

ଟାଟା ପାୱାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ଆଲୋଚନା

ରସୁଲପୁର,୧୦।୫(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ କୁଆଖିଆ ବିଦ୍ୟୁତ୍ ଖଣ୍ଡ କାର୍ଯ୍ୟାଳୟକୁ ବୁଧବାର ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ପରିଦର୍ଶନ କରିଛନ୍ତି। ଏହି ସମୟରେ ଗ୍ରାମାଞ୍ଚଳ ଉପଭୋକ୍ତା ମଞ୍ଚର କାର୍ଯ୍ୟକର୍ତ୍ତା ତାଙ୍କ ସହ ସାକ୍ଷାତ ଆଲୋଚନା କରିବା ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମଞ୍ଚ ସଭାପତି ନାରାୟଣ ଜେନା ଅଧିକାରୀଙ୍କ ସହ ଆଲୋଚନା କରିବା ସମୟରେ ଟାଟା ପାୱାର ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଉଥିବା ସେବାରେ ରହି ଯାଉଥିବା ତ୍ରୁଟିବ୍ୟୁତ ସମ୍ପର୍କରେ କହିଥିଲେ। ଏହାଛଡ଼ା କମ୍ପାନୀ ଦ୍ୱାରା ସୃଷ୍ଟି ହେଉଥିବା କୃତିମ ସମସ୍ୟା ଦ୍ୱାରା ଉପଭୋକ୍ତା କବଳିତ ହୋଇପଡିଛନ୍ତି। ଏଥିରୁ ସେମାନଙ୍କୁ ସୁରକ୍ଷା ଦେବା ଦିଗରେ ପଦକ୍ଷେପ ନେବା ପାଇଁ ସଭାପତି ଜେନା ଦାବି ଜଣାଇଥିଲେ। ସମସ୍ୟାଗୁଡିକୁ ତର୍ଜମା କରାଯିବା ସହ ତୃଣମୂଳସ୍ତରରେ ବାସ୍ତବସ୍ଥିତି ଦେଖି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଅଧିକାରୀ ସରକାର ପ୍ରତିଶ୍ରୁତି ଦେଇଥିଲେ।

କୁଆଖିଆ ଡିଭିଜନ ଆନୁକୂଲ୍ୟରେ ଖୋଲିଥିବା ନୂତନ ଗ୍ରାହକ ସେବାକେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅଧିକାରୀ ଆସିଥିଲେ। ଏସମ୍ପର୍କରେ ସୂଚନା ପାଇ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ସଭାପତି ଜେନା ମୁଖ୍ୟ ଅଧିକାରୀଙ୍କୁ ଭେଟି ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ରୋକିବା, ବିଦ୍ୟୁତ୍ ବିଲକୁ ଓଡ଼ିଆରେ ପ୍ରଦାନ କରିବା, ବିଲରୁ ସଂଦ୍ରି ଚାର୍ଜକୁ ବାଦ୍ ଦେବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲକୁ ତୁରନ୍ତ ସଂଶୋଧନ କରିବା, ବକେୟା ବିଲ୍ ପୈଠ ପାଇଁ କମ୍ପାନୀ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଓଟିଏସ ବ୍ୟବସ୍ଥାରେ ଛାଡ଼କୁ ଶତକଡା ୩୦ରୁ ୬୦ଭାଗକୁ ବୃଦ୍ଧି କରିବା, ବିଲ୍‌କୁ ମାସର ନିର୍ଦ୍ଧାରିତ ସମୟରେ ପ୍ରଦାନ, ବିପଦପୂର୍ଣ୍ଣ ସ୍ଥାନ ଯଥା, ବିଦ୍ୟାଳୟ, ଛକ ବଜାର, ଡାକ୍ତରଖାନା, ହାଟ, ଘାଟ, ଜନବସତି, ଜଙ୍ଗଲ, ଗଛବୃକ୍ଷ ଆଦି ସ୍ଥାନରେ ବିଦ୍ୟୁତ୍ ସରବରାହକୁ ସୁରକ୍ଷିତ କରିବା, ରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମରକୁ ସୁରକ୍ଷାବାଡ଼ ବୁଲାଇବା, ପୁରୁଣା ଖୁଣ୍ଟଗୁଡିକୁ ବଦଳାଇବା, ଲୋ-ଭୋଲଟେଜ ସମସ୍ୟାକୁ ଦୂର କରିବା ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ରିହାତି ଦରରେ ବିଦ୍ୟୁତ ଯୋଗାଣ କରିବାକୁ ଦାବି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଟାଟା ପାୱାରର ବାଣିଜ୍ୟିକ ମୁଖ୍ୟ ଦୁଷ୍ମନ୍ତ କୁମାର ତ୍ୟାଗୀ, ଟାଟା ପାୱାରର ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ବିଭୁରଞ୍ଜନ ସାହୁ, କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସିତାଶୁଂ ଶତପଥୀ, କୁଆଖିଆ ବିଦ୍ୟୁତ ଗ୍ରାହକ ସଂଘର ବରିଷ୍ଠ ସଦସ୍ୟ କାର୍ତ୍ତିକ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଟାଟା ପାୱାର ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟକ୍ରମକୁ ବିଭାଗ ପକ୍ଷରୁ ଅତି ସତର୍କତା ସହ ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଜନ୍ମମାଟିକୁ ଗସ୍ତ ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରୁଥିବା ସମୟରେ ୯ମିନିଟ୍ ବିଦ୍ୟୁତ କାଟ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଦେଶରେ ଟାଟା ପାୱାରକୁ ଅପଦସ୍ଥ ହେବାକୁ ପଡିଥିଲା। ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରଶ୍ନବାଣରେ ବିଭାଗୀୟ ଅଧିକାରୀ ଅଣନିଶ୍ୱାସୀ ହୋଇପଡିଥିଲେ। ତାର ପ୍ରଭାବ ଏଠାରେ ଟାଟା ପାୱାରର ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଆୟୋଜକ କୁଆଖିଆ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମରୁ ଗଣମାଧ୍ୟମ ପ୍ରତିନଧିଙ୍କୁ ଯଥା ସମ୍ଭବ ଦୂରେଇ ରଖିବାକୁ ପ୍ରୟାସ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି କୁଆଡ଼େ ଅଧିକାରୀଙ୍କୁ ଏପଟସେପଟ ପ୍ରଶ୍ନ କରିବେ, ସେହି ଭୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଇଥିଲା ବୋଲି ଆଲୋଚନା ହେଉଛି।

ପଶ୍ଚିମ ବଡ଼ଚଣାରେ ହାତୀ ଆତଙ୍କ

ଜଣେ ବ୍ୟକ୍ତିଙ୍କ ଘରକୁ ହାତୀ ଭାଙ୍ଗି ଦେଇଛି।

ଚଣ୍ଡିଖୋଲ/ଛତିଆ, ୧୦।୫(ଡି.ଏନ.ଏ.):

ଯାଜପୁର ଜିଲା ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ପଶ୍ଚିମ ବଡ଼ଚଣାର ସମିଆ ପଞ୍ଚାୟତରେ ମଙ୍ଗଳବାର ରାତିରେ ଏକ ହାତୀ ଆତଙ୍କ ଖେଳାଇଛି। ଅଞ୍ଚଳକୁ ୨ ହାତୀ ଆସିଥିବାବେଳେ ଗୋଟିଏ ହାତୀ ସମିଆ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ନାୟକଙ୍କ

ଭାଙ୍ଗିଲା ଘର, ଖାଇଲା ଧାନ

ଘର ଭାଙ୍ଗିବା ସହ ତାଙ୍କ ଘରେ ଥିବା ଧାନ ଓ ଚାଉଳ ଖାଇ ଦେଇଛି। ହାତୀ ଗର୍ଜନରେ ଲକ୍ଷ୍ମଣଙ୍କ ପରିବାର ଘର ଛାଡି ବାହାରକୁ ପଳାଇଥିଲେ। ଏହାପରେ ଉକ୍ତ ହାତୀଟି ଏହି ଗ୍ରାମରେ ଝୁମ୍ପୁଡ଼ି ଘର କରି ରହୁଥିବା ଆଦିବାସୀଙ୍କ ଘର ମଧ୍ୟ ଭାଙ୍ଗିଛି। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ୨ଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଦେଇଥିଲେ। ଘର ଭାଙ୍ଗିଥିବା ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ୨ ନୂଆ ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

ଯାଜପୁର ଅଫିସ,୧୦।୫ :

ଓଡ଼ିଶା ସରକାର ଓ ଟାଟା ପାୱାର ମଧ୍ୟରେ ଯୌଥ ଉଦ୍ୟୋଗ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଦୁଇଟି ନୂଆ ଗ୍ରାହକ ସେବାକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ଯାଜପୁରରୋଡ୍ ବିଦ୍ୟୁତ ମଣ୍ଡଳ କୁଆଖିଆ ବିଦ୍ୟୁତମଣ୍ଡଳ(ଡିଭିଜନ)ରେ ଏହା ଖୋଲାଯାଇଛି। ଏହି ଅତିରିକ୍ତ କେନ୍ଦ୍ରଗୁଡ଼ିକୁ ମିଶାଇ ଟିପିଏନ୍‌ଓଡିଏଲ୍‌ର ଲାଇସେନ୍ସପ୍ରାପ୍ତ ବଣ୍ଟନ ଅଞ୍ଚଳରେ ଗ୍ରାହକ ସେବାକେନ୍ଦ୍ର ସଂଖ୍ୟା ଏବେ ୧୪କୁ ବୃଦ୍ଧି ପାଇଛି। ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଏହି ୨ କେନ୍ଦ୍ରକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବାଣିଜ୍ୟ ମୁଖ୍ୟ ଦୁଷ୍ମନ୍ତ ତ୍ୟାଗୀ, ପ୍ରକଳ୍ପମୁଖ୍ୟ ରବୀନ୍ଦ୍ର ଗୌଡେ, ଯାଜପୁରରୋଡ୍‌ର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ) ବିଭୂରଞ୍ଜନ ସାହୁ, ଯାଜପୁରରୋଡ୍‌ର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଇଇ) ପ୍ରମୋଦ ନାୟକ, ପିଆର୍‌ଓ ଚିତ୍ତରଞ୍ଜନ ପ୍ରଧାନ ଓ ଟିପିଏନ୍‌ଓଡିଏଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟକେନ୍ଦ୍ରଗୁଡ଼ିକ ଭଳି ଏହି ନୂଆ ଗ୍ରାହକ ସେବାକେନ୍ଦ୍ରରେ ଅଧିକାରୀମାନଙ୍କ ଏକ ଦକ୍ଷ ଟିମ୍ ରହିବ ଯେଉଁମାନେ ନୂଆ ସଂଯୋଗ ଆବେଦନ, ମାସିକ ବିଲ୍ ପେମେଣ୍ଟ, ଗ୍ରାହକଙ୍କ ପ୍ରଶ୍ନ ଓ ସମସ୍ୟାର ସମାଧାନ କରିବା ଏବଂ ଅନ୍ୟ ସମ୍ପର୍କିତ ସେବା ପ୍ରଦାନ କରିବା ଭଳି ବିଭିନ୍ନ ପ୍ରକାର ଗ୍ରାହକ ସେବା ପ୍ରଦାନ କରିବେ। ଗ୍ରାହକ କୈନ୍ଦ୍ରୀକ ସେବାରେ ଆହୁରି ଉନ୍ନତି ଆଣିବା ଲାଗି ସହରାଞ୍ଚଳରେ ଅତିରିକ୍ତ ଗ୍ରାହକସେବା କେନ୍ଦ୍ରସ୍ଥାପନ କରିବାକୁ ଟିପିଏନ୍‌ଓଡିଏଲ୍ ଯୋଜନା ରଖିଛି। ସିସିସିନେଟ୍‌ୱର୍କରେ ପ୍ରତି ନୂଆକେନ୍ଦ୍ର ଖୋଲାଯିବା ଦ୍ୱାରା କମ୍ପାନୀ ଗ୍ରାହକମାନଙ୍କ ଆହୁରି ନିକଟତର ହୋଇପାରୁଛି। ଶୂନ୍ୟ ଗ୍ରାହକ ଅଭିଯୋଗ ଲକ୍ଷ୍ୟ ହାସଲ କରିବା ବର୍ତ୍ତମାନର ଉଦ୍ଦେଶ୍ୟ ରହିଛି। ସେହି ଲକ୍ଷ୍ୟ ହାସଲ ଲାଗି ଉଦ୍ୟମ ଜାରି ରଖିବେ ବୋଲି ସିଇଓ ଭାସ୍କର ସରକାର କହିଛନ୍ତି। ଏହି ନୂଆ କେନ୍ଦ୍ରଗୁଡ଼ିକ ଖୋଲାଯିବା ସହ ଗ୍ରାହକଙ୍କ ସମସ୍ୟା ଓ ପ୍ରଶ୍ନଗୁଡ଼ିକ ଲାଗି ଟିପିଏନ୍‌ଓଡିଏଲ୍‌ର ଉତ୍ସର୍ଗୀକୃତ ଦେୟମୁକ୍ତ ନମ୍ବର (୧୮୦୦-୩୪୫-୬୭୧୮/୧୯୧୨) ରହିଛି। ଟିପିଏନ୍‌ଓଡିଏଲ୍ ଅଧୀନରେ ଥିବା ୧୫୯ଟି ସେକ୍ସନ ପାଇଁ ଜଣେ ଲେଖାଏଁ ଗ୍ରାହକ ସମ୍ପର୍କ ଅଧିକାରୀ ରହିଛନ୍ତି। ଉତ୍ତର ଓଡ଼ିଶାର ଯେ କୌଣସି ବିଦ୍ୟୁତ ସମ୍ପର୍କିତ ସେବା ଲାଗି ଗ୍ରାହକମାନେ ମାଇଁ ଟାଟା ପାୱାର ମୋବାଇଲ୍ ଆପ୍ ଡାଉନ୍ ଲୋଡ୍ କରିପାରିବେ।

ସେବା କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ମରଣଯନ୍ତା ପାଲଟିଛି କେନ୍ଦୁଘାଇ ପୋଲ

ବରୀ,୧୦।୫(ଡି.ଏନ.ଏ.):

ବରୀ ପୂର୍ତ୍ତ ବିଭାଗ ଅଧୀନ ଶୁକଳ-ମହାକାଳପଡ଼ା ରାସ୍ତା ଉପରେ ନିର୍ମିତ କେନ୍ଦୁଘାଇ ପୋଲ ମରଣଯନ୍ତା ପାଲଟିଛି। ଉକ୍ତ ପୋଲଟି ୧୯୯୭ରେ ନିର୍ମାଣ ହୋଇଥିଲା। ଏହା ମଧ୍ୟରେ ଉକ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ପୋଲ ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ଏହି ପୋଲ ଦେଇ ବୌଦ୍ଧପୀଠ ରତ୍ନଗିରିକୁ ପର୍ଯ୍ୟଟକମାନେ ଯାତାୟାତବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ଯାତ୍ରୀବାହୀ ବସ୍ କଟକ, ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ରତ୍ନଗିରି, ଅଳିଆବାଦ, ଅମଠପୁର, ମହାକାଳପଡା, ନିଳାପଦା, ରାଉତସାହି, ପଟଣା ଆଦି ଗ୍ରାମର ଅଧିବାସୀ ମଧ୍ୟ ଏହି ପୋଲ ଦେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରୀ ରାମଚନ୍ଦ୍ରପୁର ଥାନା, ବରୀ ତହସିଲ ଏବଂ ବ୍ଲକ୍ କାର୍ଯ୍ୟାଳୟକୁ ଆସିଥାନ୍ତି। ପିଲାମାନେ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟକୁ ଏହି ପୋଲ ଦେଇ ଯାତାୟାତ କରିଥାନ୍ତି।

କେନ୍ଦୁଘାଇ ପୋଲର ବାଡ଼ ନାହିଁ।

ଉକ୍ତ ପୋଲର ୨ କଡ଼ରେ ସୁରକ୍ଷା ବାଡ଼ା ନ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।

ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ସମୟରେ ପୋଲର ପୁନରୁଦ୍ଧାର ନ କରିବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉକ୍ତ ପୋଲର ମରାମତି ସହ ପୋଲ ୨ କଡ଼ରେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଞ୍ଚଳର ନରହରି ଦାସ, ଦୁର୍ଯ୍ୟୋଧନ ଶାନ୍ତି, ଜଗବନ୍ଧୁ ଜେନା, ଅଶୋକ ପ୍ରଧାନ, ତରୁଣ କୁମାର ଦାସ, ଶ୍ରୀକାନ୍ତ ଦାସ, ମୂରଲିଧର ଜେନା, ତ୍ରିଲୋଚନ ଦାସ, ସାନନ୍ଦ ଦାସ, ଫକୀର ଚରଣ ଦାସ, ମଧୁସୂଦନ ଶାନ୍ତି ଓ ଦୁର୍ଯ୍ୟୋଧନ ଦାସ ପ୍ରମୁଖ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ ବରୀ ବିଧାୟିକା ସୁନନ୍ଦା ଦାସ ଏହାକୁ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ, ଜଣେ ଗିରଫ

ପାରାଦୀପ,୧୦।୫(ସ୍ୱ.ପ୍ର.)

ପାରାଦୀପ ଅଭୟଚାନ୍ଦପୁର ଥାନା ପୋଲିସ ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିବା ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସତ୍ୟବାନ ପ୍ରଧାନ (କୁନା)। ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ରେଲୱେ ଷ୍ଟେଶନ ରେ କୁନା ଅଟୋରେ ବସି ବଳପୂର୍ବକ ଯାତ୍ରୀଙ୍କୁ ପାରାଦୀପ ନ ନେଇ ମୂଷାଡିଆ ନେଇଥିଲେ। ସେଠାରେ ଲୁଟ୍ କରିବା ଉଦ୍ୟମରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଯାତ୍ରୀ ରଞ୍ଜନ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୨୩ ରେ ମାମଲା ରୁଜୁ କରି କୁନାଙ୍କୁ ଗିରଫ କରିଛି। କୁନା ନାଁରେ କେବଳ ପାରାଦୀପ ଆଦର୍ଶ ଥାନାରେ ୧୯ ଟି ଆପରାଧିକ ମାମଲା ରହିଛି ବୋଲି ପୋଲିସ ସୂଚନା ମିଳିଛି।

ସରୁନି ବ୍ରାହ୍ମଣୀ ନଦୀବନ୍ଧ ମରାମତି କାର୍ଯ୍ୟ

ବ୍ରହ୍ମବରଦା,୧୦।୫(ଡି.ଏନ.ଏ.):

ବ୍ରାହ୍ମଣୀ ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧ ବ୍ରହ୍ମବରଦା ସେତୁଠାରୁ ରୁଦ୍ରପୁର ସେତୁ ପର୍ଯ୍ୟନ୍ତ ସୁରକ୍ଷିତ ନ ଥିବାରୁ ପ୍ରତି ବର୍ଷ ନଦୀକୂଳ ବର୍ତ୍ତି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ନଦୀବନ୍ଧର ଉନ୍ନତୀକରଣ ପାଇଁ ସରକାର ପ୍ରତିବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନିମ୍ନମାନର କାର୍ଯ୍ୟ ପାଇଁ ନଦୀବନ୍ଧ ଅଳ୍ପ କେତେଦିନରେ ଭାଙ୍ଗି ନଷ୍ଟ ହୋଇଯାଇଛି। ଫଳରେ ବର୍ଷା ଓ ବନ୍ୟା ସମୟରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି। ଜାରକା ଜଳ ସେଚନ ବିଭାଗ ଅଧୀନରେ ଥିବା ଏହି ନଦୀବନ୍ଧର ଉନ୍ନତୀକରଣ ପାଇଁ ୨୦୨୧ ଫେବୃୟାରୀରେ ୫ କୋଟି ୪୮ଲକ୍ଷ ୬୮ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ହେଲେ ଅବିଧି ପୂର୍ଣ୍ଣ ହୋଇ ୧୨ ମାସ ବିତିଥିଲେ ମଧ୍ୟ ଆଜି ଯାଏ ନଦୀବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ।

ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ନିମ୍ନମାନର କାର୍ଯ୍ୟ ହେଉଥିବାବେଳେ ଯେନ ତେନ ଭାବେ କାର୍ଯ୍ୟ ଶେଷ କରିଦେବାକୁ ଉଦ୍ୟମ ଜାରି ରହିଛି। ଏପଟେ ସାମାନ୍ୟ ବର୍ଷାରେ ନଦୀବନ୍ଧରୁ ବାଲି ଧୋଇ ଯାଇ ଖାଲ ଖମାରେ ପୂର୍ଣ୍ଣ ହେଲାଣି। ଏଠି ପ୍ରଶ୍ନଉଠୁଛି ବର୍ଷା ଓ ବନ୍ୟା ସମୟରେ ନଦୀବନ୍ଧ ଗ୍ରାମବାସୀଙ୍କୁ କେତେ ସୁରକ୍ଷା ପ୍ରଦାନ କରିବ। ଏନେଇ ଏସଡିଓ ମନୋରଞ୍ଜନ ତ୍ରିପାଠୀ କୁହନ୍ତି, ବାରମ୍ବାର ଅଭିଯୋଗ ହେଉଥିବାରୁ କାର୍ଯ୍ୟ ଆଉ ହେବନାହିଁ। ଯେତିକି ହେଲା ହେଲା। ଏଇଠୁ ଫାଇନାଲ କରାଯାଇ କାର୍ଯ୍ୟ ବନ୍ଧ ରହିବ। ଏନେଇ ମହେଶ୍ୱରପୁର ପୂର୍ବତନ ସରପଞ୍ଚ ସେକ୍ ଆବୁଲା କୁହନ୍ତି, ବନ୍ଧ କାମ ନିମ୍ନମାନର ହେଉଛି। ଏହାକୁ ବିରୋଧ କରିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟ ବନ୍ଦ କରିବାକୁ କହୁଛନ୍ତି। ଫାର୍ମାସିଷ୍ଟ ଅଶୋକ ପାଢ଼ୀଙ୍କୁ ପଚାରିବାରୁ ସେ କୁହନ୍ତି, ବ୍ରହ୍ମବରଦାର ଚତୁପାର୍ଶ୍ୱ ନଦୀନାଳ ଘେରି ରହିଛି। ଏହି ନଦୀବନ୍ଧଗୁଡିକୁ ଠିକ୍ ଭାବେ ମରାମତି କରା ନ ଗଲେ ବନ୍ୟା ସମୟରେ ଆମେ ବହୁ ଅସୁବିଧାର ସମ୍ମୁଖିନ ହେଉଛୁ। ଏଣୁ ଏହାକୁ ତୁରନ୍ତ ମଜଭୁତ ଭାବେ ମରାମତି କରାଯାଉ। ଗ୍ରାମର ଯୁବନେତା ସେକ୍ ମେସାରୁଲ ହକ୍ କୁହନ୍ତି, ବିଗତ ବନ୍ୟାରେ ନଦୀବନ୍ଧ ଭାଙ୍ଗିଯିବା ଫଳରେ ଏକ ମାସ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲୁ। ଏକ କୋମଳମତି ଶିଶୁର ଜୀବନ ଚାଲିଯାଇଥିଲା। ନିମ୍ନମାନର କାମର ଅଭିଯୋଗକୁ ତଦାରଖ କରିବା ବଦଳରେ କାର୍ଯ୍ୟ ବନ୍ଧ କରିବା ଉପଯୁକ୍ତ ପଦକ୍ଷେପ ନୁହେଁ। ଏନେଇ ବ୍ରହ୍ମବରଦା ଓ ମହେଶ୍ୱରପୁର ପଞ୍ଚାୟତର ଯୁବବର୍ଗ କୁହନ୍ତି, ବ୍ରାହ୍ମଣୀ ନଦୀବନ୍ଧକୁ ସୁଦୃଢ଼ଭାବେ ମରାମତି କରାଯାଉ। ନଚେତ ଆଗାମୀ ଦିନରେ ବିଶାଳ ଜନଆନ୍ଦୋଳନ ସହ ରାସ୍ତାରୋକୋ କରାଯିବ।

ZILLA SWASTHYA SAMITI (ZSS), KANDHAMAL
OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL
Notice No. 5707/NHM/HR-Out House/2022/20 Date: 09.05.2023
NOTICE
No. E-93: Recruitment process as per this office Advt. No. 10608 dated 02.09.2022 is hereby held up due to administrative ground.
Sd./- Dr. M.K. Upadhayaya
CDM & PHO-cum-District Mission Director
Kandhamal
OIPR-10015/11/0004/2324

OFFICE OF THE NOTIFIED AREA COUNCIL, BOUDHGARH No. C-274
"e" Procurement Notice
Tender Call Notice No. 1847/NACBDH/01/2023-24 Dtd. 02.05.2023
1. Name of work: Civil works as mentioned in website.
2. No. of works: 1 No. of Civil Works
3. Bid Value: Rs.184.55 Lakhs
4. Date and time of availability, received of the bid documents in the portal: From 10.00 A.M. of Dt. 06.05.2023 to Dt. 21.05.2023 upto 5.00 P.M. only.
5. Bids received online shall be opened on Dt. 22.05.2023 at 11.00 A.M.
6. Submission of original documents: on or before 10.30 A.M. of Dt. 22.05.2023.
7. Name & address of the Officer Inviting Bid: Executive Officer, Boudhgarh NAC.
For further details can be seen from the procurement portal: www.tendersorissa.gov.in.
Sd./- Executive Officer, Boudhgarh NAC
OIPR-13155/11/0001/2324

GOVERNMENT OF ODISHA
Office of the Executive Engineer
Bhanjanagar (R&B) Division, Bhanjanagar
(Phone/Fax: (06821) 241133 / E -mail: eernbbngr@yahoo.in
Ltr.No.5117//Dtd. 06.05.2023
No.B-177: **INVITATIONS FOR BIDS (IFB)**
E-Procurement Bid Identification No.E.E-BNJ-R&B-04/2023-24.
1.Name of work : Renovation, Construction and interior furnishing of Sub-Divisional Hospital at Bhanjanagar AMA Hospital under 5T Transformation in the District of Ganjam, Odisha.
2. No. of works : 01 No. Building work
3. No. of Covers : Double Cover
4. Estimated cost : Rs.370.114 Lakhs
5. Period of Completion : Six Calendar Months.
6. Date of time of availability of bid document in the portal : From 12.00 Noon of dated 11.05.2023 to 5.00 PM of dated 17.05.2023.
7. Last date/time for receipt of bids in the portal : Up to 5.00 PM. of dated 17.05.2023.
8. Date of opening of bid documents: At 11.00 A.M. of 18.05.2023.
9. Class of Contractor : "A" Class Contractor
10. Name and address of Officer Inviting Bid : Executive Engineer Bhanjanagar (R&B) Division Bhanjanagar
Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
Sd./- Executive Engineer
Bhanjanagar (R&B) Division
OIPR-34015/11/0003/2324

**OFFICE OF THE COLLECTOR & DISTRICT MAGISTRATE,

୫ ବିଦେଶୀ କୋଇଲା ଚାଲାଣକାରୀ ଜେଲ୍ ଗଲେ

ଆଳି,୧୦।୫(ଡି.ଏନ.ଏ.): ବିଦେଶୀ କୋଇଲା ଦୀର୍ଘଦିନ ହେବ ଆଳି ବାଟ ଦେଇ ଚୋରା ଚାଲାଣ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା । ଗତ ୭ ତାରିଖ ବିଳମ୍ବିତ ରାତିରେ ଏହି କାରବାର ଚାଲିଥିବା ନେଇ କୌଣସି ସୁତ୍ରରୁ ସୂଚନା ପାଇ ଉକ୍ତ ଟିମ୍ ଆଳି ନିଆଳି ହାଟ ହର୍ଟିକଲଚର ନିକଟରେ ଚଢ଼ାଉ କରିଥିଲା । ହେଲେ ଚାଲାଣକାରୀମାନେ ଫେରାର ହୋଇଯାଇଥିଲେ । ପୋଲିସ ଚୋରା କୋଇଲା ଚାଲାଣ କରୁଥିବା ଗାଡ଼ି ଜବତ କରିବା ସହିତ ଜଣେ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଥିଲା ବୋଲି ବୁଧବାର ଆଳି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ ପ୍ରକାଶ କରିଛନ୍ତି। ଆଳି ପୋଲିସ ଉପରୋକ୍ତ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରୁଥିଲେ । ହେଲେ ଚାଳକ ପୋଲିସ ଉପରେ ଗାଡ଼ି ଚଢ଼ାଇ ଖସି ଯିବାକୁ ଉଦ୍ୟମ କରିଥିଲେ। ପୋଲିସ ଟିମ୍ କୌଶଳ କ୍ରମେ ସେଦିନ ୨ କୋଇଲା ଟ୍ରକ, ୧୫୫ ବସ୍ତା କୋଇଲା,ଗୋଟିଏ ବୋଲେରୋ, ଏକ ବୁଲେଟ, ମାରୁତି ସୁଇଫ୍ଟ, ସ୍ୱିଟି, ଭୁଜାଲି ଓ ୭ ମୋବାଇଲ ଫୋନ ଜବତ କରିଥିଲା । ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରି ପୋଲିସ ଏଥିରେ ସମ୍ପୃକ୍ତ ଆଳକଣା ଗ୍ରାମର ସତ୍ୟବାଦୀ ବିଳାସ, ଦେମାଳର ଚନ୍ଦନ ଦାସ, ନିଆଳର ଦେବେନ୍ଦ୍ର ପଢ଼ିହାରୀ ଓ କଟକ ନିଆଳିର ତୋଫାନ ଜେନାକୁ ଗିରଫ କରିଛି । ପୂର୍ବରୁ ଥାନାରେ ଅଟକ ରହିଥିବା ଟ୍ରକ ଡ୍ରାଇଭର ଝାଡ଼ଖଣ୍ଡର ଆବୁଲ ଆଲାମଙ୍କୁ ମିଶାଇ ୫ଜଣଙ୍କୁ ବୁଧବାର ଆଳି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଚୋରା କୋଇଲା ଚାଲାଣର ମୁଖ୍ୟଙ୍କୁ ପୋଲିସ ଗିରଫ କରିବା ପାଇଁ ଅନୁସନ୍ଧାନ ଆରମ୍ଭ କରିଛି । ଏହି କୋଇଲା ସଂକ୍ରାନ୍ତରେ ଜାଣିବା ପାଇଁ ଧାମରା ଓ ପାରାଦ୍ୱୀପ ପୋର୍ଟ ସହିତ ଯୋଗାଯୋଗ କରାଯିବ ବୋଲି ପାଣ୍ଡେ କହିଛନ୍ତି। ପଡୋଶୀ ଜିଲା ପ୍ରଶାସନ ଏଥିରେ ସହଯୋଗ କରିବା ପାଇଁ ପୋଲିସକୁ ଜଣାଇଛି । ଏହି ଖବରଦାତା ସମ୍ମିଳନୀରେ ପଙ୍କାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା ଓ ଆଳି ଥାନା ଆଇଆଇସି ଦିଲ୍ଲୀପ ସାହୁ ଉପସ୍ଥିତ ଥିଲେ ।

୧୩ ମାସ ପରେ ପଙ୍କାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ

ବୈଠକରେ ବିଧାୟକ ଶଶୀଭୂଷଣ ବେହେରା, ଧ୍ରୁବ ସାହୁ ଓ ଅନ୍ୟମାନେ ।

ପଙ୍କାମୁଣ୍ଡାଇ,୧୦।୫(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ପଙ୍କାମୁଣ୍ଡାଇ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ୧୩ ମାସ ପରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିବା ବେଳେ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ପ୍ରଥମେ ଏହି ବୈଠକରେ ପୂର୍ବ ବୈଠକର ଆଗତ ପ୍ରସ୍ତାବଗୁଡିକ ଆଲୋଚନା କରାଯାଇଥିଲା । ସ୍ୱଚ୍ଛ ଭାରତ ଯୋଜନାରେ ଲିକ୍‌ପିଟ, ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ୟୁନିଟ ନିର୍ମାଣ ପ୍ରସ୍ତାବ,ପାନୀୟଜଳ ସମସ୍ୟା ଦୂର ପାଇଁ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି କରାଯାଇଥିଲା । ପ୍ରକଳ୍ପ ନିର୍ମାଣ ଶେଷ ପର୍ଯ୍ୟନ୍ତ ଜଳକ୍ଲିଷ୍ଟ ପଞ୍ଚାୟତରେ ଜରୁରୀ ଭିତ୍ତିରେ ନଳକୂପ ଖନନ ପାଇଁ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଅଧ୍ୟକ୍ଷଙ୍କୁ କ୍ଷମତା ପ୍ରଦାନ, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୱେଲନେସ ସେଣ୍ଟରରେ ଡାକ୍ତର ନିଯୁକ୍ତି ପାଇଁ ପ୍ରସ୍ତାବ ଗ୍ରହଣ, ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ଯୋଗାଣ ନେଇ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ବ୍ଲକ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଗଠନ କରି ଛତୁଆର ମାନ ପରୀକ୍ଷା କରିବା ପାଇଁ ଦାବି କରାଯାଇଥିଲା ।ସେହିପରି ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ପଞ୍ଚାୟତରେ ବାରମ୍ବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଦଳ ବଦଳି କରିବା ଦ୍ୱାର ଉନ୍ନତି ମୂଳକ କାମରେ ଅଗ୍ରଗତି ହୋଇପାରୁନାହିଁ ବୋଲି ଅଭିଯୋଗ ଉଠାଇଥିଲେ । ସେହିପରେ କଖାରୁଣି ସରପଞ୍ଚ ରମେଶ ମଲ୍ଲିକ ପଞ୍ଚାୟତରେ ନିର୍ମାଣଧୀନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ସହିତ ନୂତନ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି କରାଯାଇଥିଲା । ସର୍ବୋପରି ପଙ୍କାମୁଣ୍ଡାଇ ବ୍ଲକ ବିକାଶଧାରାକୁ ଆଗକୁ ନେବା ପାଇଁ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ବ୍ଲକ ପ୍ରକଳ୍ପ ବିକାଶ ଯୋଜନା ପ୍ରସ୍ତୁତ କରିବା ପାଇଁ ବିଶଦ ଆଲୋଚନା କରାଯାଇଥିଲା ।

ପଙ୍କାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ । ପଙ୍କାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ଆଇଆଇସି ତପନ କୁମାର ରାଉତ, ବ୍ଲକ ସହ ନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ଜ୍ୟୋତିର୍ମୟୀ ବେହେରା, ପ୍ରିୟଦର୍ଶନୀ ତରାଇ, ରଶ୍ମି ମଲିକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ବୈଠକରେ ପଙ୍କାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ପଞ୍ଚାୟତ ପ୍ରତିନିଧିମାନେ ନିଜ ପଞ୍ଚାୟତର ସମସ୍ୟା ଉପସ୍ଥାପନ କରି ଉଭୟ ବିଧାୟକ, ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ଅଧିକାରୀ ହସ୍ତକ୍ଷେପ କରି ଅବିଳମ୍ବେ ସମାଧାନ କରିବା ପାଇଁ ଦାବି କରିଥିଲେ ।

ସେବାସାହି-ବରଦା ରାସ୍ତା ମରଣଯନ୍ତା ପାଲଟିଛି

ଖାଲଖମାରେ ପରିପୂର୍ଣ୍ଣ ରାସ୍ତା ।

ରାଜକନିକା, ୧୦।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ସଦର ବାଘବୁଦା ପଞ୍ଚାୟତର ସେବାସାହି-ବରଦା ରାସ୍ତା ଏବେ ପାଲଟିଛି ମରଣଯନ୍ତା ସଦୃଶ। ଦୈନନ୍ଦିନ ଏହି ଗ୍ରାମ୍ୟରାସ୍ତାରେ ତଇଳା, ମହୁରୀଗାଁ, ବରଦା ଆଦି ଗାଁର ଶତାଧିକ ଲୋକ ଯାତାୟତ କରିଥାନ୍ତି। ଏହି ଗ୍ରାମ୍ୟରାସ୍ତାକୁ କଂକ୍ରିଟ୍ କରିବା ନା'ରେ ଦୀର୍ଘଦିନ ହେବ ଖୋଳି ଦିଆଯାଇଛି, ହେଲେ ଆଜି ପର୍ଯ୍ୟନ୍ତ ମରାମତି ତ ଦୂରର କଥା ବାଲି ମୁଠେ ବି ପଡ଼ିନାହିଁ। ଏହା ହିଁ ଏକମାତ୍ର ରାସ୍ତା ଜରୁରୀ କାଳୀନ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ଆସିବା ବା ଯିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏମିତିକି ଉକ୍ତ ରାସ୍ତା ଦେଇ ଛାତ୍ରୀଛାତ୍ରଙ୍କୁ ବିପଦ ସଙ୍କୁଳ ଅବସ୍ଥାରେ ବିଭିନ୍ନ ସ୍କୁଲ ଗାଡ଼ି ପ୍ରତିଦିନ ନେବା ଆଣିବାରେ ବାଧା ସୃଷ୍ଟି ହେଉଛି। ଏପରି ସ୍ଥିତି

କାର୍ଯ୍ୟ ନ ହେଲେ ଆନ୍ଦୋଳନ ଚେତାବନୀ

ଉପୁଜିଛି ଯଦି କେହି ଦୁର୍ଘଟଣା ଗ୍ରସ୍ତ ହୁଅନ୍ତି ବା ଗର୍ଭବତୀ ମହିଳା ହୁଅନ୍ତୁ କିମ୍ବା ବରିଷ୍ଠ ନାଗରିକ କୌଣସି ପରିସ୍ଥିତିରେ ଶୀଘ୍ର ହସ୍ପିଟାଲରେ ପହଞ୍ଚି ପାରିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଏମିତିକି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ମଧ୍ୟ ଗ୍ରାମବାସୀ ଅବଗତ କରାଇଥିଲେ। ହେଲେ ସୁଫଳ କିଛି ମିଳିନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ତେବେ ଏହି ଗ୍ରାମ୍ୟ ରାସ୍ତାକୁ ଯଥାଶୀଘ୍ର ମରାମତି ନ କଲେ ବାଧ୍ୟ ହୋଇ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସଙ୍କ ସମେତ ଗ୍ରାମବାସୀ ଚେତାଇ ଦେଇଛନ୍ତି।

ଲୋକପ୍ରତିନିଧିମାନଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ଡେରାବିଶ,୧୦।୫ (ସ୍ୱ.ପ୍ର.)

କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

ଇ-ଗ୍ରାମ ସ୍ୱରାଜ୍ୟ ପୋର୍ଟାଲ, ସ୍ୱଚ୍ଛ ଭାରତ ଯୋଜନା

ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ବୁଧବାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ୀକରଣ କରିବା ସହ ସାଧାରଣ ଲୋକ କିଭଳି ଇ-ଗ୍ରାମ ସ୍ୱରାଜ୍ୟ ପୋର୍ଟାଲ, ସ୍ୱଚ୍ଛ ଭାରତ ଯୋଜନାରେ ଅଧିକ ଉପକୃତ ହେବେ ସେ ନେଇ ଲୋକ ପ୍ରତିନିଧିମାନଙ୍କ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ। ବିଡିଓ ଦାସରଥି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ମନମୋହିନୀ ମହାନ୍ତି ଓ ଜିଲା ସାମାଜିକ ପରାମର୍ଶଦାତା ଅଧିକାରୀ ଇତିଶ୍ରୀ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ ଯୋଗଦେଇଥିଲେ। ସେମାନେ ସରକାରଙ୍କ ପକ୍ଷରୁ ନୂତନ କରି ପ୍ରତ୍ୟେକ ପଞ୍ଚାୟତ ପାଇଁ ଇ-ଗ୍ରାମ ସ୍ୱରାଜ୍ୟ ପୋର୍ଟାଲ ଓ ସ୍ୱଚ୍ଛ ଭାରତ ଯୋଜନା ଉପରେ ଉପସ୍ଥିତ ଲୋକପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ବିଡିଓ ଜେନା ଓ ଉପସ୍ଥିତ ଜିଲା ଅଧିକାରୀ ଇ-ପୋର୍ଟାଲ କାର୍ଯ୍ୟକ୍ରମ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶନାମା ସମ୍ବନ୍ଧରେ ଉଲ୍ଲେଖ କରିବା ସହ ଏହି ଯୋଜନା ମାଧ୍ୟମରେ କିଭଳି ସାଧାରଣ ଲୋକ ଅଧିକ ଉପକୃତ ହେବେ ସେ ନେଇ ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ପ୍ରତିନିଧିମାନଙ୍କ ଯଥେଷ୍ଟ ଦାୟିତ୍ୱ ରହିଥିବା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ବର୍ଜ୍ୟବସ୍ତୁ ପରିଚାଳନା ଓ ପରିମଳ ବ୍ୟବସ୍ଥାରେ ପାଇଖାନା ନିର୍ମାଣ ସମ୍ପର୍କରେ ଉପସ୍ଥିତ ଜିଲା ଅଧିକାରୀ ଲୋକପ୍ରତିନିଧିମାନଙ୍କୁ ସେ ସମ୍ପର୍କରେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ ଅକ୍ଷୟ କୁମାର ସାହୁ, ତୃପ୍ତିମୟୀ କର, ରଜନୀ ମଲିକ, ଶିଶିର ସାମଲ, ସୁରେନ୍ଦ୍ର ମଲିକ, କନକଲତା ପ୍ରଧାନ, ଦୁର୍ଯ୍ୟୋଧନ ମଲିକ, କାଶୀନାଥ କାଣ୍ଡି, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ଅକ୍ଷୟ କୁମାର ନାୟକ, ଫନିନ୍ଦ୍ର ବେହେରା, ନିତ୍ୟାନନ୍ଦ ଭଦ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଗୁଳି ଫୁଟାଇ ଜେଲ ଗଲେ ଯୁବକ

ଭଦ୍ରକ ଅଫିସ, ୧୦।୫

ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ମୀରାମହଲା କାରୁଆସାହିରେ ମଙ୍ଗଳବାର ସନ୍ଧ୍ୟାରେ ଫାଙ୍କା ଗୁଳି ଚାଳନା କରିଥିବା ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ବାସୁଦେବପୁର ବ୍ଲକ ସବରପୁରର ଶେଖ୍ ରିଆରୁଦ୍ଦିନ। ତାଙ୍କୁ କୋର୍ଟ ଚାଲାଣ ପରେ ଭଦ୍ରକ ସବ୍‌ଜେଲକୁ ପଠାଯାଇଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୫ ଜୀବନ୍ତ ଗୁଳି, ୬ହଜାର ୬୦ ଟଙ୍କା ଓ ଏକ ବାଇକ୍ ଜବତ କରାଯାଇଛି। ବିନା କାରଣରେ ଗାଁ ମଝିରେ ଗୁଳି ଫୁଟାଇଥିବା ନେଇ ପୁରୁଣାବଜାର ଥାନାରେ ମାମଲା (ନଂ.୧୪୫/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶେଖ୍ ରିଆରୁଦ୍ଦିନ ବାଇକ୍‌ରେ ଦ୍ରୁତଗତିରେ ଆସି କାରୁଆସାହି ମଝିରେ ଅଟକିଥିଲେ। ଏକ ଦେଶୀ ବନ୍ଧୁକରୁ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଫୁଟାଇଥିଲେ। ଗୁଳି ଶବ୍ଦ ଶୁଣି ସାହି ଲୋକେ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶେଖ୍ ରିଆରୁଦ୍ଦିନଙ୍କୁ କାବୁ କରି ଥାନାକୁ ନେଇଥିଲା।

ବଗପାଟିଆ: ପାଣିରେ ବୁଡ଼ି ୫ ଶିଶୁଙ୍କ ଜୀବନ ଗଲାଣି

ରାଜନଗର, ୧୦।୫(ଡି.ଏନ୍.ଏ.)

ବଙ୍ଗୋପସାଗର ତଟବର୍ତ୍ତୀ ଅଭିଶପ୍ତ ସାତଭାୟାବାସୀ ୭୦ ଦଶକ ପରଠାରୁ ସାମୁଦ୍ରିକ ଝଡ଼ ଏବଂ ସମୁଦ୍ର ଢେଉରେ ସେମାନଙ୍କ ଭିଟାମାଟି ହରାଇଥିଲେ। ଜୀବନ ଜୀବିକାକୁ ନେଇ ସାତଭାୟାବାସୀ ଭିଟାମାଟିର ମୋହକୁ ତୁଟାଇ ନୂଆ ଠିକଣା ବଗପାଟିଆଠାରେ ବସତି ସ୍ଥାପନ କରିଛନ୍ତି। ୨୦୧୧ରୁ ବଗପାଟିଆଠାରେ ଆରମ୍ଭ ହୋଇଥିବା ସାତଭାୟାବାସୀଙ୍କ ଥଇଥାନ ପ୍ରକ୍ରିୟା ୨୦୧୯ରେ ଶେଷ ହୋଇଥିଲା। ୨୦୧୯ ଏପ୍ରିଲ ୨୦ରେ ସାତଭାୟାବାସୀଙ୍କ ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସାତଭାୟାର ୫୭୧ ପରିବାର ବଗପାଟିଆଠାରେ ନୂଆ ଜୀବନ ଆରମ୍ଭ କରିଛନ୍ତି। ନିକଟ ଅତୀତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବଗପାଟିଆ ଥଇଥାନ ସ୍ଥଳ ପରିଦର୍ଶନ କରି କେବଳ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ଜଳବାୟୁ ପରିବର୍ତ୍ତନ ପରବର୍ତ୍ତୀ ଥଇଥାନ ସ୍ଥଳ ବଗପାଟିଆକୁ ମଡେଲ ଭିଲେଜରେ ପରିଣତ କରିବାକୁ ୨୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। କିନ୍ତୁ ଅଭିଶପ୍ତ ସାତଭାୟାବାସୀଙ୍କୁ ସେମାନଙ୍କ ନୂଆ ଠିକଣା ଏବେବି ଅଭିଶପ୍ତରେ ପରିଣତ କରିଚାଲିଛି। ୨୦୨୨ ଡିସେମ୍ବର ୨୩ରେ ବଡ଼ଦିନ ଛୁଟିରେ ମସ୍‌ଗୁଲ ଥିବା ବଗପାଟିଆର ୩ ଜଣ ଛାତ୍ର ବିଶାଲ, ସନ୍ଦୀପ ଓ ବ୍ରିବେନ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଆସି ପାଣିରେ ବୁଡ଼ିଯାଇ ଜଳସମାଧି ନେଇଥିଲେ। ଏ ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା। ୩ ନିଷ୍ପାପ ଶିଶୁଙ୍କର ଅକାଳ ବିୟୋଗରେ ତାଙ୍କ ମା'ମାନଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ଗତମାସ ୨୧ ତାରିଖରେ ଏହି ବଗପାଟିଆ ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ ସ୍ମୃତିରେଖା ପୋଖରୀରେ ଗାଧୋଉଥିବା ସମୟରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ୨୦୨୧ରେ ମଧ୍ୟ ଏହି ଗାଁର ଜଣେ ଛାତ୍ର ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ସାତଭାୟାବାସୀ ବଗପାଟିଆରେ ସେମାନଙ୍କ ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ନୂତନ ମନ୍ଦିରରେ ସ୍ଥାପନ କରାଇ ପୂଜା କରୁଥିବା ବେଳେ ନିଷ୍ପାପ ୫ ଶିଶୁଙ୍କର ପାଣିରେ ବୁଡ଼ି ମରିବା ଘଟଣା ସେମାନଙ୍କ ଆଖିରୁ ନିଦ ହଜାଇ ଦେଇଛି। ସେମାନେ ଆଶଙ୍କା ଭିତରେ ରହି ଦିନ ଗଣୁଛନ୍ତି। ତାଙ୍କ ବାପ, ଅଜାମାନେ ୧୯୭୧ ମସିହା ସାମୁଦ୍ରିକ ଝଡ଼ରେ ହଜାର ହଜାର ସଂଖ୍ୟାରେ ମୃତ୍ୟୁବରଣ କରିଥିବା ବେଳେ ସେଦିନର ଦୁଃଖଦ ଘଟଣା ଏବେ ବି ସାତଭାୟାର ଶତାୟୁ ମଣିଷଙ୍କ ମନରେ ଆଙ୍କି ହୋଇ ରହିଛି। ଏବେ ସେମାନଙ୍କ ନୂଆ ଠିକଣାରେ ଶିଶୁମାନଙ୍କର ଅକାଳ ବିୟୋଗ ସେମାନଙ୍କ ମାନସିକ ଭାରସାମ୍ୟକୁ ଦୋହଲାଇ ଦେଇଛି।

ZILLA SWASTHYA SAMITI (ZSS), KANDHAMAL
OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL
Notice No. 5707/NHM/HR-Out House/2022/20 Date: 09.05.2023
NOTICE
No. E-93: Recruitment process as per this office Advt. No. 10608 dated 02.09.2022 is hereby held up due to administrative ground.
Sd./- Dr. M.K. Upadhayaya
CDM & PHO-cum-District Mission Director
Kandhamal
OIPR-10015/11/0004/2324

OFFICE OF THE NOTIFIED AREA COUNCIL, BOUDHGARH No. C-274
"e" Procurement Notice
Tender Call Notice No. 1847/NACBDH/01/2023-24 Dtd. 02.05.2023
1. Name of work: Civil works as mentioned in website.
2. No. of works: 1 No. of Civil Works
3. Bid Value: Rs.184.55 Lakhs
4. Date and time of availability, received of the bid documents in the portal: From 10.00 A.M. of Dt. 06.05.2023 to Dt. 21.05.2023 upto 5.00 P.M. only.
5. Bids received online shall be opened on Dt. 22.05.2023 at 11.00 A.M.
6. Submission of original documents: on or before 10.30 A.M. of Dt. 22.05.2023.
7. Name & address of the Officer Inviting Bid: Executive Officer, Boudhgarh NAC.
For further details can be seen from the procurement portal: www.tendersorissa.gov.in.
Sd./- Executive Officer, Boudhgarh NAC
OIPR-13155/11/0001/2324

GOVERNMENT OF ODISHA
Office of the Executive Engineer
Bhanjanagar (R&B) Division, Bhanjanagar
(Phone/Fax: (06821) 241133 / E -mail: eernbbngr@yahoo.in
Ltr.No.5117//Dtd. 06.05.2023
No.B-177: **INVITATIONS FOR BIDS (IFB)**
E-Procurement Bid Identification No.E.E-BNJ-R&B-04/2023-24.
1.Name of work : Renovation, Construction and interior furnishing of Sub-Divisional Hospital at Bhanjanagar AMA Hospital under 5T Transformation in the District of Ganjam, Odisha.
2. No. of works : 01 No. Building work
3. No. of Covers : Double Cover
4. Estimated cost : Rs.370.114 Lakhs
5. Period of Completion : Six Calendar Months.
6. Date of time of availability of bid document in the portal : From 12.00 Noon of dated 11.05.2023 to 5.00 PM of dated 17.05.2023.
7. Last date/time for receipt of bids in the portal : Up to 5.00 PM. of dated 17.05.2023.
8. Date of opening of bid documents: At 11.00 A.M. of 18.05.2023.
9. Class of Contractor : "A" Class Contractor
10. Name and address of Officer Inviting Bid : Executive Engineer Bhanjanagar (R&B) Division Bhanjanagar
Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
Sd./- Executive Engineer
Bhanjanagar (R&B) Division
OIPR-34015/11/0003/2324

OFFICE OF THE COLLECTOR & DISTRICT MAGISTRATE, BHADRAK
(SOCIAL SECURITY & EMPOWERMENT OF PWDS SECTION)
No.1016/ Dt.09.05.2023
ADVERTISEMENT
No.gg-4: Applications are invited from the eligible candidates for the post of (1) Female Attendant (one) in the Special School for the Blind, At-Betara, Post

ସଂକ୍ଷେପରେ

ଶାଳୀଙ୍କୁ ବଳାତ୍କାର ଅଭିଯୋଗରେ ଭିଣୋଇ ଗିରଫ

ଆର.ଉଦୟଗିରି,୧୦।୫(ଡି.ଏନ.ଏ.): ମୋହନା ଥାନା ଅଞ୍ଚଳରେ ନାବାଳିକା ଶାଳୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ବାଲିପଦର ଅଞ୍ଚଳର ଅନିଲ ନାୟକ। ଅନିଲ ନିଜ ଶ୍ୱଶୁର ଘର ମୋହନା ଥାନା ଅଞ୍ଚଳରେ ରହୁଥିଲେ। ସେଠାରେ ନାବାଳିକା ଶାଳୀଙ୍କୁ ବଳାତ୍କାର କରିବା ସହ ଗର୍ଭବତୀ କରିଥିଲେ। ପରେ ଭୟରେ ଫେରାର ହୋଇଯାଇଥିଲେ। ପରେ ନାବାଳିକା ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୭/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଖବର ପାଇ ସୋମବାର ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠା ଓ ଟିମ୍ ଅଭିଯୁକ୍ତଙ୍କୁ ନିଜ ଗ୍ରାମରୁ ଗିରଫ କରିଥିଲେ।

ଦାଦନ ଖଟିବାକୁ ଯାଇ ଚାଲିଗଲା ଯୁବକଙ୍କ ଜୀବନ

ପୋଲସରା,୧୦।୫: ଗଞ୍ଜାମରେ ସରୁନି ଦାଦନ ଦୁଃଖ। ନିଜ ଭିଟା ମାଟିରେ କାମ ନ ମିଳିବାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି ଲୋକେ। ହେଲେ ଦାଦନ ଖଟିବାକୁ ଯାଇ ଚାଲିଯାଇଛି ଯୁବକଙ୍କ ଜୀବନ। ମୃତ ଯୁବକ ହେଲେ ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡ଼ା ଗ୍ରାମର ସ୍ୱର୍ଗତ ପାଣ ନାହକଙ୍କ ପୁଅ ହେମନ୍ତ (୨୩)। ପରିବାର କହିଲେ ମା' ଓ ଭାଇ ଭାଉଜ, ଦୁଇ ପୁତୁରା ଏଭଳି ୬ ଜଣ ଗୋଟିଏ ଘରେ ବହୁ କଷ୍ଟେ ମଷ୍ଟେ ଜୀବନ ଅତିବାହିତ କରୁଥିଲେ। ସାନ ପୁଅ ହେମନ୍ତ ବାହାର ରାଜ୍ୟକୁ ଶ୍ରମିକ ଭାବେ କାମ କରିବାକୁ ଗଲେ ପରିବାର ଚଳୁଥିଲା। ହେମନ୍ତ ଗାଁକୁ ଆସି ମାସେ ତଳେ ପୁଣି ଦାଦନ ଖଟିବାକୁ ଚେନ୍ନାଇ ଚାଲି ଯାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଖବରପାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ। ହେମନ୍ତକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରୁଛନ୍ତି। ବୁଧବାର ହେମନ୍ତଙ୍କ ମର ଶରୀର ଗାଁରେ ପହଁଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି ଗ୍ରାମବାସୀ।

ବୋହୂଙ୍କୁ ନିର୍ଯାତନା, ହତ୍ୟା ଉଦ୍ୟମ

- ଘର ଛାଡିବା ପରେ ଋଣ ଟଙ୍କା ପରିଶୋଧର ଚାପ
- ଥାନାର ଦ୍ୱାରସ୍ଥ ପରେ ବି ନ୍ୟାୟ ମିଳୁନି

ନୟାଗଡ଼ ଅଫିସ/ଗଣିଆ, ୧୦।୫(ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ଥାନା ରାଉତପଡ଼ା ଗାଁର ଶାନ୍ତିଲତା ସାହୁ ନାମ୍ନୀ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ହତ୍ୟା କରିବା ପାଇଁ ଯୋଜନା କରିଥିଲେ । ତେବେ ସେ ଖସି ଆସି ଗଣିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଏଭଳିସ୍ଥଳେ ଶାଶୁ ଘର ନେଇଥିବା ଋଣ ଦେଢ଼ ଲକ୍ଷ ଟଙ୍କା ବୋହୂକୁ ପରିଶୋଧ କରିବାକୁ ଚାପ ପକାଯାଉଛି । ଏପରି ପରିସ୍ଥିତିରେ ଶାନ୍ତିଲତା ଥାନାରୁ ନ୍ୟାୟ ନ ପାଇ ହଇରାଣ ହେଉଛନ୍ତି ବୋଲି କହିଛନ୍ତି ।

ସୂଚନା ଅନୁଯାୟୀ, ରାଉତପଡ଼ା ଗାଁର ଶାନ୍ତିଲତା ସେହି ଗାଁର ଜିତୁ ସାହୁଙ୍କୁ ୭ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । ପ୍ରେମ ବିବାହ ସତ୍ତ୍ୱେ ବାପ ଘର ପକ୍ଷରୁ ୩୦ ହଜାର ଟଙ୍କା, ଘର ଉପକରଣ ଓ ଭାଇଙ୍କୁ ସୁନା ଚେନ ଓ ୩ଟି ମୁଦି ଯୌତୁକ ଆକାରରେ ଦିଆଯାଇଥିଲା । ବିବାହର କିଛି ମାସ ଭଲରେ ଚଳିଥିଲେ ଏହି ଦମ୍ପତି। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ପାଇଁ ଦାବି କରି ଶାଶୁ, ଶ୍ୱଶୁର, ଭାଇଁ, ନଣନ୍ଦ, ନଣନ୍ଦେଇ, ଦିଅର ପ୍ରମୁଖ ମିଳିତ ଭାବେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ । ୨ବର୍ଷ ପରେ ଝିଅ ଟିଏ ଜନ୍ମ ହୋଇଥିଲା। ଝିଅ ଜନ୍ମ ପରେ ବହୁ କଷ୍ଟରେ ଚଳୁଥିଲେ ଶାନ୍ତିଲତା। ନିର୍ଯାତନା ବଢ଼ିବାରୁ ଶାନ୍ତିଲତା ଥାନାରେ ଅଭିଯୋଗ କରିଥିଲେ । ଏହାପରେ ଆଉ କଛ ଅସୁବିଧା ହେବନି କହି ତାଙ୍କୁ କେରଳରେ ନେଇ ସ୍ୱାମୀ ରଖିଥିଲେ । ପରେ ଚେନ୍ନାଇରେ ରଖିଲେ । ଉଭୟ ସ୍ଥାନରେ ନିର୍ଯାତନା କମି ନ ଥିଲା । ଅନ୍ୟପକ୍ଷେ ୭ ମାସ ହେଲା ଏହି ଦମ୍ପତି ଗାଁରେ ରହୁଥିଲେ । ଗତ ଏପ୍ରିଲ ୨୧ରେ ଶାଶୁ ଘରର ଲୋକ ଏକାଠି ହୋଇ ତାଙ୍କୁ ମାରପିଟ୍ କରି ହତ୍ୟା ଉଦ୍ୟମ କରିଥିଲେ। ଶାନ୍ତିଲତା ଖସି ଆସି ଥାନାରେ ଜଣାଇବା ପରେ ମାମଲା ହୋଇଛି । ଏନେଇ ଶାନ୍ତିଲତା କୁହନ୍ତି, ଶାଶୁ ଘରେ ଥିବାବେଳେ ମୋ ସୁନା ଅଳଙ୍କାର ବନ୍ଧା ପକାଇବା ସହ ୩ଟି ଲୋନ୍‌ରେ ଦେଢ଼ ଲକ୍ଷ ଟଙ୍କା ମୋ ନାମରେ ଋଣ କରିଥିଲେ । ମୋ ସ୍ୱାମୀ ନୋମିନ ଅଛନ୍ତି । ଋଣ ଟଙ୍କାରେ ଘର ଓ ଅନ୍ୟାନ୍ୟ କାମ ହୋଇଛି । ଏବେ ସେହି ଋଣ ପରିଶୋଧ କରିବାକୁ ମୋ ଉପରେ ଚାପ ପକାଇ ମୋ ବାପ ଘରକୁ ଋଣ ଦେଇଥିବା ସଂସ୍ଥା କର୍ମଚାରୀଙ୍କୁ ପଠାଉଛନ୍ତି। ଋଣ ଟଙ୍କା ବାପ ଘର ନେଇ ନ ଥିବାବେଳେ ଅଯଥାରେ ତାଙ୍କୁ ଶାନ୍ତିଲତା ତାଙ୍କ ସ୍ୱାମୀଙ୍କୁ ମାରପଟ୍ କର ହାତ ଭାଙ୍ଗିଥିବା ଜଣାପଡିଛି । ପୋଲିସର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି । ହଇରାଣ ହରକତ କରାଯାଉଛି । ଘଟଣା ସମ୍ପର୍କରେ ନ୍ୟାୟ ପାଇଁ ମୁଁ ପୋଲିସର ସହଯୋଗ ମାଗିଛି । ହେଲେ ଏଯାବତ ସହଯୋଗ ମିଳି ନ ଥିବା କହି ସେ କାନ୍ଦି ପକାଇଥିଲେ । ଗଣିଆ ଥାନା ଅଧିକାରୀ ବିମଳ ମଲ୍ଲିକ କୁହନ୍ତି, ଶାନ୍ତିଲତା ଓ ତାଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା ରୁଜୁ କରିଛି । ପ୍ରାଥମିକ ତଦନ୍ତରୁ

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ପ୍ରତିବାଦ

ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ପ୍ରତିବାଦ।

ବ୍ରହ୍ମପୁର ଅଫିସ,୧୦।୫:

ଆଇଟିଆର ଟ୍ରେନିଂପ୍ରାପ୍ତ କୁଶଳୀ ବିଦ୍ୟୁତ ଓ ଶ୍ରମିକ କର୍ମଚାରୀଙ୍କ ମୌଳିକ ଦାବି ପ୍ରତି ଅଣଦେଖା ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ କଳା ବ୍ୟାଜ ପନ୍ଧ ପ୍ରତିବାଦ କରାଯାଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ବ୍ରହ୍ମପୁର ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ଧର୍ମଘଟ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ପ୍ରତିବାଦରେ ମହାସଂଘର ଜୋନାଲ ସମ୍ପାଦକ ମନୋରଞ୍ଜନ ବିଶ୍ୱାଳ, ଉପସଭାପତି ଧନଞ୍ଜୟ ପରିଡା, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ତରାଇଙ୍କ ସମେତ ମହେନ୍ଦ୍ର ନାଥ, ସଞ୍ଜୀବ ଜେନା, ଦେବୀ ପ୍ରସାଦ ପଟ୍ଟନାୟକ, ସରୋଜ ଆଚାରୀ, ଲମ୍ବୋଦର ଜେନାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

୨୦ରୁ ଜିଲାସ୍ତରୀୟ ଓପନ ଚେସ ଟୁର୍ନାମେଣ୍ଟ

ନୟାଗଡ଼ ଅଫିସ,୧୦।୫

ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲାସ୍ତରୀୟ ଓପନ ଚେସ ଟୁର୍ନାମେଣ୍ଟ ଚଳିତ ମାସ ୨୦ ଏବଂ ୨୧ ତାରିଖ ଦୁଇଦିନ ଧରି ସ୍ଥାନୀୟ କେସି କ୍ଲବ ପରିସରରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ସମସ୍ତ ବର୍ଗର ପ୍ରତିଯୋଗୀ ଅଂଶ ଗ୍ରହଣ କରି ପାରିବେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ଶହ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୧୨ଶହ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ହଜାର ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ। ଚତୁର୍ଥ ଏବଂ ପଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସ୍ୱାନ୍ତନ୍ତ୍ରତା ମୂଳକ ପୁରସ୍କାର ପ୍ରଦାନ କରାଯିବ । ସେହିପରି ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ। ସ୍ଥାନୀୟ କେସି କ୍ଲବ ପରିସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିଲା ଚେସ ଆସୋସିଏଶନ ସଭାପତି ଶ୍ରୀଧର ସାହୁ, ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଉପସଭାପତି ବାଲାରସେନ ପାତ୍ର, କୋଷାଧକ୍ଷ ତରୁଣ ଖାଁ, ସଦସ୍ୟ ଲକ୍ଷ୍ମୀଧର ସାହୁ ଏବଂ ରିତେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର କର୍ମକର୍ତ୍ତା।

ଏନ୍‌ଏସ୍‌ଏସ୍ ପକ୍ଷରୁ ଅଭିମୁଖୀକରଣ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୫(ଡି.ଏନ୍.ଏ.)

ବୁଗୁଡ଼ା ପିଜୁଲ୍ଲ କଲେଜର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ-୨ ପକ୍ଷରୁ କଲେଜ ପରିସରରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ସମ୍ବଳ ବ୍ୟକ୍ତି ଭାବେ ଗଞ୍ଜାମ ଜିଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁଧାଂଶୁ ଷଡ଼ଙ୍ଗି ଯୋଗ ଦେଇ ଜାତୀୟ ସେବା ଯୋଜନା କ୍ଷେତ୍ରରେ ଅଭିମୁଖୀକରଣ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧିକନ୍ତୁ, ସ୍ୱେଚ୍ଛାସେବୀଙ୍କ ସନ୍ଦେହ ମୋଚନ ନିମନ୍ତେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏକ ଶତ ଛାତ୍ରୀଙ୍କୁ ନେଇ ନୂତନ ଭାବେ ଗଠିତ ଏନ୍‌ଏସ୍‌ଏସ୍ ୟୁନିଟ-୨ର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଶୁଭସ୍ମିତା ମହାପାତ୍ରଙ୍କ ସୁପରିଚାଳନାରେ ଚାରା ରୋପଣ କରାଯାଇଥିଲା।

୮ମ ଦିବସରେ ଭଞ୍ଜନଗର ଠାକୁରାଣୀ ଯାତ୍ରା

ଭଞ୍ଜନଗର,୧୦।୫(ଡି.ଏନ୍.ଏ)

ଭଞ୍ଜନଗର ଠାକୁରାଣୀ ଯାତ୍ରା ବୁଧବାର ୮ମ ଦିବସରେ ପହଁଞ୍ଚିଛି। ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ କବିସମ୍ରାଟ ରଙ୍ଗମଞ୍ଚରେ ସନ୍ଧ୍ୟାରେ ଭଜନ ପରିବେଷଣ ହୋଇଥିଲା। ଏନ୍‌ଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ସତପଥୀ, ଅଧ୍ୟାପକ ଗୁରୁ ମୂର୍ତ୍ତି ନାୟକ, ଶାନ୍ତିଲତା ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଭାଗବତ ପ୍ରବଚନ କାର୍ଯ୍ୟକ୍ରମ

ଧରାକୋଟ,୧୦।୫(ଡି.ଏନ୍.ଏ.)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଡାକିବଜା ଗ୍ରାମରେ ଭାଗବତ ପ୍ରବଚନ ଓ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଧିବେଶନ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କୁଲାଡ଼ସ୍ଥିତ ଶ୍ରୀ ରାଧା ଗିରିଧାରୀ ଆଶ୍ରମର ମହନ୍ତ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଶରଣ ପରମାର୍ଥୀ ମହାରାଜଙ୍କ ସହ ବ୍ରହ୍ମଚାରୀ ଶ୍ରୀପାଦ ଶ୍ରୀବାସ ଦାସ, ପତିତପାବନ ଦାସ ଓ ଶ୍ୟାମାନନ୍ଦ ଦାସ ଏହି ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ପୂର୍ବତନ ମ୍ୟୁନିସିପାଲଟି ଅଧ୍ୟକ୍ଷଙ୍କୁ ବଦନାମ କରୁଥିବା ଅଭିଯୋଗ

ବ୍ରହ୍ମପୁର ଅଫିସ,୧୦।୫:

ବ୍ରହ୍ମପୁର ମୁନିସିପାଲଟିର ପୂର୍ବତନ ଅଧ୍ୟକ୍ଷ ପି.ଭିମୁଡୁଙ୍କୁ ଜଣେ ମହିଳା ବିବାହ ପାଇଁ ବାଧ୍ୟ କରିବା ସହ ସେ ରାଜି ନହେବାରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କ ସମ୍ମାନହାନି ଘଟାଉଥିବା ନେଇ ଏସଡିଜେଏମ୍‌ଙ୍କ କୋର୍ଟରେ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ଡିଜେଏମ୍ ଟାଉନ୍ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ନଂ ୧୭୫/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସୂଚନା ମୁତାବକ, ଟାଉନ ଥାନା ଆଜୁଲସାହିରେ ଭିମୁଡୁ ତାଙ୍କ ପରିବାରବର୍ଗଙ୍କ ସହ ରହୁଛନ୍ତି। ସେ ମିଲିଟାରୀ ଲେନ୍‌ର ଜଣେ ମହିଳାଙ୍କୁ ତାଙ୍କ ଅଭାବ ଅସୁବିଧାରେ ସାହାଯ୍ୟ କରିଥିଲେ। ତାଙ୍କ ସ୍ତ୍ରୀ'ଙ୍କ ଦେହାନ୍ତ ପରେ ଉକ୍ତ ମହିଳା ଜଣଙ୍କ ଭିମୁଡୁଙ୍କୁ ବିବାହ କରିବା ପାଇଁ ବାଧ୍ୟ କରିଥିଲେ। କିନ୍ତୁ ଏଥିରେ ଭିମୁଡୁ ରାଜି ହୋଇନଥିଲେ। ଫଳରେ ମହିଳା ଜଣଙ୍କ ତାଙ୍କୁ ଧମକଚମକ ଦେଇଆସୁଥିଲେ। ଭିମୁଡୁ ମାନସିକ ଦୁଶ୍ଚିନ୍ତାରେ ରହି ରୋଗାକ୍ରାନ୍ତ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥା ବହୁ ଖରାପ ହେବାରୁ ପ୍ରଥମେ ବିଶାଖାପାଟଣା ଓ ପରେ ହାଇଦ୍ରାବାଦରେ ଚିକିତ୍ସିତ ହୋଇ ପ୍ରାୟ ୩ମାସ ପରେ ଫେରିଥିଲେ। ଗତ ୩୦ ମାର୍ଚ୍ଚରେ ତାଙ୍କ ସହିର ରାମ ମନ୍ଦିରରେ ରାମ ନବମୀ ପୂଜାର ସମସ୍ତ ପରିଚାଳନା ଦାୟିତ୍ୱ ଭିମୁଡୁ ନେଇଥିଲେ। ଏହି ସମୟରେ ମହିଳାଜଣଙ୍କ ତାଙ୍କ ଘରେ ପହଞ୍ଚି ମୋବାଇଲରେ କିଛି ଫଟୋ ଘରଲୋକଙ୍କୁ ଦେଖାଇ ପାଟିତୁଣ୍ଡ କରିଥିଲେ। ପରେ ମନ୍ଦିରରେ ମଧ୍ୟ ପାଟିତୁଣ୍ଡ କରି ସର୍ବସାଧାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ବଦନାମ୍ କରିଦେବେ ବୋଲି ଧମକ ଦେଇଥିଲେ। ପୁଣି ବିଭିନ୍ନ ସମୟରେ ତାଙ୍କ ପୁଅକୁ ଫୋନ୍ କରି ଧମକ ଦେଉଥିଲେ। ଭିମୁଡୁଙ୍କ ସ୍ତ୍ରୀ'ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଦିନ ମହିଳା ଜଣଙ୍କ ତାଙ୍କ ଘରକୁ ଯାଇ ହଙ୍ଗାମା କରିବେ ବୋଲି ଧମକ ଦେଇଥିଲେ। ଶେଷରେ ଅନ୍ୟ କିଛି ଉପାୟ ନପାଇ ଭୁମୁଡୁଙ୍କ ପୁଅ ପି. ରମାନନ୍ଦ ଯାଦବ ଆଇନର ସହାୟତା ଲୋଡ଼ିଛନ୍ତି।

ବିଭିନ୍ନ ସମସ୍ୟା ନେଇ ସମିତି ସଭ୍ୟଙ୍କ ବୈଠକ

ଫୁଲବାଣୀ ଅଫିସ, ୧୦।୫:

କନ୍ଧମାଳ ଜିଲାର ୬ଟି ବ୍ଲକର ସମିତିସଭ୍ୟଙ୍କୁ ନେଇ ଏକ ବୈଠକ ଫୁଲବାଣୀ ସ୍ଥିତ ଆମଲାପଡ଼ା ମା' ବ୍ରାହ୍ମଣୀଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରଶାସନିକ କ୍ଷେତ୍ରରେ ସମିତିସଭ୍ୟମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଉଥିବାରୁ ବୈଠକରେ ସମସ୍ତ ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଜଣେ ସରପଞ୍ଚ ପଞ୍ଚାୟତରୁ ଯେମିତି ନିର୍ବାଚିତ ହୋଇ ଆସୁଛି ସେଭଳି ଜଣେ ସମିତିସଭ୍ୟ ମଧ୍ୟ ନିର୍ବାଚିତ ହୋଇ ଆସୁଛି। ହେଲେ ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ଶେଷ ହୋଇଗଲା ପରେ ଆଉ ସମିତିସଭ୍ୟମାନଙ୍କୁ ସେମାନଙ୍କ ଅଧିକାରରୁ ସମ୍ପୂର୍ଣ୍ଣ ବଞ୍ଚିତ ରଖାଯାଉଛି। ଜିଲାରେ ସମିତିସଭ୍ୟମାନେ ଏକତା ସୃଷ୍ଟି କରି ନିଜର ଅଧିକାରଙ୍କୁ ଜାହିର କରିବାକୁ ଏହି ବୈଠର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମିତିସଭ୍ୟମାନେ ପ୍ରକାଶ କରିଛନ୍ତି। ବୈଠକରେ ଫିରିଙ୍ଗିଆ, ଫୁଲବାଣୀ, ଖଜୁରିପଡ଼ା, ଚକାପାଦ, କ.ନୂଆଗାଁ ଓ ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟରୁ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଲ୍ କରିବାକୁ ଲାଞ୍ଚ ମାମଲା

ଜେଲ ଗଲେ ଯନ୍ତ୍ରୀ, ଜିଆର୍‌ଏସ୍

ବ୍ରହ୍ମପୁର ଅଫିସ,୧୦।୫

ଜଣେ ଠିକାଦାରଙ୍କ ବକେୟା ବିଲ ପାରିତ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ ମଙ୍ଗଳବାର ପୁରୁଷୋତ୍ତମପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ଜିଆରଏସ୍‌ଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୩/୨୩ ରେ ଭିଜିଲାନ୍ସ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗଦିଶ କୁମାର ସାହୁ ଓ ଉକ୍ତ ବ୍ଲକ ଅନ୍ତର୍ଗତ ଝାଡ଼ାବାଇ ପଞ୍ଚାୟତର ଜିଆରଏସ୍ ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ଆବେଦନର ଶୁଣାଣି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହୋଇଥିଲା। ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଏହାର ଶୁଣାଣି କରିଛନ୍ତି। ଏହାସହ ଆସନ୍ତା ୩୧ ତାରିଖ ସୁଦ୍ଧା ଅପଡେଟ୍ ସିଡି(ସାନି କେସ୍ ଡାଏରୀ) କୋର୍ଟରେ ଦାଖଲ କରିବାକୁ ଜଜ୍ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ପୁରୀ ଚକ୍ରତୀର୍ଥ ରୋଡ଼ ସଂସ୍କୃତି ଭବନଠାରେ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ବୈଦିକ ବାସ୍ତୁ ଜ୍ୟୋତିଷ ସମ୍ମିଳନୀରେ ସୋରଡ଼ା ରଥପଦା ନିବାସୀ ଶିଶିରକାନ୍ତ ଦାସଙ୍କୁ ରାଷ୍ଟ୍ରୀୟ ଗୌରବ ଜ୍ୟୋତିଷ ସମ୍ମାନ ପ୍ରଦାନ କରାଯାଉଛି।

ZILLA SWASTHYA SAMITI (ZSS), KANDHAMAL
OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL
Notice No. 5707/NHM/HR-Out House/2022/20 Date: 09.05.2023
NOTICE
No. E-93: Recruitment process as per this office Advt. No. 10608 dated 02.09.2022 is hereby held up due to administrative ground.
Sd./- Dr. M.K. Upadhayaya
CDM & PHO-cum-District Mission Director
Kandhamal
OIPR-10015/11/0004/2324

OFFICE OF THE COLLECTOR & DISTRICT MAGISTRATE, BHADRAK
(SOCIAL SECURITY & EMPOWERMENT OF PWDS SECTION)
No.1016/ Dt.09.05.2023
ADVERTISEMENT
No.gg-4: Applications are invited from the eligible candidates for the post of (1) Female Attendant (one) in the Special School for the Blind, At-Betara, Post-R.N. Betara, Dist-Bhadrak, Pin-756112. The last date for receipt of application is 31.05.2023 by 2 P.M.

ସ୍କୁଲ୍‌ରୁ ଷ୍ଟାର୍ଟଅପ୍ | ଯୁବ ମାନସିକତାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଭାରତରେ ୧୧ ମେ'ରେ ପାଳନ କରାଯାଉଥିବା 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' ଆମ ଦେଶରେ ବୈଷୟିକ ଜ୍ଞାନକୌଶଳ, ଅନୁସନ୍ଧାନକାରୀ ଏବଂ ଇଞ୍ଜିନିୟରମାନଙ୍କ ସଫଳତାକୁ ସ୍ମରଣ କରିଥାଏ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୧୯୯୯ରେ ପୋଖରାନ୍ ଆଣବିକ ପରୀକ୍ଷଣକୁ ସ୍ମରଣୀୟ କରିବା ପାଇଁ ଏହି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସର ଶୁଭାରମ୍ଭ କରିଥିଲେ । ବୈଷୟିକ ପ୍ରଗତିର ଅବଦାନ ଯୋଗୁ ଭାରତ ବିସ୍ଫୋରକ ଅଭିବୃଦ୍ଧିର ସାକ୍ଷୀ ହୋଇଛି । ଅଭିବୃଦ୍ଧିର ଅଭିଯାନକୁ ସ୍ମରଣ କରି ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କ ଉଦ୍ୟମକୁ ସ୍ୱୀକାର କରିବା ପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ହେଉଛି ଏକ ଉପଯୁକ୍ତ ଅବସର । ୧୧ ମେ' ୧୯୯୯ରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ସଫଳତାକୁ ଆଲୋକିତ କରିବା ପାଇଁ ପ୍ରଥମେ ଭାରତରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରାଯାଇଥିଲା । ପ୍ରଯୁକ୍ତି ବିକାଶ ପରିଷଦ ପକ୍ଷରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉପସ୍ଥିତିରେ ପ୍ରଥମ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆୟୋଜନ କରାଯାଇଥିଲା । ଏହି ଦିନ ବୋମାଗୁଡ଼ିକର ଶକ୍ତି ନିର୍ଣ୍ଣୟ କରିବା ପାଇଁ ମେ' ୧୯୯୮ରେ ରାଜସ୍ଥାନର ପୋଖରାନ୍‌ରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ପାଞ୍ଚଟି ଆଣବିକ ପରୀକ୍ଷଣକୁ ମଧ୍ୟ ସ୍ମରଣ କରାଯାଇଥାଏ ।

୧୮ ମେ' ୧୯୭୪ରେ ପ୍ରଥମ ଆଣବିକ ପରୀକ୍ଷଣ ସ୍ମାଇଲିଂ ବୁଦ୍ଧ ପରେ ଭାରତର ଦ୍ୱିତୀୟ ପରମାଣୁ ପରୀକ୍ଷଣ ପୋଖରାନ୍‌ରେ କରାଯାଇଥିଲା । ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ, ଯିଏକି ମିଜାଇଲ ମ୍ୟାନ୍ ଅଫ୍ ଇଣ୍ଡିଆ ଭାବରେ ଜଣାଶୁଣା । ସେ ପୋଖରାନ୍ ଟେଷ୍ଟର ନେତୃତ୍ୱ ନେଇଥିଲେ ।ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଦେଶର ଅଭିବୃଦ୍ଧି କରିଥାନ୍ତି । ସେମାନଙ୍କୁ ସମ୍ମାନିତ କରିବା ପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରାଯାଇଥାଏ । ପୋଖରାନ୍ ଆଣବିକ ପରୀକ୍ଷଣ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ଘୋଷଣା କରିଥିଲେ ଆଣବିକ କ୍ଲବରେ ଭାରତୀୟମାନେ ଯୋଗଦେଇଛନ୍ତି । ପ୍ରତିବର୍ଷ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସରେ ଏକ ନୂତନ ଥିମ୍ ଘୋଷଣା କରିଥାଏ । ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ୍ ହେଉଛି ସ୍କୁଲ୍‌ରୁ ଷ୍ଟାର୍ଟଅପ୍ ନବସୃଜନ ପାଇଁ ଯୁବ ମାନସିକତାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ(ସ୍କୁଲ ଟୁ ଷ୍ଟାର୍ଟ ଅପ୍-ଇଗ୍ନାଇଟ୍ ୟଙ୍ଗ ମାଇଣ୍ଡସ୍ ଟୁ ଇନୋଭେଟ) ।

ବାପାଙ୍କ ସ୍ୱପ୍ନ ପୂରଣ କଲେ ସୋନାକ୍ଷୀ

ମୁମ୍ବାଇ: ବଲିଉଡ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ବର୍ତ୍ତମାନ ଡେବ୍ୟୁ ୱେବ୍ ସିରିଜ୍ 'ଦହାଡ'କୁ ନେଇ ଚର୍ଚ୍ଚାରେ ଅଛନ୍ତି, ଯାହାକି ଓଟିଟିରେ ମେ'୧୨ରେ ରିଲିଜ ହେବାର ସୂଚନା ରହିଛି । ଏଥିରେ ସୋନାକ୍ଷୀ ଜଣେ ପୋଲିସ ଅଫିସର ଭୂମିକାରେ ନଜରକୁ ଆସୁଛନ୍ତି । ସେ କହିଛନ୍ତି, ତାଙ୍କ ବାପାଙ୍କ ସ୍ୱପ୍ନ ପୂରଣ ହୋଇଛି । କାରଣ ତାଙ୍କ ବାପା ସୋନାକ୍ଷୀଙ୍କୁ ପୋଲିସ ଅଫିସର ଭାବେ ଦେଖିବାକୁ ଚାହୁଁଥିଲେ । ସୋନାକ୍ଷୀ ଦୀର୍ଘଦିନ ହେବ ପାୱାରଫୁଲ କ୍ୟାରେକ୍ଟର ଖୋଜୁଥିବା କହିଥିଲେ । ଏବେ ସେ ତାଙ୍କ ଚରିତ୍ରକୁ ନେଇ ଖୁସି ଥିବା ସହ ତାଙ୍କ ବାପା ମଧ୍ୟ ବେଶ୍ ଖୁସି ଥିବା ସେ କହିଛନ୍ତି । ଫିଲ୍ମରେ ୩ ଘଣ୍ଟାର ସମୟ ଥିବାବେଳେ ୱେବ୍ ସିରିଜ୍‌ରେ ତା'ଠାରୁ ଅଧିକ ସମୟ । ସେଥିପାଇଁ ଦର୍ଶକ ତାଙ୍କୁ ଦୀର୍ଘ ସମୟ ଧରି ଦେଖିବେ ବୋଲି ସେ କହିଛନ୍ତି । ସେ ତାଙ୍କ ଚରିତ୍ର ପାଇଁ ପୋଲିସ ୟୁନିଫର୍ମ ପିନ୍ଧି ପ୍ରଥମେ ତାଙ୍କ ବାପାଙ୍କୁ ଫଟୋ ପଠାଇଥିଲେ, ଯେଉଁଥିରେ ତାଙ୍କ ବାପା ବେଶ୍ ଖୁସି ହୋଇ ତାଙ୍କ ସ୍ୱପ୍ନ ପୂରଣ ହୋଇଥିବା କହିଥିଲେ ।

OFFICE OF THE SUPERINTENDING ENGINEER NAYAGARH IRRIGATION DIVISION, NAYAGARH

Expression of Interest CALL
NOTICE NO. 01 (NGR)/ 2023-24

No.A-107: Expression of Interest is invited from eligible Indian consulting agencies for Offering of rates for the items mentioned below for the work " Construction of west side road along with parikrama road of lord Nilamadhab temple at Kantilo of Nayagarh district"
Further details, if any, may be obtained from the Superintending Engineer, Nayagarh Irrigation Division, Nayagarh in the office of the Nayagarh Irrigation Division, Nayagarh, during office hours from 12.05.2023 to 22.05.2023

1. The interested agencies may submit their EoI and rate of the items through on-line from 12.05.2023 to 22.05.2023 before 05.00 PM in the official website www.tenderodisha.gov.in
2. The EoI shall be opened and downloaded on the next working i.e. on 23.05.2023 at 11.00 AM. The agencies shall submit the uploaded hard copy document through Speed Post/ Registered Post in the above address.
3. Any corrigendum/addendum/cancellation of EoI will be advertised in the above said website.
4. The authority reserves the right to reject any or all EoI without assigning any reason thereof.

Eligibility Criteria with Terms and Conditions :

(i) Agencies which have at least 05 years of experience in providing geotechnical, geotextile & geosynthetic service preferably with State Governments/Government of India/ CPSUs with valid Registration Certificate under Companies Act are eligible to apply. (Please provide self attested copies of the registration certificate).
(ii) The agency should have valid PAN and GST registration. (Please provide self attested copies of the PAN card and GST registration certificate)
(iii) Agencies which are black listed by any Department of State Governments/Govt. of India/ CPSUs/SPSUs will not be entertained. The bidders are requested to submit an undertaking that they have not been black listed by any of the above agencies.(No litigation certificate)
(iv) The agency should have completed at least 1(One) number of similar nature of projects in geotextile sector in the last five financial years i.e. FY 2018-19,FY 2019-20, FY 2020-21,FY 2021-22 and FY 2022-23.
v) The rate should be quoted in both figures and words.

Superintending Engineer
Nayagarh Irrigation Division, Nayagarh
OIPR-32303/11/0005/2324

NANDANKANAN
NANDANKANAN ZOOLOGICAL PARK
Notice No. 04 of 2023-24 **Date: 08.05.2023**
WALK IN INTERVIEW ON 15.05.2023

No. MM-23: Nandankanan Zoological Park requires qualified candidates with M.Sc. in Zoology/Wildlife Biology/ Life Sciences/Animal Biotechnology/Microbiology/ Forestry/Biodiversity Conservation/Biochemistry or allied subject from a recognized university for temporary engagement of **One Assistant Education Officer**. The Walk-in-Interview is scheduled on **15.05.2023 10.00 A.M.** at Conference Hall of Nandankanan Zoological Park. The application form along with detail terms and conditions shall be available on the website: **www.nandankanan.org** from 08.05.2023.

Sd./- Deputy Director
Nandankanan Zoological Park

NANDANKANAN
NANDANKANAN ZOOLOGICAL PARK
Notice No. 05 of 2023-24 **Date: 08.05.2023**
WALK IN INTERVIEW ON 15.05.2023

Nandankanan Zoological Park requires qualified candidates with M.Sc. in Zoology/Wildlife Biology/Life Sciences/Animal Biotechnology/Microbiology/Forestry/ Biodiversity Conservation/Biochemistry/Veterinary Science or allied subject from a recognized university for temporary engagement of **One Biological Data Manager**. The Walk-in-Interview is scheduled on **15.05.2023 10.00 A.M.** at Conference Hall of Nandankanan Zoological Park. The application form along with detail terms and conditions shall be available on the website: **www.nandankanan.org** from 08.05.2023.

Sd./- Deputy Director
Nandankanan Zoological Park

NANDANKANAN
NANDANKANAN ZOOLOGICAL PARK
Notice No. 06 of 2023-24 **Date: 08.05.2023**
WALK IN INTERVIEW ON 15.05.2023

Nandankanan Zoological Park requires qualified candidates with must have passed the +2 Science or equivalent under the Council of Higher Secondary Education Odisha or any other State. The candidate must have passed Diploma in Medical Laboratory Technology for temporary engagement of **One Laboratory Technician**. The Walk-in-Interview is scheduled on **15.05.2023 10.00 A.M.** at Conference Hall of Nandankanan Zoological Park. The application form along with detail terms and conditions shall be available on the website: **www.nandankanan.org** from 08.05.2023.

Sd./- Deputy Director
Nandankanan Zoological Park
OIPR-08070/11/0002/2324

OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

JAL 'O' PARIMAL BHAWAN, UNIT-V, BHUBANESWAR-751001, ODISHA
Tel.0674-2395734, Fax:0674-2394946, e-mail:cerwssodisha@gmail.com

NOTICE INVITING BIDS (NIB)
No.5213/ Date:09.05.2023

No.O-124: The Engineer-in-Chief, RWSS (Water Supply) Odisha, Bhubaneswar on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") in double cover system in ONLINE MODE & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 05 years.

Package No.	Name of Work	Bid Identification No.	Indicative project cost (Rs. in Crore)	Availability of Bid document for online Bidding	
				From	To
Pkg-I	Execution of Retrofitting of PWS from 40LPCD to 70 LPCD to Kakatpur and Adj. villages in Kakatpur & Katakana GPs. Under Kakatpur Block under Puri District including 05 years O & M.	EIC/RWSS/ 9/23-24	10.14	17.00 hrs. of 15.05.2023	17.00 hrs of 15.06.2023

Name & Address of Officer Inviting Bid: Engineer-in-Chief, RWSS Jal "O" Parimal Bhawan, Unit-V, Bhubaneswar, Ph:0674-2395734/0674-2531533, email:cerwssodisha@gmail.com
Further details can be seen from the e-procurement portal http://tendersodisha.gov.in.
OIPR-25003/11/0005/2324 **Sd./- Engineer-in-Chief, RWSS**

ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
OFFICE OF THE DIVISIONAL FOREST OFFICER BALASORE WILDLIFE DIVISION

At/PO: KURUDA, Dist: BALASORE, PIN - 756056, ODISHA
Control Room: +91 - 9437691870 e-mail: dfowl_bls@yahoo.co.in / dfo.balasorewl@odisha.gov.in

Advertisement Notice for Recruitment

No.MM-21:CVs in prescribed format are invited from the interested candidates for recruitment as

Sl.No.	Name of the Post	No. of Post	Consolidated Remuneration
1	Finance and Administrative Officer	01	Rs.40,000/-

The F&A Officer will be based at District Project Management Unit (DPMU), C/O- Divisional Forest Officer, Balasore Wildlife Division and will be responsible for implementation of Enhancing Climate Resilience of India's Coastal Communities (ECRICC) Project activities in the Landscape of Talsari under DFO, Balasore. The initial period of engagement will be 1 (one) year with renewable in nature upon satisfactory performance for a maximum of 3 years or the closure of the Project whichever is earlier. The detail ToRs, eligibility criteria, remuneration, application format etc. are available at www.baleswar.nic.in from 09th May 2023 till 24th May, 2023 (5 PM).
The signed copy of the CV along with necessary documents are to reach the C/O- Divisional Forest Officer, Balasore Wildlife Division, At / PO, Kuruda, Dist- Balasore, Pin:- 756056 latest by 5 PM of 24th May 2023 through Registered or Speed Post only. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing. The undersigned reserves the right to accept or reject any or all applications or to postpone the selection process without assigning any reason thereof.

Sd./- Divisional Forest Officer
Balasore Wildlife Division-cum-Nodal Officer
ECRICC Project, Balasore District
OIPR-08036/11/0001/2324

ଓଡ଼ିଶା ସରକାର
ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ତାରିଖ...../ ଅନୁଗୋଳ

ADSR No.105 **ଅଧିସୂଚନା** Dt.21.4.2023

No.XXIX-06: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଅନୁଗୋଳ-ଝୁବୁରି-ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ଖୋଲୁଆ ମୌଜାରେ ନିମ୍ନସୂଚିତ ତଫସିଲ ମତେ ପ୍ରାୟ ୦.୯୮୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଳପଥ ନିର୍ମାଣ ପ୍ରକଳ୍ପ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ବତଟ ରେଳପଥ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଧାରା ୮ (୨) ମୁତାବକ ପ୍ରକାଶିତ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଅନୁଗୋଳ/ତାଳଚେର ।
୬. ଜମିର ବିବରଣୀ:

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ଅନୁଗୋଳ	ତାଳଚେର	ଖୋଲୁଆ	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	୦.୯୮୦	ଏଥିସହିତ ସଂଲଗ୍ନ

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ..... ସଂରକ୍ଷିତ ସରକାରୀ ଜମି ପ୍ରତିବେଦକ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ
ଜିଲ୍ଲାପାଳ, ଅନୁଗୋଳ

ଭୂମି ଅନୁସୂଚୀ
ମୌଜା-ଖୋଲୁଆ,ତହସିଲ-ତାଳଚେର, ଥାନା-ତାଳଚେର, ଥାନା ନଂ.-୨୦୧, ଜିଲ୍ଲା-ଅନୁଗୋଳ, ଅନୁଗୋଳ ଠାରୁ ସୁକିନ୍ଦା ନୂତନ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ

ଖାତା ନଂ.	ସ୍ୱତ୍ୱ	ପ୍ଲଟ ନଂ.	କିସମ	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	ରୟତଙ୍କ ନାମ
୧୩୯	ରୟତି	୧୧୩୧	ଶାରଦ ଦୁଇ	୧.୬୪୦	୦.୦୪୦	ଶୁକଦେବ ମହାନ୍ତି, ପି:ଶମ୍ଭୁ ମହାନ୍ତି, ଜା:କ୍ଷେତ୍ରିୟ, ବା:ନିଜିଗାଁ
୧୫୬	ରୟତି	୧୭୮୮	ଶାରଦ ତିନି	୦.୩୬୦	୦.୧୦୦	ଶ୍ରୀରାଧାକୃଷ୍ଣ ଠାକୁର ମାର୍ଫତ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋର୍ଡ ରାଧାକାନ୍ତ ଠାକୁର, ଖୋଲୁଆ
୧୫୬	ରୟତି	୧୭୯୦	ଆଡି	୦.୨୦୦	୦.୦୪୦	ଶ୍ରୀରାଧାକୃଷ୍ଣ ଠାକୁର ମାର୍ଫତ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋର୍ଡ ରାଧାକାନ୍ତ ଠାକୁର, ଖୋଲୁଆ
୧୫୬	ରୟତି	୧୭୯୧	ଶାରଦ ଦୁଇ	୮.୭୫୦	୦.୭୫୦	ଶ୍ରୀରାଧାକୃଷ୍ଣ ଠାକୁର ମାର୍ଫତ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋର୍ଡ ରାଧାକାନ୍ତ ଠାକୁର, ଖୋଲୁଆ
୧୫୬	ରୟତି	୧୭୯୨	ଶାରଦ ଦୁଇ	୫.୨୪୦	୦.୦୫୦	ଶ୍ରୀରାଧାକୃଷ୍ଣ ଠାକୁର ମାର୍ଫତ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋର୍ଡ ରାଧାକାନ୍ତ ଠାକୁର, ଖୋଲୁଆ
			ମୋଟ		୦.୯୮୦	

ସ୍ୱା./-ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଅନୁଗୋଳ-ଝୁବୁରୀ-ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ
OIPR-24012/14/0004/2324

ଓଡ଼ିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର

ଘୋଷଣା

LAC No. 01/2022-139/2023 **Dated: 31.03.2023**

No. XXIV-06: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଦୟାଗୁଡ଼ା, ଥାନା: ପାପଡ଼ାହାଣ୍ଡି ନଂ. ୨୨, ତହସିଲ: ପାପଡ଼ାହାଣ୍ଡି, ଜିଲ୍ଲା: ନବରଙ୍ଗପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଡାବୁଗାଁ-ମଇଦଲପୁର ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୧ ତା୦୧।୧୦।୨୦୨୨ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଦୟାଗୁଡ଼ା, ଥାନା: ପାପଡ଼ାହାଣ୍ଡି ନଂ. ୨୨, ଜିଲ୍ଲା: ନବରଙ୍ଗପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହି ଘୋଷଣାନାମା ଜିଲ୍ଲା ୱେବସାଇଟ୍ **www.nabarangpur.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ନବରଙ୍ଗପୁର **ତହସିଲ: ପାପଡ଼ାହାଣ୍ଡି**

ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ଦୟାଗୁଡ଼ା	ଗ୍ରାମାଞ୍ଚଳ	୧୪/୭୫	୧୨୫	ଧାନ - ୨	୦.୦୭ ଏକର	୦.୦୭ ଏକର	ଲକ୍ଷ୍ମୀଧର ଭତରା, ପି.: ରାମସିଂ ଭତରା, ଜା: ଭତରା, ବା: ଦୟାଗୁଡ଼ା

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ନବରଙ୍ଗପୁର **ତହସିଲ: ପାପଡ଼ାହାଣ୍ଡି**

ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତର ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବୈଧ ତ

ଜନ୍ମଦିନର ଶୁଭେଚ୍ଛା

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନଗୁନ୍ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଖେଳ ଶିକ୍ଷକ ନିଲମ୍ବିତ

ମହାକାଳପଡ଼ା,୧୦।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଏକ ସ୍କୁଲର ଖେଳ ଶିକ୍ଷକଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଛି। ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ସହିତ ବିଭିନ୍ନ ଧମକ ଚକମ ଦେବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସମ୍ପୃକ୍ତ ଛାତ୍ରୀଙ୍କ ମାଆଙ୍କ ଅଭିଯୋଗକୁ ଭିତ୍ତି କରି ମହାକାଳପଡ଼ା ଥାନା ପୋଲିସ ଏକ ମାମଲା(ନଂ.୧୩୧/୨୩) ରୁଜୁ କରିଛି। ନ୍ୟାୟ ଦାବିରେ ଗ୍ରାମର ମହିଳା ଓ ପୀଡ଼ିତାଙ୍କ ପରିବାର ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଥିଲା । ଏହା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନିଲମ୍ବିତ କରାଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା କହିଛନ୍ତି। ଅନ୍ୟପକ୍ଷେ ଶିକ୍ଷକ ଜଣକ କୌଣସି ସ୍ଥାନରେ ଆତ୍ମଗୋପନ କରି ହାଇକୋର୍ଟରୁ ଆଗୁଆ ଜାମିନ ଆଣିବା ପାଇଁ ଉଦ୍ୟମ ଚଳାଇ ଥିବା ଏଠାରେ ଚର୍ଚ୍ଚା ଜୋର ଧରିଛି।

୮ ଟ୍ରାକ୍ଟରରୁ ୧ ଲକ୍ଷ ୩୦ ହଜାର ଜରିମାନା ଆଦାୟ

ଧର୍ମଶାଳା,୧୦।୫(ଡି.ଏନ.ଏ.):

ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ବେଆଇନ କଳାପଥର ଖାଦାନରୁ ଜବତ ହୋଇଥିବା ୮ ଟ୍ରାକ୍ଟରରୁ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅଞ୍ଜିରା କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ଖବର ମିଳିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବଳରାମପୁର-୧ ଆର୍‌ଆଇ ଚନ୍ଦନ କୁମାର ସାହୁ ଗତ ସୋମବାର ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ପରିବହନ କରୁଥିବା ଓଆର-୦୪-ଏଫ-୮୮୭୮, ଓଆର୍ ୦୪-ଜେ-୭୩୩୦, ଓଆର୍-୨୧- ୨୨୪୦, ଓଆର୍-୦୫-ଭି- ୭୮୩୦, ଓଆର-୦୪-ଜେ-୬୯୭୩, ଓଆର୍-୦୪-କେ-୩୫୩୩ ଓ ନମ୍ବର ବିହୀନ ଅନ୍ୟ ୨ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଚଢ଼ାଉ ସମୟରେ ଟ୍ରାକ୍ଟର ଡ୍ରାଇଭରମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଜରିମାନା ଆଦାୟ କରାଯାଇ ଗାଡ଼ିଗୁଡିକ ଛାଡ଼ି ଦିଆଯିବା ସହ ପୁନର୍ବାର ବେଆଇନ ପରିବହନ ନ କରିବା ପାଇଁ ସମ୍ପୃକ୍ତ ମାଲିକମାନେ ଚୁକ୍ତିନାମା କରିଛନ୍ତି।

ତାଳଦଣ୍ଡା କେନାଲ ପାଣି ପିଇବା, ଗାଧୋଇବାକୁ ଅନୁପଯୁକ୍ତ

- ଖୋଲା ସ୍ନାନ ଶୌଚ, ବର୍ଜ୍ୟ ଯୋଗୁ ପ୍ରଦୂଷିତ ହେଉଛି
- ପାରାଦୀପ ବାସିନ୍ଦା ଜଳାଭାବ ଯୋଗୁ ବାଧ୍ୟହୋଇ ବ୍ୟବହାର କରୁଛନ୍ତି
- ଅଜାଣତରେ ବଢୁଛି ସ୍ୱାସ୍ଥ୍ୟ ସମସ୍ୟା

ତାଳଦଣ୍ଡା କେନାଲରେ ପ୍ରଦୂଷିତ ପାଣି।

ପାରାଦୀପ,୧୦।୫(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଶିଳ୍ପଭିତ୍ତିକ ସହରାଞ୍ଚଳ ପାଇଁ ତାଳଦଣ୍ଡା କେନାଲ ହେଉଛି ଜୀବନରେଖା। କାରଣ ସବୁ ଶିଳ୍ପସଂସ୍ଥା, ପାରାଦୀପ ବନ୍ଦର ଏବଂ ସହରାଞ୍ଚଳବାସୀ ତାଳଦଣ୍ଡା କେନାଲ ପାଣି ଉପରେ ନିର୍ଭରଶୀଳ। ଏହାବାଦ୍ ଜଗତ୍‌ସିଂହପୁର ଜିଲାର ବହୁ ଗ୍ରାମାଞ୍ଚଳ ବାସିନ୍ଦା ମଧ୍ୟ ଏହି କେନାଲ ପାଣି ବ୍ୟବହାର କରିଥା'ନ୍ତି। ସମ୍ପ୍ରତି ଉକ୍ତ କେନାଲରେ ଏବେ ଜଳସଙ୍କଟ ଲାଗି ରହିଛି। କାରଣ ମହାନଦୀରେ ପାଣି ନ ଥିବାରୁ ଆବଶ୍ୟକ ମୁତାବକ ପାଣି କଟକ ଯୋବ୍ରା ଆନିକଟରୁ ଯୋଗାଣ ହୋଇ ପାରୁନାହିଁ ବୋଲି ସରକାରୀ ଭାବେ କୁହାଯାଇଛି। ଜଳାଭାବ ସହ ଆଉ ଗୋଟିଏ ସମସ୍ୟା ଏହି ତାଳଦଣ୍ଡା କେନାଲ ପାଣିରେ ଦେଖାଦେଇଛି। ଯଥା ଉକ୍ତ ପାଣି ପ୍ରଦୂଷିତ ହୋଇଗଲାଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରତିବର୍ଷ ତାଳଦଣ୍ଡା କେନାଲର ପାଣି ପରୀକ୍ଷା କରାଯାଇଥାଏ। ତା'ର ରିପୋର୍ଟ ବୋର୍ଡର ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି। ସେହି ରିପୋର୍ଟ ମୁତାବକ, ଉକ୍ତ କେନାଲ ପାଣିରେ ଟିସି (ଟୋଟାଲ କେମିକାଲ) ଓ ଏଫ୍‌ସି (ଫେକାଲ କେମିକାଲ) ମାତ୍ରା ଅଧିକ ରହୁଛି। ଟିସି ଓ ଏଫ୍‌ସି ସମ୍ପର୍କରେ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କୁ ପଚାରିବାରେ କେନାଲ ପାଣିରେ ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ମିଶିଲେ ତାହା ପ୍ରଦୂଷିତ ହୋଇଥାଏ। ଏହାବାଦ୍ ପାଣିରେ ସ୍ନାନ, ଶୌଚ କରିବା ଦ୍ୱାରା ଏଫ୍‌ସି ବୃଦ୍ଧି ପାଇଥାଏ। ଏହି ଟିସି ଓ ଏଫ୍‌ସି ଅଧିକ ରହିଲେ ଚର୍ମରୋଗ ହେବାର ସମ୍ଭାବନା ଅଛି। ଏତଦ୍ ବ୍ୟତୀତ ଉକ୍ତ କେନାଲର ଅଧିକାଂଶ ସ୍ଥାନରେ ଲୋକମାନେ ଗୃହପାଳିତ ପ୍ରାଣୀ ଗାଈ, ମଇଁଷି, ମେଣ୍ଢା, ଛେଳି, କୁକୁର ଆଦିକୁ ଗାଧୋଇ ଦେଇଥାନ୍ତି। ତାହା ମଧ୍ୟ ହେବାକଥା ନୁହେଁ। କେନାଲ କଡ଼ରେ ଅନେକ ସ୍ଥାନରେ ଗାଡ଼ି ସର୍ଭିସିଂ ସେଣ୍ଟର ଅଛି। ଗାଡ଼ି ଧୁଆରୁ ଉଦ୍‌ବୃତ୍ତ ତୈଳାକ୍ତ ପାଣି ମଧ୍ୟ ମଣିଷ ଶରୀର ପାଇଁ କ୍ଷତିକାରକ, ଯାହା ଏହି କେନାଲରେ ଅଧିକ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଦୂଷଣ ବୋର୍ଡ ୨୦୨୨ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ତାଳଦଣ୍ଡା କେନାଲର ୬ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସେହି ୬ଟି ସ୍ଥାନ ହେଲା କଟକ ଯୋବ୍ରା, ରାଣୀହାଟ, ଛତ୍ରବଜାର, ନୂଆବଜାର, ବିରିବାଟୀ ଓ ପାରାଦୀପର ଅଠରବାଙ୍କୀ। ଅନେକ ବୈଷୟିକ ତଥ୍ୟ ଉକ୍ତ ରିପୋର୍ଟରେ ରହିଛି। କେନାଲକୁ ନିୟମିତ ସଫା କରିବା ସହ ଏଥିରେ ଯେପରି ବର୍ଜ୍ୟବସ୍ତୁ ନ ମିଶିବ, ସେଭଳି ବ୍ୟବସ୍ଥା ହେବା ଦରକାର ବୋଲି ପରିବେଶବିତ୍ ଅମରେଶ ନରେଶ ସାମନ୍ତ କହିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ କେନାଲକୁ ଏବେ ନବୀକରଣ କରାଯାଉଛି। କାମ ସମ୍ପୂର୍ଣ୍ଣ ହୋଇଗଲେ ସ୍ୱଚ୍ଛତା ଆସିଯିବ। ଖାଲି ତାଳଦଣ୍ଡା କେନାଲ ନୁହେଁ, ରାଜ୍ୟର ଅଧିକାଂଶ ନଦୀର ପାଣି ପ୍ରଦୂଷିତ ବୋଲି ବୋର୍ଡ ରିପୋର୍ଟରେ ଦର୍ଶାଯାଇଛି।

ମା'ପଞ୍ଚୁବରାହୀ ମନ୍ଦିର ହେବ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀ

- ସ୍ଥିତି ଅନୁଧ୍ୟାନ କଲେ ବିଭାଗୀୟ ଟିମ୍
- ୨୨ କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର

ଟିମ୍‌ର ଇଞ୍ଜିନିୟରମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ରାଜନଗର,୧୦।୫(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କେ. ପାଣ୍ଡିୟାନ ଏପ୍ରିଲ ୨୮ ତାରିଖରେ ରାଜନଗରକୁ ଗସ୍ତ କରିଥିଲେ। ଏହି ଅବସରରେ ସାତଭାୟାବାସୀଙ୍କ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀ ପରିଦର୍ଶନ କରିଥିଲେ। ଏହି ସମୟରେ ୬୦୦ ବର୍ଷର ମା'ପଞ୍ଚୁବରାହୀ ଠାକୁରାଣୀ ମନ୍ଦିର ପରିଦର୍ଶନ କରିବା ସହିତ ଏହାକୁ ଶ୍ରେଷ୍ଠ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୨ କୋଟି ୫୨ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ୫-ଟି ସଚିବ ପାଣ୍ଡିୟାନଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଏସ୍ ଆଣ୍ଡ ଜେ କମ୍ପାନୀର ଇଞ୍ଜିନିୟର ପ୍ରଭାକର ସାହୁ ବଗପାଟିଆରେ ପହଞ୍ଚି ମା'ପଞ୍ଚୁବାରାହୀ ମନ୍ଦିର ପରିଦର୍ଶନ କରିବା ସହିତ ଏହାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦେଶ ବିଦେଶ ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିବା ପାଇଁ ମା'ପଞ୍ଚୁବରାହୀ ପ୍ରବେଶ ପଥ ଗୁପ୍ତି ଏବଂ ମନ୍ଦିର ସମ୍ମୁଖରେ ଉତ୍କଳୀୟ ନୌବାଣିଜ୍ୟ ସ୍ମୃତି ବହନ କରୁଥିବା ସ୍ମାରକୀ ସଦୃଶ ତୋରଣ ନିର୍ମାଣ କରାଯିବ। ଏଥିସହିତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପାଇଁ ଭକ୍ତ ନିବାସ, ମା'ଙ୍କ ସେବାରେ ନିୟୋଜିତ ସେବକଙ୍କ ପାଇଁ ସେବାୟତ ନିବାସ, କଲ୍ୟାଣ ମଣ୍ଡପ, ଆଦର୍ଶ ପୁଷ୍କରିଣୀ, ସୂଚନା କେନ୍ଦ୍ର, ପ୍ରମୋଦ ଉଦ୍ୟାନ, ପିକନିକ ସ୍ପୋର୍ଟ, ଖେଳପଡିଆ ସମେତ ମନ୍ଦିର ପାର୍ଶ୍ୱରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଅବବାହିକାରେ ସବୁଜ ବଳୟ ସୃଷ୍ଟି କରାଯିବ। ଏହି ପରିଦର୍ଶନ ସମୟରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଅତିରିକ୍ତ ତହସିଲଦାର ସାଓନ କୁମାର ଭୋଳ, ରାଜସ୍ୱ କ୍ଷେତ୍ର ପରିଦର୍ଶକ ବୈଷ୍ଣବ ଚରଣ ଦିବେଦୀ, ରାଜସ୍ୱ ନିରୀକ୍ଷକ, ଗୁପ୍ତି ବିଜୟ କୁମାର ଜେନା, ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା, ମା'ପଞ୍ଚୁବାରାହୀ ମନ୍ଦିର ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଜଳବାୟୁ ପରିବର୍ତ୍ତନ ପ୍ରଥମ ଥଇଥାନ ସ୍ଥଳୀଭାବେ ବଗପାଟିଆ ସମଗ୍ର ଦେଶରେ ନୂତନ ପରିଚୟ ସୃଷ୍ଟି କରିବାକୁ ଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶୋକ

@ ବିମଳ

@ ଗୁରୁ କ୍ରୀଷ୍ଣା

@ ରେଖାରାଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637208016, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ୍‌ଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

Classified Everyday
0674-2580101, 2549949

REAL ESTATE
SALE

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

GENERAL
SALE

ଶାଢ଼ି ୧୫୦ ଖଣ୍ଡ ୮୦୦ରୁ ୨୦୦୦ଟଙ୍କା ମଧ୍ୟରେ ପ୍ରତ୍ୟେକ ୪୦୦ଟଙ୍କାରେ ଦିଆଯିବ। 9090057547. D-74704

Your classified advertisement published in Dharitri will be listed free in Dharitri online edition: dharitriepaper.in

Healthcare

Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage best Therapist Gents & ladies @799/- Bhubaneswar. Kajal- 9337672475. D-0260

Relax, Refresh your body, Mind at Saikrupa Spa with best therapies. 8984068077. D-0282

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

LOST

MISSING DOCUMENT Important Document Trust Deed Affiliation paper of Maharaja Polytechnic was missing in between Barabhuja Complex (Khandagiri) to Gamei, Gangapada while travelling by bike. If someone found above the document kindly request to contact: Prof. Gagan Kumar Sahoo, Principal, Maharaja Polytechnic, Contact No.: 9861464114. D-0322

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହରିପ୍ରିୟା ମହାନ୍ତି
QRS. No.- IVR-PF-19, Unit-6, Bhubaneswar
ଆବିର୍ଭାବ: ଅଗଷ୍ଟ, ୧୯୪୬
ତିରୋଧାନ: ୨୦।୦୫।୨୦୧୪
ଆଜିର ପୁଣ୍ୟ ତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୩୨୦

ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି

✓ନକୁଳ ସାହୁ
ବ୍ଲକ୍ ଛକ, ସାକ୍ଷୀଗୋପାଳ
ଆବିର୍ଭାବ- ୧୯।୦୫।୧୯୫୮
ତିରୋଧାନ- ୦୧।୦୫।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରାମର୍ଶ ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ ଭାନୁମତୀ ସାହୁ, ଭ୍ରାତା- ସୁବଳ, ଭରତ, ପୁତ୍ର- ଦାଶରଥି, କୁନା, ନବିନା, ଚନ୍ଦ୍ରଧର, କନ୍ୟା- ଝିଲି, ମିଲି, ସିଲି, ରୁଲି, ପୁତ୍ରବଧୂ, ଜାମାତା, ନାତିନାତୁଣୀ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୬୬୬୫୬

ଶ୍ରଦ୍ଧାଞ୍ଜଳି

✓ ବିଦ୍ୟୁତ୍‌ଲତା ବହିଦାର
ସ୍ୱାମୀ: ✓ ଦୁର୍ଗା ପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
୧୯୧୯ - ୨୦୧୪
ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୪୫୪୧

ଜନ୍ମଦିନର ଶୁଭେଚ୍ଛା

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଦଶପଲ୍ଲା,୧୦।୫(ଡି.ଏନ.ଏ.)

ମଙ୍ଗଳବାର ବିଳମ୍ବିତ ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଟାକରା ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଟାକରା ଅଞ୍ଚଳର ଉମା ଚରଣ ବେହେରା (୭୦) । ସେ ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଦଶପଲ୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଚିନ୍ତା ନାହିଁ

ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.)

ମହାନଦୀରେ ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ଗାଧୋଉଛନ୍ତି ।

- ମହାନଦୀରେ ସ୍ନାନ ବେଳେ ଘଟୁଛି ଅଘଟଣ
- ସତର୍କ ସୂଚନା ନାହିଁ, ଜିଲା ପ୍ରଶାସନ ନୀରବ

ମହାନଦୀ ତଟରେ ନୟାଗଡ଼ ଜିଲାର ଏକାଧିକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ରହିଛି। ବିଶେଷ କରି କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସିଧମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର ଓ ଭାପୁର ବ୍ଲକ ଅଧୀନ ପଦ୍ମାବତୀ ନିକଟ ହନୁମନ୍ତପ୍ରସାଦସ୍ଥିତ ପ୍ରଭୁ ଶ୍ରୀରାମାଶ୍ରମ ରହିଛି । ଏ ସମସ୍ତ ପର୍ଯ୍ୟଟନସ୍ଥଳୀ ମହାନଦୀ କୂଳ ପାହାଡ଼ ଉପରେ ଠିଆ ହୋଇଛି । ଅନ୍ୟପକ୍ଷେ କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଲୋକମାନେ ନୀଳମାଧବଙ୍କ ଦର୍ଶନ କରିବା ସହିତ ଆଖପାଖ ପର୍ଯ୍ୟଟନସ୍ଥଳୀ ବୁଲି ଥାଆନ୍ତି । ସେଥିପାଇଁ ବର୍ଷ ସାରା ପର୍ଯ୍ୟଟକମାନଙ୍କ ଭିଡ଼ ଜମିଥାଏ । ବିଶେଷ କରି ବର୍ଷର ପ୍ରାୟ ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ନୀଳମାଧବ ଓ ଗୋକୁଳାନନ୍ଦଙ୍କ ପୀଠକୁ ଆସିଥାଆନ୍ତି । ଅଧିକାଂଶ ସମୟରେ ନିକଟସ୍ଥ ମହାନଦୀରେ ସ୍ନାନ ଶୌଚାଦି କରୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ କେତେଜଣ ଅସାବଧାନତା ଯୋଗୁ ନଦୀର ପ୍ରଖରସ୍ରୋତରେ ଭାସିଯାଇ ଅକାଳରେ ପ୍ରାଣ ହରାଇଥାଆନ୍ତି । ଏପରି ଦୁଃଖଦ ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରାୟ ପ୍ରତିବର୍ଷ ମହାନଦୀରେ ଏମିତି ଦୁଃଖଦ ଘଟଣା ଘଟିଥାଏ । ତଥାପି ଏଦିଗରେ ପ୍ରଶାସନ ଚେତୁ ନ ଥିବା ଅଭିଯୋଗହୋଇଛି ।

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ନିକଟ ମହାନଦୀ କୂଳରେ ଗୋକୁଳାନନ୍ଦଜୀଉ ପୀଠ ଅବସ୍ଥିତ। ଉକ୍ତ ପୀଠ ନୟାଗଡ଼ ଓ କଟକ ଜିଲା ସୀମାନ୍ତ ସିଧାମୂଳା ପଞ୍ଚାୟତର ମହାନଦୀ ତଟବର୍ତ୍ତୀ ମଧୁକର୍ଣ୍ଣିକା ପାହାଡ ଉପରେ ରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ତଥା ସେମାନଙ୍କ ରହଣି ପାଇଁ ବନ ବିଭାଗ ପକ୍ଷରୁ ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟୟରେ ପାହାଡ଼ ଉପରେ ଏକ ମହାନଦୀ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ମହୁକୋଣ ପାହାଡ଼ ଉପର ପାର୍ଶ୍ୱ ଏହି ବିସ୍ତୃତ ସ୍ଥାନରେ ପର୍ଯ୍ୟଟକମାନଙ୍କ ରହଣି ତଥା ରାତ୍ରୀ ଯାପନ ପାଇଁ ୨ କଟେଜ୍ ଓ ଅନ୍ୟାନ୍ୟ ଗୃହ ନିର୍ମାଣ କରାଯାଇଛି। ଏପରି ପରିବେଶ ଦୃଷ୍ଟିରୁ ଏଠାରେ ରାତ୍ରୀ ରହଣି, ସିନେମା ସୁଟିଂ, ଠାକୁର ଦର୍ଶନ, ବିବାହ ଓ ବଣ ଭୋଜି କରିବା ପାଇଁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଯାନବାହନରେ ହଜାର ହଜାର ପର୍ଯ୍ୟଟକ ଉକ୍ତ ପୀଠକୁ ଆସିଥାନ୍ତି । ଏହାଛଡା କଣ୍ଟିଲୋ ଆସି କଂସା ପିତଳ ବାସନ କ୍ରୟ କରିବା ସହିତ ଶ୍ରୀ ନୀଳମାଧବଙ୍କ ଦର୍ଶନ କରିଥାଆନ୍ତି।

ସେହିପରି ହନୁମନ୍ତପ୍ରସାଦ ରାମାଶ୍ରମରେ ବି ପର୍ଯ୍ୟଟକମାନଙ୍କ ଭିଡ଼ ଜମିଥାଏ । ଏହି ପୀଠଗୁଡ଼ିକ ମହାନଦୀ ତଟଦେଶରେ ଅବସ୍ଥିତ ହୋଇଥିବାରୁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସୁଥିବା ଛାତ୍ରୀଛାତ୍ରମାନେ ଏପରି ପ୍ରାକୃତିକ ମନଲୋଭା ପରିବେଶରେ ମହାନଦୀରେ ସ୍ନାନ କରିବାର ଲୋଭ ସମ୍ବରଣ କରି ପାରି ନ ଥାଆନ୍ତି । ହେଲେ ମହାନଦୀର ନୀଳ ଜଳରାଶିର ସ୍ଥିତି ଓ ଏହାର ଗଭୀରତା ସମ୍ପର୍କରେ ସେମାନେ ନ ଜାଣି ସ୍ନାନ କରିଥାନ୍ତି । ପୁରୀ ସମୁଦ୍ର ବେଳାଭୂମିରେ ସ୍ନାନ କରିବା ଭଳି ଏଠାରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ସ୍ନାନ କରିଥାଆନ୍ତି। ହେଲେ ସ୍ନାନ କରିବାର ମଜା ଉଠାଉ ଥିବା ବେଳେ ଅଧିକାଂଶ ନଦୀର ଗଭୀର ସ୍ରୋତରେ ଭାସି ଯାଇ ପ୍ରାଣ ହରାଉଥିବା ନଜିର ରହିଛି।

ସୂଚନାଯୋଗ୍ୟ, ପ୍ରତିବର୍ଷ ୨ରୁ ୩ଜଣ ପର୍ଯ୍ୟଟକ କିମ୍ବା ଛାତ୍ରୀଛାତ୍ର ନଦୀରେ ବୁଡ଼ି ପ୍ରାଣ ହରାଇଥାଆନ୍ତି । ଏପରି ଅଘଟଣ ବାରମ୍ବାର ଘଟୁଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ନୀରବ ଦ୍ରଷ୍ଟା ସାଜିଛି । ସତର୍କତା ଅବଲମ୍ବନ ପାଇଁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ସୂଚନା ଫଳକ ଅଦ୍ୟାବଧି ଲଗାଯାଇନାହିଁ । ୨୦୨୨ ଡ଼ିସେମ୍ବର ୨୮ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଜୟନଗର ପଞ୍ଚାୟତ ଶଙ୍ଖପଦା ଗ୍ରାମର ସରୋଜ କୁମାର ଦାସ କଣ୍ଟିଲୋ ଅଞ୍ଚଳକୁ ବୁଲି ଆସି ମହାନଦୀ ଘାଟରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଏହି ଘଟଣାର ୩ ମାସ ପରେ ମହାନଦୀ ଘାଟରେ ଗାଧୋଉଥିବା ବେଳେ କଣ୍ଟିଲୋ ଅଞ୍ଚଳର ବୃଦ୍ଧ ସାରଙ୍ଗଧର ସାହୁଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାଛଡା ମହାନଦୀର ଉପରମୁଣ୍ଡ ସାତକୋଶିଆ ଗଣ୍ଡରୁ ବିଭିନ୍ନ ସମୟରେ କୁମ୍ଭୀରମାନ ମହାନଦୀର ତଳିଆ ଅଞ୍ଚଳକୁ ଆସି ବିପଦ ସୃଷ୍ଟି କରିଥାନ୍ତି । ଅପରପକ୍ଷେ ଶ୍ରାବଣ ମାସରେ ମହାନଦୀରେ ବନ୍ୟା ସୃଷ୍ଟି ସମୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବହୁ କାଉଡିଆ ମହାନଦୀ ଘାଟରୁ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯାଇଥାଆନ୍ତି। ମହାନଦୀର ପ୍ରଖର ସ୍ରୋତରେ ଏକାଧିକ କାଉଡ଼ିଆ ଭାସିଯାଇଥିବାରୁ ନଜିର ରହିଛି। ଜିଲା ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ କଣ୍ଟିଲୋ ଅଞ୍ଚଳବାସୀ ଦାବି କରିଛନ୍ତି ।

ଉଚ୍ଚାରଣ,ଆଚରଣରେ ପରିବର୍ତ୍ତନ କରିବାକୁ ପ୍ରଧାନ ଶିକ୍ଷକଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା,୧୦।୫ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଯୋଧ୍ୟା ନାଥ ନାୟକ ୨୦୧୭ ନଭେମ୍ବରରେ ଜଣେ ଓକିଲଙ୍କୁ ଅସଦାଚରଣ କରି ମାମଲାରେ ଛନ୍ଦି ହୋଇ ପଡିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ କୋର୍ଟ ଉଚ୍ଚାରଣ ଓ ଆଚରଣରେ ପରିବର୍ତ୍ତନ ସହ ଭବିଷ୍ୟତରେ ଶାନ୍ତିପୂର୍ଣ୍ଣ ଭାବେ ଜୀବନ ଯାପନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଜମିବାଡ଼ିକୁ କେନ୍ଦ୍ର କରି ଜଣେ ଓକିଲଙ୍କ ସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ପାଟିତୁଣ୍ଡ ହୋଇ ମନାନ୍ତର ସୃଷ୍ଟି ହୋଇଥିଲା। ଓକିଲ ଜଣକ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଦାଲତର ଦ୍ୱାରସ୍ଥ ହେବା ପରେ ଏକ ମାମଲା ରୁଜୁ ହୋଇଥିଲା। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଉପରୋକ୍ତ ମାମଲାର ବିଚାର କରି ପ୍ରଧାନଶିକ୍ଷକଙ୍କୁ ତାଗିଦା କରିବା ସହ ଭବିଷ୍ୟତରେ ଏଭଳି ଭୁଲ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଅଶୋକ

@ ବିମଳ

@ ଗୁରୁ କ୍ରୀଷ୍ଣା

@ ରେଖାରାଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 9637208016, 7894447167, 9338229625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ୍‌ଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

Classified Everyday
0674-2580101, 2549949

REAL ESTATE

SALE

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

GENERAL

SALE

ଶାଢ଼ି ୧୫୦ ଖଣ୍ଡ ୮୦୦ରୁ ୨୦୦୦ଟଙ୍କା ମଧ୍ୟରେ ପ୍ରତ୍ୟେକ ୪୦୦ଟଙ୍କାରେ ଦିଆଯିବ। 9090057547. D-74704

Your classified advertisement published in Dharitri will be listed free in Dharitri online edition: dharitriepaper.in

Healthcare

Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage best Therapist Gents & ladies @799/- Bhubaneswar. Kajal- 9337672475. D-0260

Relax, Refresh your body, Mind at Saikrupa Spa with best therapies. 8984068077. D-0282

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

LOST

MISSING DOCUMENT Important Document Trust Deed Affiliation paper of Maharaja Polytechnic was missing in between Barabhuja Complex (Khandagiri) to Gamei, Gangapada while travelling by bike. If someone found above the document kindly request to contact: Prof. Gagan Kumar Sahoo, Principal, Maharaja Polytechnic, Contact No.: 9861464114. D-0322

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହରିପ୍ରିୟା ମହାନ୍ତି
QRS. No.- IVR-PF-19, Unit-6, Bhubaneswar
ଆବିର୍ଭାବ: ଅଗଷ୍ଟ, ୧୯୪୬
ତିରୋଧାନ: ୨୦।୦୫।୨୦୧୪
ଆଜିର ପୁଣ୍ୟ ତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୩୨୦

ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି

ୱ ନକୁଳ ସାହୁ
ବ୍ଲକ୍ ଛକ, ସାକ୍ଷୀଗୋପାଳ
ଆବିର୍ଭାବ- ୧୯।୦୫।୧୯୫୮
ତିରୋଧାନ- ୦୧।୦୫।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରାମର୍ଶ ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ ଭାନୁମତୀ ସାହୁ, ଭ୍ରାତା- ସୁବଳ, ଭରତ, ପୁତ୍ର- ଦାଶରଥି, କୁନା, ନବିନା, ଚନ୍ଦ୍ରଧର, କନ୍ୟା- ଝିଲି, ମିଲି, ସିଲି, ରୁଲି, ପୁତ୍ରବଧୂ, ଜାମାତା, ନାତିନାତୁଣୀ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୬୭୬୫୬

ଶ୍ରଦ୍ଧାଞ୍ଜଳି

ୱ ବିଦ୍ୟୁତ୍‌ଲତା ବହିଦାର
ସ୍ୱାମୀ: ୱ ଦୁର୍ଗା ପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
୧୯୧୯ - ୨୦୧୪
ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୪୫୪୧

କଷ୍ଟ୍ୟୁମ ପାଇଁ...

ଜାହ୍ନବୀ କପୁର ଏବେ ମାଲେସିଆ ଯାଇଛନ୍ତି। କାହିଁକି ଜାଣନ୍ତି ? ମାଇଣ୍ଡ ଫ୍ରେଶ୍ କରିବାକୁ। ହେଲେ ନିକଟରେ ସେ ସାଇନ୍ କରିଥିବା ଏକ ଅନଟାଇଟଲ୍ଡ ଫିଲ୍ମ ଲାଗି ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଅସଲ କଥା ହେଲା, ଏଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ହେଲେ ତା' ଲାଗି କଷ୍ଟ୍ୟୁମ ଚୟନ ସମୟରେ ଅଡୁଆରେ ପଡ଼ିଛନ୍ତି ଶ୍ରୀଦେବୀ ତନୟା। ଏ ବିଷୟରେ ସେ କହନ୍ତି, 'ଏହି ଫିଲ୍ମରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେ ନେଇ ମୋର ଆପତ୍ତି ନାହିଁ। କାରଣ ପୂର୍ବରୁ ଏକଥାକୁ ନେଇ ପ୍ରଯୋଜକଙ୍କ ସହ ବିଶଦ ଭାବରେ ଆଲୋଚନା କରିଛି। ହେଲେ ଏହାର କଷ୍ଟ୍ୟୁମ ନେଇ ମୋ ଟେନ୍‌ସନ ବଢ଼ିଯାଇଛି। ଏହାକୁ ଚେଞ୍ଜ କରିବାକୁ ମୁଁ ପ୍ରଯୋଜନା ସଂସ୍ଥାକୁ କହିଛି। ହେଲେ ଏ ନେଇ କିଛିଦିନ ଅଧିକ ସମୟ ଲାଗିବ ବୋଲି ପ୍ରଯୋଜକ କହିଛନ୍ତି। କାହାଣୀରେ ଲଭ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ରହିଛି। କିନ୍ତୁ କାହାଣୀ ଅନୁସାରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। କଷ୍ଟ୍ୟୁମକୁ ନେଇ ଯେଉଁ ସମସ୍ୟା ରହିଛି ତାହା ସମାଧାନ ହୋଇଯିବ ବୋଲି ଆଶା ରଖିଛି।' ତେବେ ଏହି ଫିଲ୍ମରେ ଜାହ୍ନବୀଙ୍କ ବୋଲ୍ଡ ଅବତାର ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

ଜାହ୍ନବୀ

ବାଣୀ

ଭୁଲିବେ ନାହିଁ ବାଣୀ

ବାଣୀ କପୁର ଏବେ ଗୋଟିଏ ଜିନିଷ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି। ତାହା ହେଲା ଗିଫ୍ଟ। ହେଲେ ଏହା ପଛରେ ଏମିତି କ'ଣ ଅଛି ଯେ, ତାହାକୁ ନେଇ ସେ ଏତେ ଉତ୍ସାହିତ ଅଛନ୍ତି ? କଥା କ'ଣ କି ନିକଟରେ ଶଫିଂ କରିବା ସମୟରେ ବାଣୀ ଯାହା ଦେଖିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ମଲ୍ ଭିତରେ ସେ ତାଙ୍କର ସ୍କୁଲ ସମୟର ସାଥୀଙ୍କୁ ଦେଖିଥିଲେ। ବାସ୍, ତା'ପରେ ସେ ଆଉ ଶଫିଂ କରିବେ କ'ଣ ଦୁହେଁ କଫି ପବ୍‌ରେ ଯାଇ ବସିଲେ। ଆଉ ସେଠାରେ ଢେଙ୍କାନାଳରୁ ଡିଙ୍କିଶାଳ ଯାଏ ଗପ ଆରମ୍ଭ ହୋଇଯାଇଥିଲା। ଏ ନେଇ ବାଣୀ କହନ୍ତି, 'ମୋର ଏହି ସାଙ୍ଗକୁ ଯେତେବେଳେ ଦେଖିଲି ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ସେ ଗତ କିଛିବର୍ଷ ହେବ ବିଦେଶରେ ରହୁଥିଲା। ହେଲେ ମୋତେ ନ ଜଣାଇ ସେ ମୁମ୍ବାଇ ଆସିଥିଲା। ସଂଯୋଗ ବଶତଃ ସେଠାରେ ଦୁହିଁଙ୍କର ଦେଖା ହୋଇଥିଲା। ଆଉ ତା'ପରେ ମୁଁ ଶଫିଂ କରିବି କ'ଣ, ସିଧା କଫି ପବ୍‌କୁ ଯାଇଥିଲୁ। ଫେରିବା ସମୟରେ ସେ ମୋତେ ଏକ ଗିଫ୍ଟ ଦେଇଥିଲା। ଘରକୁ ଯାଇ ତାହାକୁ ଖୋଲିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାରଣ ତାହା ଥିଲା ଏକ ଦାମୀ ଭ୍ୟାନିଟି। ଏଭଳି ଗିଫ୍ଟ ମୋ ପାଇଁ ସ୍ପେଶାଲ ହୋଇ ରହିବ।' ବାଣୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରୁ। ଫିଲ୍ମଟି ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ତା'ପରେ ସେ 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ', 'ଚଣ୍ଡିଗଡ କରେ ଆସୀକ' ଏବଂ 'ସମସେରା' ଫିଲ୍ମରେ ଅଭିନୟ କରିସାରିଛନ୍ତି।

ଯାହାକୁ ଡରୁଥିଲେ ମୃଣାଳ

ମୃଣାଳ ଠାକୁର ଯାହାକୁ ଡରୁଥିଲେ, ତାହା ଯେ ଦିନେ କରିବାକୁ ପଡିବ–ଏକଥା କେବେ ଭାବି ନ ଥିଲେ। ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ସାଇନ୍ କରିଛନ୍ତି। ହେଲେ ଏଥିରେ ଏକ ଦୃଶ୍ୟରେ ତାଙ୍କୁ ଘୋଡା ଚଢ଼ିବାକୁ ପଡ଼ିବ। ତେଣୁ ଏହାକୁ ନେଇ ସେ ଚିନ୍ତାରେ ପଡିଛନ୍ତି। 'ସତ କଥା ହେଲା, ଘୋଡ଼ା ଚଢ଼ିବାକୁ ମୋତେ ଡର ଲାଗେ। ହେଲେ ଏହି ଫିଲ୍ମରେ ମୋତେ ୩–୪ଥର ଘୋଡ଼ା ଚଢ଼ିବାକୁ ପଡ଼ିବ। ତେଣୁ କିପରି ସେଭଳି ଶଟ୍ ଦେବି ସେନେଇ ଟେନ୍‌ସନରେ ଅଛି। ଚିନ୍ତା କରୁଛି, ପ୍ରଥମେ ଏ ନେଇ ମୋ ମନରେ ଥିବା ଭୟକୁ ଦୂର କରିବି। ତା'ପରେ ହର୍ଷ ରାଇଡିଂ ଶିଖିବି।' ମୃଣାଳଙ୍କୁ ପିଲାଦିନେ ତାଙ୍କର ସାଙ୍ଗମାନେ 'ଗୋଲି' ବୋଲି ଡାକୁଥିଲେ। ସେ ମାସ୍ ମିଡିଆରେ ଡିପ୍ଲୋମା ହାସଲ କରିଛନ୍ତି। ତାଙ୍କର ସବୁଠାରୁ ପ୍ରିୟ ଅଭିନେତା କିଏ ଜାଣନ୍ତି ? ସଲମାନ ଖାନ୍। ନନ୍–ଭେଜ୍ ଖାଦ୍ୟ ଖାଇବାକୁ ସେ ପସନ୍ଦ କରନ୍ତି। ବିଶେଷ ଭାବରେ ଚିଙ୍ଗୁଡିରେ ପ୍ରସ୍ତୁତ ଖାଦ୍ୟ ତାଙ୍କର ଭାରି ପ୍ରିୟ। ମୃଣାଳଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୁପର ୩୦'।

ମୃଣାଳ

ପରଦାରେ ଫାଲ୍‌ଗୁନ ଚୈତ୍ର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଫାଲ୍‌ଗୁନ ଚୈତ୍ର'। ଉକ୍ତ ଚିତ୍ରଟି ଚଳିତ ମାସ ୧୨ରେ ପରଦା ଉପରକୁ ଆସୁଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଶକ୍ତି ଜଗଦ୍ଦେବଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ସହକାରୀ ପ୍ରଯୋଜକ ଏବଂ ନିବେଦକ ଅଛନ୍ତି ଓଲିଡଉ୍ର ସିଙ୍ଗିଙ୍ଗ ଷ୍ଟାର ବାବୁସାନ୍ ମହାନ୍ତି। ଡ. ସୁଲଗ୍ନା ମହାନ୍ତିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ରୁଦ୍ରକାନ୍ତ ସିଂହ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଷେକ–ଈଶାନ୍–କୌଶିକ୍। କେବଳ କାହାଣୀ କିମ୍ବା କଳାକାରଙ୍କ ଅଭିନୟ ନୁହେଁ, ଗୀତଗୁଡିକ ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ। ପାର୍ଥସାରଥି ରାୟ, ଅନନ୍ୟା ମିଶ୍ର ଓ ବିଏମ୍ ବୈଶାଳୀ, ସୁକାନ୍ତ ରଥ, ଚୌଧୁରୀ ଜୟପ୍ରକାଶ ଦାସ, ଭାସ୍ୱତୀ ବସୁ, ପ୍ରଣବ ପ୍ରସନ୍ନ, ମନୀଷା ମରି ଓ ଚନ୍ଦନ ବିଶ୍ୱାଳଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ପାର୍ଥସାରଥି ଜଣେ ଆର୍ଟିଟେକ୍ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ରୂପେ ଭାରତ ସମେତ ଏକକାଳୀନ ୮ଟି ଦେଶ ଯଥା ଅଷ୍ଟ୍ରେଲିଆ, ଜର୍ମାନୀ, ମାଲେସିଆ, ଦୁବାଇ, ଇଂଲଣ୍ଡ, ଆମେରିକା ଓ କାନାଡାରେ ଏହା ମୁକ୍ତିଲାଭ କରିବ।

'ଫାଲ୍‌ଗୁନ ଚୈତ୍ର' ଫିଲ୍ମରେ ପାର୍ଥ

ଉଷସୀ

ଅପେରା ହାଲଚାଲ

ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦିଏ

ଅନ୍ୟତମ ଅଗ୍ରଣୀ ଯାତ୍ରାନୁଷ୍ଠାନ ଯାତ୍ରାଶ୍ରୀ ବିଶ୍ୱଦରବାରର ପ୍ରୋପ୍ରାଇଟର କିଶୋର ମିଶ୍ର। ୨୦୧୪ରେ ସେ ଆରମ୍ଭ କରିଥିଲେ ଏହି ଅପେରା ପାର୍ଟି। ଗତ ୯ବର୍ଷ ମଧ୍ୟରେ ଉକ୍ତ ପାର୍ଟି ଦର୍ଶକାଦୃତ ହେବା ସହ ଜଲିଉଡ୍‌କୁ ଭେଟି ଦେଇଛି ଅନେକ ସୁପରହିଟ୍ ନାଟକ। ଆସନ୍ତା ଯାତ୍ରା ସିଜନକୁ ନେଇ ନିଜ ପାର୍ଟିର ପ୍ରସ୍ତୁତି ବିଷୟରେ କିଶୋର କହନ୍ତି, '୨୦୧୪ରେ ମୁଁ ଯେଉଁ ଆଭିମୁଖ୍ୟ ନେଇ ବିଶ୍ୱଦରବାର ଗଢ଼ିଥିଲି, ତାହା ପୂରଣ ହୋଇଛି। କାରଣ ଆରମ୍ଭରୁ ଏ ପର୍ଯ୍ୟନ୍ତ ମୁଁ କିଭଳି ପେଣ୍ଡାଲରେ ଭଲ ନାଟକ ପରିବେଷଣ କରାଯିବ ସେ ନେଇ ଗୁରୁତ୍ୱ ଦିଏ। ବର୍ଷେ ପୂର୍ବରୁ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ ଚୟନ କରାଯାଇ ନାଟ୍ୟକାର ଏବଂ ନିର୍ଦ୍ଦେଶକଙ୍କ ସହ ମାରାଥନ ବୈଠକ ସହ ନାଟକ ଲେଖାଯାଏ। ଏହି ଧାରା ମୋର ଗତ ୯ ବର୍ଷ ହେଲା ଚାଲିଆସିଛି ଏବଂ ଆଗକୁ ଚାଲିଥିବ। ସେଥିପାଇଁ ମୋ ପାର୍ଟି ଦ୍ୱାରା ପରିବେଷିତ ପ୍ରତିଟି ନାଟକରେ ଥାଏ ସ୍ୱତନ୍ତ୍ରତା। ଏହି ପାର୍ଟି ପରିବେଷିତ 'ଅଙ୍ଗନବାଡି ଦିଦି', 'ସୋନାଗାଛି ଝିଅ ସୋନାଲି', 'ଗୁପ୍ତ ସମ୍ପର୍କ', 'ଆକାଶ କଇଁଆ ଚିଲିକା ମାଛ', 'ବେଶ୍ୟା ପାଲୁଛି ସାବିତ୍ରୀ ବ୍ରତ' ଏବଂ 'ମୃତ୍ୟୁ ପରର ମଣିଷ' ଆଦି ନାଟକ କେତେ ସଫଳ ହୋଇଛି ତାହା କହିବା ଅନାବଶ୍ୟକ। ଆଉ ସେଥିପାଇଁ ବିଶ୍ୱଦରବାର ଆଜି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆସନ୍ତା ଯାତ୍ରା ସିଜନରେ ଆହୁରି ଭଲ ନାଟକ ଉପରେ ଜୋର୍ ଦେବି।' ଆସନ୍ତା ଯାତ୍ରା ସିଜନ ପାଇଁ ଏହି ପାର୍ଟିରେ ଜଲିଉଡ୍‌ର ଅଲରାଉଣ୍ଡର ବାପି ପଣ୍ଡା, ଖଳନାୟକ ସଞ୍ଜୟ ଭୋଳ, ଆଶିଷ, ଗୌର–ସୁକାନ୍ତି (ପାଢ଼ୀ), ଭାରତୀ, ଝୁନା, ମାତନ, ହାସ୍ୟାଭିନେତା ବୁଦ୍ଧିଆ ନନା, ଗୁରୁ ପୃଷ୍ଟି, ପୁଷ୍ପା ପଣ୍ଡାଙ୍କୁ ଦେଖିବାକୁ ମିଳିବ।

କିଶୋର ମିଶ୍ର

ଛୋଟ ପରଦା

ମେଘାଙ୍କ ସ୍ୱପ୍ନ

ଓଡ଼ିଆ ଝିଅ ମେଘା ରାୟ। ନିକଟରେ ତାଙ୍କର ଆଉ ଏକ ଆଶା ପୂରଣ ହୋଇଛି। ଭଦ୍ରକରେ ଜନ୍ମିତା ଏହି ଅଭିନେତ୍ରୀ ବର୍ତ୍ତମାନ ସୋନି ଟିଭିରେ ପ୍ରସାରିତ ହେଉଥିବା ଧାରାବାହିକ 'ସପନୋ କି ଛଲାଙ୍ଗ'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀ ଅନୁସାରେ ରାଧିକା ଯାଦବ ନାମ୍ନୀ ଜଣେ ଝିଅ ନିଜ ସ୍ୱପ୍ନକୁ ପୂରଣ କରିବାକୁ ମୁମ୍ବାଇ ଯାଇଛି। ଶେଷରେ ସେ ନିଜର ସ୍ୱପ୍ନ ହାସଲ କରିବାରେ ସକ୍ଷମ ହୋଇପାରୁଛି କି ? ଏହାର ଉତ୍ତର ରହିଛି ପ୍ରସାରିତ ହେଉଥିବା ଏହି ଧାରାବାହିକରେ। ଏ ନେଇ ମେଘା କହନ୍ତି, 'ଏହି ଧାରାବାହିକର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ। ଧାରାବାହିକଟି ଆରମ୍ଭରୁ ସଫଳତା ସାଉଁଟୁଛି।' ଏହାପୂର୍ବରୁ ଦଙ୍ଗଲ ଟିଭିରେ ପ୍ରସାରିତ 'ରଙ୍ଗ ଯାଉଁ ତେରି ରଙ୍ଗ ମେଁ' ଏବଂ 'ଅପ୍‌ନା ଟାଇମ୍ ଆୟେଗା' (ରାନୀ)ରେ ଅଭିନୟ କରିସାରିଛନ୍ତି।

ମେଘା

ସୁଯୋଗ ଅପେକ୍ଷାରେ

ବର୍ଷା

''ଅଭିନୟ ଏକ ସହଜ କଥା ନୁହେଁ। ହେଲେ ଏଥିରେ ଯେଉଁ ମଜା ରହିଛି ତାହା ଅନୁଭବୀ ହିଁ ଜାଣେ। ପିଲାଟି ଦିନରୁ ମୋର ଏଥିପ୍ରତି ରୁଚି ଥିଲା। ଆଇନା ସାମନାରେ ଠିଆ ହୋଇ ମୁଁ ଆକ୍ଟିଂ କରୁଥିଲି। ଏବେ ଯଦି ମୋତେ ବଡ ପରଦାରେ ସୁଯୋଗ ମିଳେ ତେବେ ନିଜ ଅଭିନୟ ଦକ୍ଷତା ଦେଖାଇ ପାରିବି ବୋଲି କହନ୍ତି ବର୍ଷା ମହାନ୍ତି।'' ବିଶେଷ ଭାବରେ ଟାରୋଟ କାର୍ଡ ରିଡର ଭାବରେ ସେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଏ ନେଇ ସ୍ପେଶାଲ କୋର୍ସ କରିବା ପରେ ତାହାକୁ ଆଧାର କରି ଆଗେଇ ଚାଲିଛନ୍ତି। ନିଜ ବିଷୟରେ ବର୍ଷା କହନ୍ତି, 'ପାଠ ପଢ଼ା ପରେ ମୁଁ ଏ ବିଷୟରେ ଅଧ୍ୟୟନ କରିବାକୁ ସ୍ଥିର କରିଥିଲି। କେବଳ ଟାରୋଟ କାର୍ଡ ରିଡର ନୁହେଁ, କ୍ୟାଣ୍ଡେଲ ମ୍ୟାଜିକ୍ ହିଲିଙ୍ଗ ବିଷୟରେ ଅଭିଜ୍ଞତା ରହିଛି। ତେବେ ବର୍ତ୍ତମାନ ଅଭିନୟ ଉପରେ ଫୋକସ୍ କରିବାକୁ ଚାହୁଁଛି।'

ଶୁଭ ବେଳକୁ ଅପେକ୍ଷା

ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟି'କୁ ନିକଟରେ 'ୟୁ/ଏ' ସାର୍ଟିଫିକେଟ ମିଳିଛି। ଚଳଚ୍ଚିତ୍ର ମହୋତ୍ସବଗୁଡିକରେ ପ୍ରଶଂସା ସାଉଁଟିବା ପରେ ଖୁବ୍ ଶୀଘ୍ର ଏହି ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାନ୍ସଜେଣ୍ଡରଙ୍କ ଜୀବନୀକୁ ନେଇ ଏହି ଚଳଚ୍ଚିତ୍ରଟିକୁ ନିର୍ମାଣ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଜିତେଶ କୁମାର। ଫିଲ୍ମ ବିଷୟରେ ସେ କହନ୍ତି, 'ଏହି ଫିଲ୍ମଟି ଆମ ପାଇଁ ବହୁତ ମହତ୍ତ୍ୱ ରଖେ କାରଣ ଆମେ ଜଣେ କିନ୍ନରଙ୍କ ସଂଘର୍ଷମୟ ଜୀବନର କାହାଣୀ ଭିତରେ ତାଙ୍କ ବିବାହ ଓ ଦେଶର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ୟାବ୍ ଡ୍ରାଇଭର ଭାବେ କାମ କରିବା ଏ ସବୁକୁ ପରଦାରେ ଜୀବନ୍ତ କରିବାକୁ ଚେଷ୍ଟା କରିଛୁ। ଆଶା କରୁ ଫିଲ୍ମଟିର ନିଶ୍ଚୟ ସମାଜ ଉପରେ ସକାରାତ୍ମକ ପ୍ରଭାବ ପଡିବ। କେବଳ ଏକ ଶୁଭ ବେଳାରେ ରିଲିଜ କରିବାକୁ ଯାଉଛୁ।' ଜିତେଶ କୁମାର ଫିଲ୍ମସ, ଆର ଆର ଆର ମୋସନ ପିକ୍ଚର୍ସର ତଥା ବିଘ୍ନହର୍ତ୍ତା ମୁଭିଜ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ମୋହିତ କୁମାର ପୁରୀ ଓ ହିମାଦ୍ରି ତନୟା ଦାସ। ଚିତ୍ରଟିର ବିଭିନ୍ନ ଭୂମିକାରେ ଦେବାଶିଷ ସାହୁ, ଉଷସୀ ମିଶ୍ର, ହର ରଥ, ରଣବୀର କାଲସି ଓ ପ୍ରସନ୍ନଜିତ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୧୧/୨୦୨୩ Bhubaneswar, Thursday, May 11/ 2023

ଏସିଆ କପ୍ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

ଓଡିଶାର ୪ ଖେଳାଳି ସାମିଲ

ନୂଆଦିଲ୍ଲୀ, ୧୦।୫

ଏସିଆ କପ୍ ଜୁନିୟର ମହିଳା ହକି ପାଇଁ ଭାରତୀୟ ଦଳ ଘୋଷିତ

ଆସନ୍ତା ଜୁନ୍ ୨ରୁ ଜାପାନର କାକାମିଗାହରାଠାରେ ଏସିଆ କପ୍ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାରୁ ଗୋଲକିପର ମାଧୁରୀ କିଣ୍ଡୋ, ଡିଫେଣ୍ଡର ଅଞ୍ଜଳି ବାରୱା, ମିଡ୍‌ଫିଲ୍ଡର ଜ୍ୟୋତି ଛତ୍ରୀ, ଫରୱାର୍ଡ ସୁନେଲିତା ଟପ୍ପୋ ସାମିଲ ହୋଇଛନ୍ତି। ପ୍ରୀତି ଭାରତୀୟ ଦଳର ଅଧିନାୟିକା ଓ ଦୀପିକା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତ ପୁଲ୍ 'ଏ'ରେ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ଉଜବେକିସ୍ତାନ ବିପକ୍ଷରେ ଖେଳିବ। ପୁଲ୍ 'ବି'ରେ ଆୟୋଜକ ଜାପାନ, ଚାଇନା, କାଜାଖସ୍ତାନ, ହଂକଂ ଓ ଇଣ୍ଡୋନେସିଆ ସ୍ଥାନ ପାଇଛି। ଜୁନିୟର ଏସିଆ କପ୍ ଭାରତୀୟ ମହିଳା ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୩ ଦଳ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ।

ଜୁନିୟର ଏସିଆ କପ୍ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସହଜ ନ ଥିଲା। କାରଣ କୋର୍ ଗ୍ରୁପ୍‌ରେ ପ୍ରତି ଖେଳାଳି ଏକକୁ ଆରେକ। ତଥାପି ଆମେ ଏକ ଶକ୍ତିଶାଳୀ ଦଳ ଚୟନ କରିଛୁ ବୋଲି ଅନୁଭବ କରୁଛୁ। ଭାରତରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଏହି ଖେଳାଳିମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି ବୋଲି ମୁଖ୍ୟ କୋର୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି। ଜୁନ୍ ୩ରେ ଉଜ୍‌ବେକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୫ରେ ମାଲେସିଆ, ୬ରେ କୋରିଆ ଓ ୭ରେ ଚାଇନିଜ୍ ତାଇପେକୁ ଭେଟିବ। ଜୁନ୍ ୧୦ରେ ସେମିଫାଇନାଲ ଓ ଫାଇନାଲ ୧୧ ତାରିଖରେ ଅନୁଷ୍ଠିତ ହେବ।

ମାଧୁରୀ କିଣ୍ଡୋ

ଜ୍ୟୋତି ଛତ୍ରୀ

ସୁନେଲିତା ଟପ୍ପୋ

ଅଞ୍ଜଳି ବାରୱା

ଭାରତୀୟ ଦଳ

ଗୋଲକିପର୍ସ: ମାଧୁରୀ କିଣ୍ଡୋ, ଅଦିତୀ ମାହେଶ୍ୱରୀ।

ଡିଫେଣ୍ଡର୍ସ: ମହିମା ଟେଟେ, ପ୍ରୀତି (ଅଧିନାୟିକା), ନୀଲମ, ରୋପନି କୁମାରୀ, ଅଞ୍ଜଳି ବାରୱା।

ମିଡ୍‌ଫିଲ୍ଡର୍ସ: ଚୁତଜା ଦାଦାସୋ ପିସାଲ, ମଞ୍ଜୁ ଚୌରାସିଆ, ଜ୍ୟୋତି ଛତ୍ରୀ, ବୈଷ୍ଣବୀ ଭିଥାଲ ଫାଲ୍‌କେ, ସୁଜାତା କୁଜୁର, ମନଶ୍ରୀ ନରେନ୍ଦ୍ର ଶେଦାଗେ।

ଫରୱାର୍ଡ୍ସ: ମୁମ୍‌ତାଜ ଖାଁ, ଦୀପିକା (ଉପ-ଅଧିନାୟିକା), ଦୀପିକା ସୋରେଙ୍ଗ୍, ଅନ୍ନୁ, ସୁନେଲିତା ଟପ୍ପୋ।

ଦିନିକିଆ ବିଶ୍ୱକପ

ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ସମ୍ଭାବନା

ନୂଆଦିଲ୍ଲୀ, ୧୦।୫: ଆସନ୍ତା ଅକ୍ଟୋବର ୫ରୁ ନଭେମ୍ବର ୧୯ ମଧ୍ୟରେ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ଭାରତରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୧୦ଟି ଦଳ ଭାଗନେବେ ଏବଂ ଟୁର୍ନାମେଣ୍ଟ ୪୮ ମ୍ୟାଚ ବିଶିଷ୍ଟ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟସୂଚୀ ଘୋଷଣା କରାଯାଇ ନ ଥିଲେ ହେଁ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଅହମଦାବାଦଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଭାରତ ଏହାର ପ୍ରଥମ ମ୍ୟାଚ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବା ସହିତ ପାକିସ୍ତାନ ବିପକ୍ଷ ବ୍ଲକ୍‌ବଷ୍ଟର ଗେମ୍ ଅକ୍ଟୋବର ୧୫ରେ ଖେଳାଯିବା ସମ୍ଭାବନା ରହିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ବିସିସିଆଇ ପକ୍ଷରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଓ ଭେନ୍ୟୁ ଘୋଷଣା କରାଯିବା ଆଶା କରାଯାଉଛି। ପ୍ରକାଶଯୋଗ୍ୟ ଯେ, ବିଶ୍ୱକପରେ ପାକିସ୍ତାନର ଅଂଶଗ୍ରହଣକୁ ନେଇ ସଂଶୟ ଜାରି ରହିଛି। ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶର ଅଂଶଗ୍ରହଣ ପୂର୍ବରୁ ସ୍ପଷ୍ଟ ହୋଇ ଯାଇଥିବାବେଳେ ବୁଧବାର ଏହି ତାଲିକାରେ ଦକ୍ଷିଣ ଆଫ୍ରିକା ଯୋଡ଼ି ହୋଇଛି। ଆସନ୍ତା ଜୁନ୍-ଜୁଲାଇରେ ଜିମ୍ବାୱେରେ ହେବାକୁଥିବା କ୍ୱାଲିଫାଇଂ ଟୁର୍ନାମେଣ୍ଟରୁ ଅବଶିଷ୍ଟ ୨ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଦୁଇ ପୂର୍ବତନ ଚାମ୍ପିୟନ ଦଳ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଆୟୋଜକ ଜିମ୍ବାୱେ, ନେଦରଲାଣ୍ଡ, ଆୟର୍ଲାଣ୍ଡ, ନେପାଳ, ଓମାନ, ସ୍କଟଲାଣ୍ଡ ଓ ୟୁଏଇ ସହିତ ମୁକାବିଲା କରିବେ।

ସ୍ୱର୍ଣ୍ଣ ବିଜୟିନୀ ଶ୍ୱେତାରାଣୀଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୧୦।୫ (ସ୍ପୋର୍ଟ୍ସ ବ୍ୟୁରୋ)

ରୁଷିଆରେ ଅନୁଷ୍ଠିତ ମସ୍କୋ ଉଷୁ ଷ୍ଟାର ୱାର୍ଲ୍ଡ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ଓଡ଼ିଆ ଝିଅ ଶ୍ୱେତାରାଣୀ ମହାନ୍ତ। ୩ରୁ ୮ ମେ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ୪୮ କିଗ୍ରା ସାଣ୍ଡା ବର୍ଗରେ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜାରବୈଜାନ୍, ଇଣ୍ଡୋନେସିଆ ଓ ରୁଷିଆର ପ୍ରତିଯୋଗୀଙ୍କୁ ପରାସ୍ତ କରିଥିବା ଶ୍ୱେତାରାଣୀ ବୁଧବାର ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ଓଡ଼ିଶା ଉଷୁ ଆସୋସିଏଶନ ଓ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହା ଆମ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ବୋଲି ଉଷୁ ଆସୋସିଏଶନ କୋଷାଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଥିଲେ। ସଭାପତି ଇଂ. ଏସ୍ ଏସ୍ ହରିଚନ୍ଦନ ମଧ୍ୟ ଶ୍ୱେତାରାଣ ଓ ତାଙ୍କ କୋର୍ ପଙ୍କଜ ମହାନ୍ତଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟରେ ଉଷୁ ପାଇଁ ଆବଶ୍ୟକୀୟ ସୁବିଧା ଓ ପ୍ରଶିକ୍ଷଣର ସୁଯୋଗ ନ ଥିଲେ ମଧ୍ୟ ଖେଳାଳି ମାନେ ଯେଉଁଭଳି ଭାବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରୁଛନ୍ତି ତାହା ବେଶ୍ ପ୍ରଶଂସନୀୟ ବୋଲି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ କଶ୍ମୀରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଲିଗ୍ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରି ଶ୍ୱେତାରାଣୀ ଭାରତୀୟ ଦଳରେ ସାମିଲ ହୋଇଥିଲେ। ଭାରତୀୟ ଦଳର ଯାତାୟତ ଖର୍ଚ୍ଚ ସାଇ ବହନ କରିଥିଲା। ଭାରତୀୟ ଉଷୁ ଦଳ ଷ୍ଟାର ୱାର୍ଲ୍ଡ ଚାମ୍ପିୟନଶିପରେ୧୭ ପଦକ ହାସଲ କରିଥିଲା। ଏହା ମଧ୍ୟରେ ୧୦ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ କରି ଉଷୁ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ସାଇ ପକ୍ଷରୁ ନୂଆଦିଲ୍ଲୀରେ ସମସ୍ତ କ୍ରୀଡାବିତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା।

ପୋଡିୟମ ଉପରେ ପୁରସ୍କାର ଗ୍ରହଣ ଅବସରରେ ଶ୍ୱେତାରାଣୀ ମହାନ୍ତ।

ଭୁବନେଶ୍ୱରରେ ବୁଧବାର ପହଞ୍ଚିବାପରେ ଶ୍ୱେତାରାଣୀ ମହାନ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଉଛି।

ଗିରୋ ଡି' ଇଟାଲିଆ

ପେଣ୍ଟ୍ରେ ଜିତିଲେ ଚତୁର୍ଥ ଷ୍ଟେଜ୍

ରୋମ୍, ୧୦।୫

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍ ବିଜେତା ହୋଇଛନ୍ତି ଫ୍ରାନ୍ସର ଓରେଲେନ ପରେଟ-ପେଣ୍ଟ୍ରେ। ଚତୁର୍ଥ (ଇଣ୍ଟରମିଡିଏଟ୍) ଷ୍ଟେଜ୍ ଭେନୋସାଠାରୁ ଲାଗୋ ଲାସେନୋ ପର୍ଯ୍ୟନ୍ତ ୧୭୨ କିଲୋମିଟର ବିଶିଷ୍ଟ ଥିଲା। ଏହାକୁ ଏଜି୨ଆର ସିଟ୍ରୋନ୍ ଟିମ୍‌ର ପେଣ୍ଟ୍ରେ ୪ ଘଣ୍ଟା ୧୬.୦୪ ସେକେଣ୍ଡ ସମୟରେ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ୨ ସେକେଣ୍ଡ ଅଧିକ ସମୟ ନେଇ ଟିମ୍ ଡିଏସ୍‌ଏମ୍‌ର ନରୱେ ରାଇଡର ଆନ୍ଦ୍ରେସ ଲେକ୍‌ନେସୁଣ୍ଡ ଦ୍ୱିତୀୟ ଏବଂ ୫୭ ସେକେଣ୍ଡ ପଛରେ ରହି ଟ୍ରେକ୍-ସେଗାଫ୍ରେଡୋ ଟିମ୍‌ର ଲାଟିଭିଆ ରାଇଡର ଟମ୍ସ ସ୍କୁଜିନ୍ସ ତୃତୀୟ ସ୍ଥାନରେ ରହିଥିଲେ। ଅଟ୍ରିପଲ୍ଟାଠାରୁ ସାଲେର୍ନୋ ପର୍ଯ୍ୟନ୍ତ ୧୭୨ କିଲାମିଟର ବିଶିଷ୍ଟ ରେସ୍ ୫ମ ଷ୍ଟେଜ୍‌ରେ ଅନୁଷ୍ଠିତ ହେବ। ଏହିଠାରୁ ପ୍ରତିଯୋଗିତାର ହିଲି ଷ୍ଟେଜ୍ ଆରମ୍ଭ ହେବ।

ଚେନ୍ନାଇ ପ୍ଲେ ଅଫ୍‌ର ନିକଟତର

ଚେନ୍ନାଇ, ୧୦।୫

ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳା ଯାଇଥିବା ଆଇପିଏଲ୍‌ର ୫୫ ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୨୭ ରନରେ ପରାସ୍ତ କରି ସପ୍ତମ ବିଜୟ ହାସଲ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ୧୨ ମ୍ୟାଚରୁ ସପ୍ତମ ବିଜୟ ସହ ୧୫ ପଏଣ୍ଟ ହାସଲ କରି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ ପ୍ଲେ ଅଫ୍‌ର ନିକଟତର ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ୍‌ର ସମ୍ମାନଜନକ ସ୍କୋର କରଥିଲା। ଜବାବରେ ଦିଲ୍ଲୀ କ୍ୟାପଟାଲ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ବୋଲିଂ ଅନୁକୂଳ ପିଚ୍‌ରେ ଚେନ୍ନାଇ ପକ୍ଷରୁ ଦୁଇ ଓପନର ଋତୁରାଜ ଗାଏକ୍ୱାଡ (୨୪ ରନ୍) ଓ ଡେଭନ କନୱେ(୧୦ ରନ୍) ପ୍ରଥମ ଉଇକେଟରେ ୩୨ ରନ୍ ଯୋଡିଥିଲେ। ଅଜିଙ୍କ୍ୟ ରାହାନେ ୨୧ ରନ୍ କରି ଦଳୀୟ ସ୍କୋର ୭୭ରେ ପହଞ୍ଚାଇ ଥିଲେ। ମୋଇନ୍ ଅଲୀ (୭)ଙ୍କୁ ବାଦ ଦେଲେ ଦଳର ଅନ୍ୟ ସମସ୍ତ ମିଡିଲ ଅର୍ଡର ବ୍ୟାଟର ଦୁଇ ଅଙ୍କ ସ୍କୋରରେ ପହଞ୍ଚିଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତର କରି ପାରି ନ ଥିଲେ। ୭୭ ରନ୍‌ରେ ଦଳ ୪ ଉଇକେଟ ହରାଇଥିଲା। ପରେ ଶିବମ ଦୁବେ ୨୫ ରନ୍‌ର ଇନିଂସ ଖେଳି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଦଳୀୟ ସ୍କୋର ୧୧୩ରେ ଦୁବେ ଓ ୨୩ ରନ୍ କରିଥିବା ଅମ୍ବାତି ରାୟୁଡୁ ଦଳୀୟ ସ୍କୋର ୧୨୬ରେ ଆଉଟ ହେବା ପରେ ଦଳ ସଙ୍କଟରେ ପଡିଥିଲା। ତେବେ ରବୀନ୍ଦ୍ର ଜାଡେଜା ଓ ମହେନ୍ଦ୍ର ସିଂ ଧୋନୀ ୧୮ ବଲରେ ୩୮ ରନ୍ ଯୋଡି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ଧୋନୀ ୯ ବଲ୍ ଖେଳି ୧ ଚୌକା ଓ ୨ ଛକା ସହିତ ୨୦ ରନ୍ ସ୍କୋର କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୧୬ ବଲ୍‌ରୁ ଗୋଟିଏ ଲେଖାଏ ଛକା ଓ ଚୌକା ସହିତ ୨୧ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅକ୍ଷର ପଟେଲ ୨ ଉଇକେଟ, ଲଳିତ ଯାଦବ, ଖଲିଲ ଅହମଦ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶେଷ ଓଭର ବୋଲିଂ କରିଥିବା ମିଚେଲ ମାର୍ଶ ଦୁଇ ଉଇକେଟ ନେବାରୁ ଚେନ୍ନାଇ ମାତ୍ର ୭ ରନ୍ କରି ପାରିଥିଲା। ୧୬୮ ରନ୍ ଲକ୍ଷ୍ୟର ପିଛା କରୁଥିବା ଦିଲ୍ଲୀ ୨୫ ରନ୍‌ଷର ୩ ଉଇକେଟ ହରାଇଥିଲା। ରିଲି ରୋଷୋ (୩୫ ରନ୍) ଓ ଇମ୍ପାକ୍ଟ ଖେଳାଳି ମନୀଷ ପାଣ୍ଡେ(୨୭) ଚତୁର୍ଥ ଉଇକେଟରେ ୫୯ ରନ୍ ଯୋଡିଥିଲେ। ତେବେ ଉଭୟ ଖେଳାଳିଙ୍କ ଷ୍ଟ୍ରାଇକ୍ ରେଟ୍ ୧୦୦ରୁ କମ୍ ରହିଥିଲା। ଉଭୟ ଖେଳାଳି ମାତ୍ର ୫ ରନ୍ ବ୍ୟବଧାନରେ ଆଉଟ ହେବା ପରେ ଦିଲ୍ଲୀର ପରାଜୟ ନିଶ୍ଚିତ ହୋଇଥିଲା। ଶେଷ ଆଡକୁ ଅକ୍ଷର ପଟେଲ ଦ୍ରୁତ ୨୧ ଓ ଲଳିତ ଯାଦବ ୧୨ ରନ୍ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ନଥିଲା। ଚେନ୍ନାଇ ପକ୍ଷରୁ ଦୀପକ ଚହର ଆରମ୍ଭରୁ ଡେଭିଡ ୱାର୍ନର ଓ ଫିଲ ସଲ୍ଟଙ୍କ ଉଇକେଟ ନେଇ ଦିଲ୍ଲୀକୁ ଚାପରେ ରଖିଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ମଥିଷା ପଥିରାନା ୩ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୬୭/୮ (ଶିବମ ଦୁବେ-୨୫, ଋତୁରାଜ ଗାଏକ୍ୱାଡ-୨୪, ଅମ୍ବାତି ରାୟୁଡୁ-୨୩,ମିଚେଲ୍ ମାର୍ଶ-୩/୧୮, ଅକ୍ଷର ପଟେଲ-୨/୨୭, କୁଲଦୀପ ଯାଦବ-୧/୨୮)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୦/୮(ରିଲି ରୋଷୋ-୩୫, ମନୀଷ ପାଣ୍ଡେ-୨୭, ଅକ୍ଷର ପଟେଲ-୨୧, ମଥିଷା ପଥିରାନା-୩/୩୭, ଦୀପକ ଚହର-୨/୨୮, ରବୀନ୍ଦ୍ର ଜାଡେଜା-୧/୧୯)।

ଉଇକେଟ ନେବାପରେ ମିଚେଲ ମାର୍ଶ।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

କୋଲକାତା ବନାମ ରାଜସ୍ଥାନ

ସ୍ଥାନ:କୋଲକାତା, ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ଗୁଜରାଟ ଟାଇଟନ୍ସ	୧୧	୮	୩	୧୬	+୦.୯୫୧
ଚେନ୍ନାଇ ସୁପର କିଙ୍ଗ୍ସ	୧୨	୭	୪	୧୫	+୦.୪୯୩
ମୁମ୍ବାଇ ଇଣ୍ଡିଆନ୍ସ	୧୧	୬	୫	୧୨	-୦.୨୫୫
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୧୧	୫	୫	୧୧	+୦.୨୯୪
ରାଜସ୍ଥାନ ରୟାଲ୍ସ	୧୧	୫	୬	୧୦	+୦.୩୮୮
କୋଲକାତା ନାଇଟ ରାଇଡର୍ସ	୧୧	୫	୬	୧୦	-୦.୦୭୯
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୧୧	୫	୬	୧୦	-୦.୩୪୫
ପଞ୍ଜାବ କିଙ୍ଗ୍ସ	୧୧	୫	୬	୧୦	-୦.୪୪୧
ସନ୍‌ରାଇଜର୍ସ ହାଇଦ୍ରାବାଦ	୧୦	୪	୬	୮	-୦.୪୭୨
ଦିଲ୍ଲୀ କ୍ୟାପିଟାଲ୍ସ	୧୧	୪	୭	୮	-୦.୬୦୫

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

ବ୍ରିଜ୍‌ଭୂଷଣଙ୍କ ଲାଏ ଡିଟେକ୍‌ଶନ ଓ ନାର୍କୋ ଟେଷ୍ଟ ଦାବି

ନୂଆଦିଲ୍ଲୀ, ୧୦।୫(ପି.ଟି.)

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି ଦେଶର ଟପ୍ ରେସ୍‌ଲର। ୧୫ ଦିନରୁ ଅଧିକ ଦିନ ଧରି ଧାରଣାରେ ବସିଥିବା ଖେଳାଳିମାନେ ବୁଧବାର ବ୍ରିଜ୍‌ଭୂଷଣଙ୍କ ଲାଏ ଡିଟେକ୍‌ଶନ ଓ ନାର୍କୋ ଟେଷ୍ଟ କରିବା ପାଇଁ ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ ଟେଷ୍ଟ କରିବା ପାଇଁ ଖେଳାଳିମାନେ ଦାବି କରିଛନ୍ତି। ଅଲିମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିନେଶ ଫୋଗତ ଧାରଣାରେ ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା ଖେଳାଳି ଯୌନ ଶୋଷଣର ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି। କିଛି ଲୋକ ବ୍ରିଜ୍‌ଭୂଷଣଙ୍କୁ ସମର୍ଥନ କରୁଛନ୍ତି ଏବଂ ଖେଳାଳିମାନେ ମିଛ କହୁଛନ୍ତି ବୋଲି ମଧ୍ୟ କହୁଛନ୍ତି। ତେଣୁ ଡବ୍ଲ୍ୟୁଏଫ୍‌ଆଇ ସଭାପତି ଓ ଖେଳାଳିମାନଙ୍କର ଲାଏ ଡିଟେକ୍‌ଶନ ଟେଷ୍ଟ ଓ ନାର୍କୋ ଟେଷ୍ଟ କରାଯାଉ। ଯିଏ ବି ମିଛ କହୁଥିବ ତାଙ୍କୁ ଫାଶୀ ଦିଆଯାଉ ବୋଲି ସାକ୍ଷୀ ମଲିକ କହିଛନ୍ତି। ଏହା ସହିତ ଯେଉଁଭଳି ଭାବେ ୨୦୧୨ ନିର୍ଭୟା ମାମଲାରେ ଦେଶର ମହିଳାମାନେ ଆଗକୁ ଆସିଥିଲେ ସମାନ ଭାବରେ ରେସ୍‌ଲରମାନଙ୍କୁ ସମର୍ଥନ ମିଳିବା ଉଚିତ ବୋଲି ସେ କହିଛନ୍ତି। ଯଦି ଏହି ଲଢେଇରେ ଆମର ବିଜୟ ହେଉଛି ଏହା ସମାଜକୁ ଏକ ଭଲ ବାର୍ତ୍ତା ପ୍ରଦାନ କରିବ। ଯଦି ବ୍ରିଜ୍‌ଭୂଷଣ ବିଜୟୀ ହେଉଛନ୍ତି ତେବେ ଦେଶରେ କୁସ୍ତି ୫୦ ବର୍ଷ ପଛକୁ ଚାଲିଯିବ ବୋଲି ସେ

ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, May 11/2023 Page 20 ₹ 7.00

ଚିକିତ୍ସା ବେଳେ ମହିଳା ଡାକ୍ତରଙ୍କୁ ହତ୍ୟା

କୋଲାମ/ଥିରୁଭାନନ୍ତପୁରମ୍, ୧୦।୫

କେରଳ କୋଲାମ ଜିଲାର ଏକ ହସ୍ପିଟାଲରେ ବୁଧବାର ଜଣେ ରୋଗୀ ୨୩ ବର୍ଷୀୟା ମହିଳା ଡାକ୍ତରଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି। ଅଭିଯୁକ୍ତ ସନ୍ଦିପ୍ ତାଙ୍କ ପରିବାର ସଦସ୍ୟଙ୍କ ସହ ମାଡ଼ପିଟ୍ କରି ଆହତ ହୋଇଥିଲେ। ମହିଳା ଡାକ୍ତର ବନ୍ଦନା ଦାସ ତାଙ୍କ ଗୋଡ଼କୁ ଡ୍ରେସିଂ କରୁଥିଲେ। ଏହି ସମୟରେ ସନ୍ଦିପ୍ ଉତ୍କ୍ଷିପ୍ତ ହୋଇ ଡାକ୍ତରଙ୍କ ସମେତ ସେଠାରେ ଥିବା ଲୋକଙ୍କୁ କଇଞ୍ଚି ଓ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ଡା. ଦାସଙ୍କର କିଛି ସମୟ ପରେ ମୃତ୍ୟୁ ଘଟିଥିଲା। ସନ୍ଦିପଙ୍କ ସହ ଥିବା ପୋଲିସ କର୍ମଚାରୀ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି। ଜଣେ ଯୁବ ଡାକ୍ତରଙ୍କୁ

ହାଇକୋର୍ଟଙ୍କ ଉଦ୍‌ବେଗ

ହତ୍ୟା ଘଟଣାରେ କେରଳ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ ଓ ସରକାରଙ୍କ ବିଫଳତାରୁ ଏଭଳି ହତ୍ୟାକାଣ୍ଡ ଘଟିଲା। ଡାକ୍ତରଙ୍କୁ ସୁରକ୍ଷା ଦେବାରେ ସରକାର ଓ ପୋଲିସ ବିଫଳ ହୋଇଥିବାରୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି।

ଡାକ୍ତରଙ୍କ ମୃତ୍ୟୁ ଘଟଣାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଦୁଃଖପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଯନ୍ତ୍ରଣାଦାୟକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡ୍ୟୁଟିରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆକ୍ରମଣ ଆଦୌ ଗ୍ରହଣୀୟ

ବନ୍ଦନା ଦାସ

ନୁହେଁ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଆକ୍ରମଣ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜୟନ କହିଛନ୍ତି। ଡାକ୍ତର ହତ୍ୟା ପ୍ରତିବାଦରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ଏବଂ କେରଳ ସରକାରୀ ମେଡିକାଲ ଅଫିସର ଆସୋସିଏଶନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେରଳ ରାଜ୍ୟ ମାନବାଧିକାର କମିଶନ ଘଟଣାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରି କୋଲାମ ଜିଲା ପୋଲିସ ମୁଖ୍ୟଙ୍କଠାରୁ ୭ ଦିନ ମଧ୍ୟରେ ରିପୋର୍ଟ ତଲବ କରିଛି। ଡାକ୍ତର ଜଣକ ହାଉସ ସର୍ଜନ ହୋଇଥିବାରୁ ଅନଭିଜ୍ଞ ଥିଲେ ଏବଂ ଆକ୍ରମଣ ସମୟରେ ଡରିଯାଇଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିବା ପରେ ଏହାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଭଳି ବିବୃତିକୁ ରାଜ୍ୟ କଂଗ୍ରେସ ସଭାପତି କେ. ସୁଧାକରନ ସମାଲୋଚନା କରିଛନ୍ତି।

ପୁରୀ ରଥଖଳାରେ ବୁଧବାର ରଥଚକ ନିର୍ମାଣ କାର୍ଯ୍ୟ କରାଯାଉଛି।

କିଶୋର ବାସା ଏଏସ୍‌ଆଇ ମହାନିର୍ଦ୍ଦେଶକ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ ନୃତତ୍ତ୍ୱବିଦ୍ ତଥା ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ)ର ଅଧ୍ୟକ୍ଷ ପ୍ରଫେସର କିଶୋର କେ ବାସାଙ୍କୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥାର ମହାନିର୍ଦ୍ଦେଶକ (ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଏସ୍‌ଆଇର ନିୟମିତ ମହାନିର୍ଦ୍ଦେଶକ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ଜନ୍ମିତ ବାସା ୧୯୭୩ରେ ମାଟ୍ରିକ ଟପ୍ପର ହୋଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ପରେ ୧୯୯୧ରେ ଲଣ୍ଡନ ୟୁନିଭର୍ସିଟିରୁ ପିଏଚ୍‌ଡି ହାସଲ କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ମୁଖ୍ୟ ଭାବେ କିଛିବର୍ଷ କାର୍ଯ୍ୟ କରିଥିଲେ। ଗତ ବର୍ଷ ନଭେମ୍ବରରେ ଏନ୍‌ଏମ୍‌ଏର ଅଧ୍ୟକ୍ଷ ଭାବରେ ନିଯୁକ୍ତ ବାସା ଓଡିଶାର ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଥିଲେ। ସେ ଇଣ୍ଡିଆନ ନ୍ୟାଶନାଲ କନ୍‌ଫେଡେରେଶନ ଏବଂ ଏକାଡେମୀ ଅଫ୍ ଆର୍ଚ୍ଚୋପୋଲୋଜିଷ୍ଟର ଚେୟାରମ୍ୟାନ ମଧ୍ୟ ଥିଲେ।

ଟ୍ରମ୍ପଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ପ୍ରମାଣିତ

ନ୍ୟୁୟର୍କ, ୧୦।୫

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୯୦ ଦଶକରେ ଏକ ମାଗାଜିନ୍‌ର ଲେଖିକା ଇ. ଜିନ୍ କାରୋଲଙ୍କୁ ଯୌନ ନିର୍ଯାତନା ଦେଇଥିବା ପ୍ରମାଣିତ ହୋଇଥିବା ଜୁରୀ କହିଛନ୍ତି। ପରେ ଟ୍ରମ୍ପ ତାଙ୍କୁ ମିଛେଇ ଆଖ୍ୟା ଦେଇ ତାଙ୍କ ମର୍ଯ୍ୟାଦା ହାନି କରିଥିଲେ। ଏଥିପାଇଁ ଲେଖିକାଙ୍କୁ ୫ ନିୟୁତ ଡଲାର ପୈଠ କରିବାକୁ ଜୁରୀ ଟ୍ରମ୍ପଙ୍କୁ କହିଛନ୍ତି। ଜୁରୀଙ୍କ ରାୟ ପରେ କାରୋଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶେଷରେ

ଡୋନାଲ୍ଡ ଟ୍ରମ୍ପ୍

ସତ କ'ଣ ତାହା ବିଶ୍ୱ ଜାଣିଲା। ଏହି ବିଜୟ କେବଳ ତାଙ୍କର ନୁହେଁ, ନିର୍ଯାତନାର

ଲେଖିକା କାରୋଲଙ୍କୁ ଦେବେ ୫ ନିୟୁତ ଡଲାର

ଶିକାର ହେଉଥିବା ପ୍ରତ୍ୟେକ ମହିଳାଙ୍କର ବୋଲି କାରୋଲ କହିଛନ୍ତି। ରାୟ ବିରୋଧରେ ଟ୍ରମ୍ପ୍ ଉଚ୍ଚତର କୋର୍ଟରେ ଅପିଲ୍ କରିବେ ବୋଲି ମାନ୍‌ହାଟନ ଫେଡେରାଲ କୋର୍ଟହାଉସ୍ ବାହାରେ ତାଙ୍କ ଓକିଲ ଜୋସେଫ ଟାକୋପିନା ଖବରଦାତାମାନଙ୍କୁ କହିଛନ୍ତି। ବିଚାର ପ୍ରକ୍ରିୟା ବେଳେ ୭୯ ବର୍ଷୀୟା କାରୋଲ କହିଥିଲେ, ୧୯୯୫ କିମ୍ବା ୧୯୯୬ରେ ଟ୍ରମ୍ପ୍ ତାଙ୍କୁ ମାନହାଟନର ଏକ ବେର୍ଡୋର୍ଫ ଗୁଡ୍‌ମ୍ୟାନ ଡିପାର୍ଟମେଣ୍ଟ ଷ୍ଟୋର ଡ୍ରେସିଂ ରୁମ୍‌ରେ ବଳାତ୍କାର କରିଥିଲେ। ପରେ ୨୦୨୨ ଅକ୍ଟୋବରରେ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଅଭିଯୋଗକୁ ମିଛ, ମନଗଢ଼ା ଓ ସମ୍ପୂର୍ଣ୍ଣ ଠକ କାର୍ଯ୍ୟ ବୋଲି ଉଲ୍ଲେଖ କରି ତାଙ୍କ ମର୍ଯ୍ୟାଦା ହାନି କରିଥିଲେ ବୋଲି

☞ପୃଷ୍ଠା–୭

DSPL-35

ଓଡ଼ିଶା ସରକାର | स्वच्छ भारत एक कदम स्वच्छता की ओर

ସ୍ୱଚ୍ଛ ଓଡ଼ିଶା ‖ ସୁସ୍ଥ ଓଡ଼ିଶା

ଗ୍ରାମୀଣ ପରିମଳ ଯୋଜନାରେ ସରକାରୀ ସହାୟତାରେ
ପ୍ରତ୍ୟେକ ଘରକୁ ପାଇଖାନା ଏବଂ ଏକକ ଟାଙ୍କି ପାଇଖାନାକୁ
ଦୁଇ ଟାଙ୍କି ବିଶିଷ୍ଟ ପାଇଖାନାରେ ପରିଣତ କରିବା ବ୍ୟବସ୍ଥା

୧ ନୂତନ ପାଇଖାନା ନିର୍ମାଣ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁଛି ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ।

୨ ଏକକ ପାଇଖାନା ଟାଙ୍କିକୁ ଦୁଇ ଟାଙ୍କି ବିଶିଷ୍ଟ କରିବା ପାଇଁ ୩ ହଜାର ୫ ଶହ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।

- ଦୁଇ ଟାଙ୍କି ବିଶିଷ୍ଟ ପାଇଖାନା ସୁବିଧାଜନକ ବାରମ୍ବାର ଟାଙ୍କି ସଫା କରିବା ଦରକାର ନାହିଁ ।
- ଶୁଖିଲା ମଳ ସାର ଭାବରେ ଜମିରେ ବ୍ୟବହାର କରାଯାଇ ପାରିବ ।

୩ ଏ ସୁବିଧା ପାଇବାପାଇଁ ଆପଣଙ୍କ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।





ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-19001/13/0002/2324

‖ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗଙ୍କ ଦ୍ୱାରା ଜନହିତରେ ପ୍ରକାଶିତ‖

Bhubaneswar Municipal Corporation

Ph. No.: 0674-2431253, email: info@bmc.gov.in

No. 19045/ BMC
XIV-80/20

Date: 21.04.2023

ବିଜ୍ଞାପନ

No. XXXIII-03: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଭୁବନେଶ୍ୱର ମହାନଗର ନିଗମ, ମହାନଗରର ଏକ ମହତ୍ ସର୍ବସାଧାରଣ ଉଦ୍ଦେଶ୍ୟରେ ଡ୍ରେନର ନିର୍ମାଣ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ମୌଜାର ୧୦୪୮ ଗୋଟି ଘରୋଇ ଜମି ସିଧାସଳଖ କ୍ରୟ ମାଧ୍ୟମରେ ଅଧିଗ୍ରହଣ କରିବାକୁ ଯାଉଅଛି । ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଏହି ମହତ୍ କାର୍ଯ୍ୟ ନିମନ୍ତେ ଉକ୍ତ ଜମିରେ ମାଲିକାନା ବା ଦାବିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କର ଏକାନ୍ତ ସହଯୋଗ ଓ ସହମତିର ଆବଶ୍ୟକ ଅଛି । ତେଣୁ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିଜ ନିଜର ଲିଖିତ ସହମତି ମହାନଗର ନିଗମର ଭୂ-ଉପ ବିଭାଗରେ ପ୍ରଦାନ କରିବା ପାଇଁ ବିଶେଷ ଅନୁରୋଧ କରାଯାଉଅଛି । ସମ୍ପୃକ୍ତ ଜମିର ବିବରଣୀ ସାରଣୀ – ''କ''ରେ ସଂଲଗ୍ନ କରାଯାଇଅଛି । ଯଦି କୌଣସି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର ଉକ୍ତ ଜମିର ମାଲିକାନାର ସ୍ୱତ୍ୱ ନେଇ କୌଣସି ଆପତ୍ତି ଅଭିଯୋଗ ଥାଏ, ସେମାନେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ନିମ୍ନ ଠିକଣାରେ ସେମାନଙ୍କର ଅଭିଯୋଗ ପ୍ରେରଣ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଆପତ୍ତି ଅଭିଯୋଗ ପଠାଇବାର ଠିକଣା ହେଲା ଉପ-ଆୟୁକ୍ତ (ଭୂ-ବିଭାଗ), ଭୁବନେଶ୍ୱର ମହାନଗର ନିଗମ, BMC-ICOMC Tower, ସତ୍ୟନଗର, ଜନପଥ, ୟୁନିଟ-୯, ଭୁବନେଶ୍ୱର – ୭୫୧୦୦୭ । ଯୋଗାଯୋଗ: Email Id: **dcland@bmc.gov.in.**

ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./ – ଉପ ଆୟୁକ୍ତ (ଭୂ-ବିଭାଗ)
ଭୁବନେଶ୍ୱର ମହାନଗର ନିଗମ

ସାରଣୀ – ''କ''

Details Status of Land for Acquisition of "Storm Water Drain" by BMC

Sl. No.	Mouza	Khata No.	Plot No.	Kissam	Total Area	Required Area	Name of the RTs
1	Shankarpur	1585	431	Sarada Anajalasechi-II	0.230	0.060	Laxmidhara Sethi, Ramachandra Sethi, Aparti Sethi, Karunakara Sethi, Panchu Sethi, S/o. Gobinda Sethi, Osha Sethi, W/o. Gobinda Sethi, Gopinath Sethi, Madhu Sethi, S/o. Ananta Sethi, Kedar Sethi, S/o. Basu Sethi, Cast-Dhoba, Ghatikia
2	Shankarpur	1416	432	Sarada Anajalasechi-II	0.187	0.050	Joginath Sundara, Bhagaban Sundara, Golekh Sundara, W/o. Shreedhara Sundara, Cast: Khandayat, Aiginia
3	Shankarpur	2074/ 1538	432/ 9689	Gharabari	0.050		Rashmi Ranjan Mishra, W/o. Chandra Sekhar Mishra, Cast: Brahman, Tamala Sasan, Kendrapara
4	Shankarpur	2074/ 2407	432/ 18235	Sarada Anajalasechi-II	0.048		Bishnu Prasad Mishra, S/o. Ram Chandra Mishra, Plot No-202, Secon Floor, Gulmahara, Nayapalli
5	Shankarpur	2074/ 298	427	Sarada Anajalasechi-II	0.025	0.025	Kailash Chandra Das, S/o. Mohan Das, Aiginia, Khandagiri, Khordha
6	Shankarpur	2074/ 299	427/ 4510	Sarada Anajalasechi-II	0.040		Subash Chandra Das, Upendra Das, S/o. Krushna Chandra Das, Plot No-112, Kolathia, Khandagiri, Khordha
7	Shankarpur	2074/ 298	433	Sarada Anajalasechi-II	0.023	0.023	Kailash Chandra Das, S/o. Mohan Das, Aiginia, Khandagiri, Khordha
8	Shankarpur	2074/ 299	433/ 4511	Sarada Anajalasechi-II	0.023		Subash Chandra Das, Upendra Das, S/o. Krushna Chandra Das, Plot No-112, Kolathia, Khandagiri, Khordha
9	Shankarpur	1672	433/ 4163	Sarada Anajalasechi-II	0.073	0.043	Sibaprasad Sangram Singh, W/o. Bhaskar Chandra Sangram Singh, Plot No-1304, Siripur, Khandagiri, Khordha
10	Shankarpur	307	427/ 3685	Gharabari	0.067	0.017	Kailash Chandra Das, S/o. Mohan Das, Aiginia, Khandagiri, Khordha
11	Shankarpur	271	427/ 3686	Sarada Anajalasechi-II	0.132	0.023	Krushna Chandra Das, S/o. Kelu Das, Aiginia, Khandagiri
12	Shankarpur	1528	421	Sarada Anajalasechi-II	0.050	0.070	Ramachandra Das, S/o. Kailash Chandra Dash, Aiginia, Khandagiri
13	Shankarpur	1528	421/ 10303	Gharabari	0.245		Ramachandra Das, S/o. Kailash Chandra Dash, Aiginia, Khandagiri
14	Shankarpur	1528	426	Gharabari	0.193	0.010	Ramachandra Das, S/o. Kailash Chandra Dash, Aiginia, Khandagiri
15	Shankarpur	2074/ 334	426/ 3355	Gharabari	0.051		Girija Naik, W/o. Bimbadhar Srichandan, Malipada, Jankia, Khordha
16	Shankarpur	2074/ 206	426/ 4033	Gharabari	0.065		Parbati Sahoo, W/o. Bijay Kumar Sahoo, Plot No-1164, Nayapalli
17	Shankarpur	1528	613/ 3337	Sarada Anajalasechi-II	0.080	0.005	Ramachandra Das, S/o. Kailash Chandra Dash, Aiginia, Khandagiri
18	Shankarpur	1528	560	Sarada Anajalasechi-II	0.180	0.008	Ramachandra Das, S/o. Kailash Chandra Dash, Aiginia, Khandagiri
19	Shankarpur	1528	561	Sarada Anajalasechi-II	0.370	0.067	Ramachandra Das, S/o. Kailash Chandra Dash, Aiginia, Khandagiri
20	Shankarpur	1528	420	Gharabari	0.124	0.013	Ramachandra Das, S/o. Kailash Chandra Dash, Aiginia, Khandagiri
21	Shankarpur	1528	543	Sarada Anajalasechi	0.245	0.065	Ramachandra Das, S/o. Kailash Chandra Dash, Aiginia, Khandagiri
22	Shankarpur	1528	562/ 3190	Sarada Anajalasech	0.090	0.030	Ramachandra Das, S/o. Kailash Chandra Dash, Aiginia, Khandagiri
23	Shankarpur	2074/ 2282	424	Sarada Anajalasech	0.260	0.023	Biswanath Mohapatra, S/o. Sankar Mohapatra, Ghatikia, Khordha
24	Shankarpur	2046	425	Sarada Anajalasech	0.010	0.042	Harischandra Bhuyan, S/o. Nabin Chandra Bhuyan, Ghatikia, Khordha
25	Shankarpur	2046	425/ 10013	Gharabari	0.175		Harischandra Bhuyan, S/o. Nabin Chandra Bhuyan, Ghatikia, Khordha
26	Shankarpur	1340	426/ 3339	Sarada Anajalasech-II	0.020	0.033	Mamata Rout, W/o. Prasanna Kumar khuntia, Nandhana, Khordha
27	Shankarpur	1340	426/ 3339/ 4520	Gharabari	0.180		Mamata Rout, W/o. Prasanna Kumar khuntia, Nandhana, Khordha
28	Shankarpur	1378	405/ 3596	Sarada Anajalasech-II	0.105	0.010	Mamina Behera, D/o-Akula Charan Behera, Batis, Kendrapada
29	Shankarpur	660	399	Sarada Anajalasech-II	0.030	0.013	Dhaneswar Sahoo, Ghanashyam Sahoo, S/o. Gobinda Sahoo, Banguary, Ramachandra Das, Kailash Chandra Das, S/o. Mahani Das
30	Shankarpur	660	399/ 3945	Sarada Anajalasech-II	0.025	0.005	Dhaneswar Sahoo, Ghanashyam Sahoo, S/o. Gobinda Sahoo, Banguary, Ramachandra Das, Kailash Chandra Das, S/o. Mahani Das
31	Shankarpur	1176	400	Gharabari	0.126	0.030	Bishnupriya Paltasingh, W/o. Niranjan Mansingh, Kewranda Tangi, Ranpur, Nayagarh
32	Shankarpur	662	403	Sarada Anajalasech-II	0.515	0.032	Dhira Das, W/o. Narayan Das, Ghatikia
33	Shankarpur	612	581	Sarada Anajalasech-II	0.137	0.032	Dukhishyama Behera, S/o. Uchhaba Behera, Ghatikia
34	Shankarpur	1865	581/ 3980	Sarada Anajalasech-II	0.019	0.019	Sasmita Sahoo, W/o.Samruti Ranjan Sahoo, Banki, Hati, Cuttack
